ٹائیٹل بار اوّل

# برکات الدعا

سیّد احمد خان صاحب کے سی ایس آئی

کے خیالات کے رد مین

جسکو مجدد زمان و مسیح دوران مرزا غلام احمد صاحب نے تالیف کر کے بغرض فائدہ عام

مطبع ریاض ہند قادیان مین باہتمام شیخ نور احمد صاحب طبع کرا کر بماہ رمضان المبارک

سنہ ۱۳۱۰ شایع کیا

تعداد نسخہ ۱۴۰۰

قیمت فی نسخہ ۳/

# ପ୍ରାର୍ଥନାର ଆଶୀଷ

## (ବରକାତୁଦ୍ ଦୁଆ)


ଲେଖକ:

**ହଜରତ ମିର୍ଜା ଗୁଲାମ ଅହମଦ**ଅସ

ପ୍ରତିଶ୍ରୁତ ମସିହ ଓ ମେହଦି

# ପ୍ରାର୍ଥନାର ଆଶୀଷ

ମୂଳ ଉର୍ଦ୍ଦୁ : **'ବରକାତୁଦ୍ ଦୁଆ'**

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅସ, ପ୍ରତିଶ୍ରୁତ ମସିହ ଓ ମେହଦି
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଓଡ଼ିଆ ରୂପାନ୍ତର: **ମୌ. ଅନୱ୍ୱର ଅହମଦ ଖାନ୍**, ଏଚ.ଏ.

ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୦, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)

## PRARATHANARA AASISA
**'Barkatud Dua'**

*Author of the Book* : **Hadhrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at

*Translated to Odia* : **Mlv. Anwar Ahmad Khan**,
H.A. M.A., Missonary

*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516

*Year of Publication* : 2020, First Edition in Odia (1000 copies)

*Printed at* : Fazle Umar Printing Press, Qadian (India)

*No part of this translation and commenrtary may be reprduced in any form without prior permission from the Publisher, except for the quotation of brief passages in criticism.*

**ISBN:**

# ପ୍ରକାଶକଙ୍କ ମନ୍ତବ୍ୟ

ପ୍ରାସଙ୍ଗୀକତାକୁ ଦୃଷ୍ଟିରେ ରଖି ଏହି ପୁସ୍ତକର ଲେଖକ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଉଲ୍ଲେଖ କରିଛନ୍ତି ଯେ ସେ ଐଶୀ ନିର୍ଦ୍ଦେଶ କ୍ରମେ ନିଜକୁ ପ୍ରତିଶ୍ରୁତ ମସିହ ଓ ମେହଦୀ ତଥା ଆଧ୍ୟାତ୍ମିକ ଚିକିତ୍ସକ ଓ ପ୍ରଶିକ୍ଷକ ରୂପେ ଦାବୀ ଉପସ୍ଥାପନ କରିବା ସହିତ ପ୍ରାର୍ଥନା ଗ୍ରୁହୀତ ହେବା ପ୍ରସଙ୍ଗରେ ନାସ୍ତିକବାଦୀମାନଙ୍କର ଯେଉଁ ଭ୍ରମ ଧାରଣା ରହିଛି, ତାହା ଦୂରୀଭୂତ ହୋଇ ପ୍ରଭୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ସ୍ଥାପନ ହେବ ଏବଂ ସେମାନେ ଏହାର ପ୍ରମାଣକୁ ଦେଖି ଆଶ୍ୱସ୍ତ ହେବେ । ସୟଦ ଅହମଦ ଖାନ୍ ସାହେବ ସି.ଏସ.ଆଇଙ୍କର ପତ୍ରିକା 'ଅଦ୍‌ଦୁଆ ୱ୍ୱଇସ୍‌ତେଜାବାଃ' ଏବଂ ପତ୍ରିକା 'ତହରିର୍ ଫିଓ୍ୱସୁଲୁଲ୍ ତଫସିର୍' ଉପରେ ଏକ ଦୃଷ୍ଟିପାତ କରାଯାଇଛି । ସୁତରାଂ ଏହି ଦୃଷ୍ଟିରୁ ପାଠକମାନଙ୍କୁ ନିବେଦନ ଯେ ଏହି ପୁସ୍ତକକୁ ଧ୍ୟାନପୂର୍ବକ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ହଜରତ ଅହମଦ[ଅସ]ଙ୍କ ଦ୍ୱାରା ପ୍ରଣୀତ ଶିକ୍ଷାବଳୀ ଅନୁଯାୟୀ ଯଥାସାଧ୍ୟ ନିଜ ଜୀବନ ଅତିବାହିତ କରନ୍ତୁ ।

ଓଡ଼ିଆ ଭାଷାରେ ଅନୁବାଦିତ ଏହି ପୁସ୍ତକ 'ପ୍ରାର୍ଥନାର ଆଶୀଷ'ର ପ୍ରଥମ ସଂସ୍କରଣ ପ୍ରକାଶିତ କରିବା ପାଇଁ କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ କାଦିୟାନ, ଅହମଦିୟା ସମ୍ପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫାଙ୍କ ସଦୟ ସ୍ୱୀକୃତି ଲାଭ କରିଛନ୍ତି । ଏହାର ଅନୁବାଦ ମୌଲବୀ ଅନୱ୍ୱର ଅହମଦ ଖାନ୍ ଇନଚାର୍ଯ୍ୟ ଓଡ଼ିଆ ଡ଼େସ୍କ, ଏଚ.ଏ ଏବଂ ଏହାର ସମୀକ୍ଷା, ସଂଶୋଧନ ତଥା ଶବ୍ଦ ଅଳଙ୍କରଣ କାର୍ଯ୍ୟ ଇଂ. ରୌଶନ୍ ଖାନ୍ ଅଧକ୍ଷ ରିଭ୍ୟୁ କମିଟି, ଓଡ଼ିଶାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଈଶ୍ୱର ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହି ପୁସ୍ତକଟି ପାଠକମାନଙ୍କ ସତ୍‌ମାର୍ଗ ପ୍ରାପ୍ତିର ସାଧନ ହେଉ । ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଭବଦୀୟ
**ହାଫିଜ ମଖଦୁମ୍ ଶରିଫ୍**
ନାଜର ନଶରୋ ଇଶାଅତ୍
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ବିଭାଗ

# ଆଭିମୁଖ୍ୟ

ଇସଲାମ ଏକ ଜୀବିତ ଧର୍ମ, ଯାହା ମାନବଜାତିକୁ ଜୀବନ୍ତ ଈଶ୍ୱରଙ୍କ ପ୍ରତି ମାର୍ଗଦର୍ଶନ କରିଥାଏ । ବିଶ୍ୱର ଧର୍ମମାନଙ୍କ ପ୍ରତି ଦୃଷ୍ଟି ପକାଇଲେ ଏବି ବିଷୟ ଦିବାଲୋକ ପରି ସ୍ୱଷ୍ଟ ହୋଇଯାଏ ଯେ ସେମାନେ ନିଜ ନିଜର ଅବତାରଙ୍କ ପ୍ରଦତ୍ତ ଶିକ୍ଷାଗୁଡିକୁ ଭୁଲି ଯାଇଛନ୍ତି । ଏହାର ଫଳ ସ୍ୱରୂପ ସେମାନେ ନିଜର ପ୍ରକୃତ ହର୍ତ୍ତାକର୍ତ୍ତା ଓ ଦୈବ ବିଧାତାଙ୍କ ଚିରଶାଶ୍ୱତ ଗୁଣାବଳୀକୁ ପ୍ରଭାବଶୂନ୍ୟ ଓ ନିଷ୍କ୍ରିୟ ବୋଲି ଧରି ନେଇଛନ୍ତି । ବିଭିନ୍ନ ପ୍ରକାର ଅପବାଦର ବଶବର୍ତ୍ତୀ ହୋଇ ପଥଭ୍ରଷ୍ଟତା, ଅନେକଶ୍ୱରବାଦ, ବହୁଈଶ୍ୱର ପୂଜା ତଥା ଅପକର୍ମର ଶୀକାର ହୋଇଛନ୍ତି । ଏପରିକି ନିଜ ଭବିଷ୍ୟତ ବଂଶଧରଙ୍କୁ ମଧ୍ୟ ନାସ୍ତିକତାର ଅନ୍ଧକାର ଗହ୍ୱରକୁ ଠେଲି ଦେଇଛନ୍ତି ।

ପରମେଶ୍ୱରଙ୍କର ଆମମାନଙ୍କ ପ୍ରତି ଏହା ଅପାର ଅନୁଗ୍ରହ ଯେ ସେ ଆମମାନଙ୍କୁ ଇସଲାମ ପରି ଏକ ସ୍ୱଭାବଗତ ଧର୍ମ ମାଧ୍ୟମରେ ନିଜ ଅସ୍ତିତ୍ୱର ପରିଚୟ ପ୍ରଦାନ କରିଛନ୍ତି । ତତ୍‌ସହିତ ହଜରତ ମୁହମ୍ମଦ[ସଅ] ସେହି ମହାନ ଓ ପରମସତ୍ତାଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ମାନବଜଗତକୁ ନାସ୍ତିକତାରୁ ଉଦ୍ଧାର କରି ଜୀବିତ ଈଶ୍ୱରଙ୍କ ଛାମୁରେ ଆଣି ସମର୍ପିତ କରିଦେଲେ ।

ଚଳିତ ଯୁଗରେ ପୁଣି ଥରେ ସେହି ପ୍ରକୃତ ଉପାସ୍ୟଙ୍କ ନିକଟରୁ ଲୋକମାନେ ଦୁରେଇ ଯାଉଛନ୍ତି । ଅଣଧର୍ମୀମାନଙ୍କର କଥା ଦୂରେ ଥାଉ, ଇସଲାମର ବଡ଼ ପଣ୍ଡାମାନେ ମଧ୍ୟ ଈଶ୍ୱରଙ୍କୁ ତାଙ୍କର ଚିରନ୍ତନ ନୈସର୍ଗୀକ ଗୁଣାବଳୀରେ ନିଷ୍କ୍ରିୟ ଓ ପ୍ରଭାବହୀନ ହୋଇ ଯାଉଥିବାର ଦର୍ଶାଉଛନ୍ତି । ସେହିପରି ଜଣେ ଧାର୍ମିକ ବିଦ୍ୱାନ ସର୍ ସୟଦ ଅହମଦ୍ ଖାନ୍‌ଙ୍କର ଏହି ସିଦ୍ଧାନ୍ତ ରହିଥିବାର ସୂଚନା ପ୍ରକାଶ ପାଇଛି । ସେ କହନ୍ତି ଯେ ପ୍ରାର୍ଥନା କେବଳ ଏକ ଉପାସନା ମାତ୍ର, ଯାହାର ଫଳ ସ୍ୱରୂପ କୌଣସି ପରିବର୍ତ୍ତନ ଆଣାଯାଇ ପାରିବ ନାହିଁ । ଏହି ମିଥ୍ୟା ଧାରଣାର ଯଥାଯଥ ରୂପେ ସଂସ୍କାର ଓ ସୁଧାର କରିବାର ଆଭିମୁଖ୍ୟ ନେଇ ପ୍ରାର୍ଥନାର ବାସ୍ତବିକତା ପ୍ରତି ସମସ୍ତଙ୍କୁ ଅବଗତ କରାଇବା ସକାଶେ ଚଳିତ ସମୟର ଯୁଗ ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ଏହି ପୁସ୍ତକ 'ବରକାତୁଦ୍ ଦୁଆ' ରଚନା କଲେ । ମୁସଲମାନମାନଙ୍କ ମନରେ ଉପୁଜୁଥିବା ଏହି ନାସ୍ତିକବାଦ ସଂପନ୍ନ କୁଧାରଣାକୁ ଦୂରୀଭୂତ କଲେ । ଅଧିକନ୍ତୁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ତାହାଙ୍କ ବାଣୀ : **'ଉଦ୍‌ଉନୀ ଅସ୍‌ତଜିବ୍ ଲକୁମ୍'** ଅର୍ଥାତ 'ମୋତେ ଡ଼ାକ, ମୁଁ ତୁମକୁ ଅବଶ୍ୟ ଉତ୍ତର ଦେବି' ଅଭିବ୍ୟକ୍ତିକୁ କାର୍ଯ୍ୟରେ ଦେଖାଇ ନିଜର କର୍ମଭିତ୍ତିକ ଜୀବନ ଶୈଳୀ ଦ୍ୱାରା ଉପସ୍ଥାପନ କଲେ । ତତ୍‌ସହିତ ସର ସୟଦ ଅହମଦ୍ ଖାନ୍‌ଙ୍କର ପୁରୁଣା କାଳିଆ ଅପ୍ରଚଳିତ ଧାରଣାକୁ ପ୍ରମାଣିକ ତତ୍ତ୍ୱ ଦ୍ୱାରା ଖଣ୍ଡନ କଲେ ।

ହଜରତ ଅହମଦ[ଅସ] ପ୍ରାର୍ଥନାର ଗୁରୁତ୍ୱ, ଏହାର ଉପାଦେୟତା ତଥା ଅନ୍ତର୍ନିହିତ ଗୁଣାବଳୀକୁ ବର୍ଣ୍ଣନା କରି ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଦେଲେ । ତାହା ହେଉଛି ଯେ ସେହି ଈଶ୍ୱର ପ୍ରକାଶ୍ୟରେ ଦେଖାଯାଉଥିବା କୌଣସି ଅସମ୍ଭବ ପରିସ୍ଥିତିରେ ମଧ୍ୟ ନିଜ ଭକ୍ତଙ୍କୁ ଏପରି ଅଦୃଶ୍ୟରୁ ସହାୟତା ପ୍ରଦାନ କରିଥାନ୍ତି, ଯଦ୍ୱାରା ସଂସାର ପ୍ରାର୍ଥନାର ପ୍ରଭାବକୁ ଦେଖି ହତଚକିତ ହୋଇଯାଆନ୍ତି । ଅବତାରମାନଙ୍କ ଜୀବନ ଏପରି ଧରଣର ପ୍ରାର୍ଥନା ଗୃହୀତ ହେବାର ଅଲୌକିକ ଘଟଣା ସବୁକୁ ପ୍ରଦର୍ଶିତ କରିଥାଏ । ସବୁଠାରୁ ଅଧିକ ଏପରି ଅଲୌକିକ ନିଦର୍ଶନମାନ ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ[ସଅ]ଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା । ମହାଭାଗ କିପରି ନିଃସଙ୍ଗତା ମଧ୍ୟରେ ଏକାକୀ ଆରବର ମରୁଭୂମିରେ ଏକେଶ୍ୱରବାଦକୁ ଉଦଭାସିତ କଲେ ଏବଂ ପରମେଶ୍ୱର ସେହି ପ୍ରାର୍ଥନାର ଶକ୍ତିଶାଳୀ ତଥା ଅମୋଘ ଅସ୍ତ୍ର ମାଧ୍ୟମରେ ମହାଭାଗଙ୍କୁ ମହାନ ବିଜୟ ପ୍ରଦାନ କଲେ ।

ପୁନଶ୍ଚ ମହାଭାଗଙ୍କର ସତ୍ୟାନୁରକ୍ତ ଦାସ ହଜରତ ମିର୍ଜା ଗୁଲାମ ଅହମଦ[ଅସ] ପ୍ରତିଶ୍ରୁତ ମସିହଙ୍କ ଜୀବନଚର୍ଯ୍ୟାକୁ ଅଧ୍ୟୟନ କଲେ ଏହା ସ୍ୱଷ୍ଟ ରୂପେ ଆମ ଦୃଷ୍ଟିଗୋଚର ହୁଏ, ଯେ ତାଙ୍କର ଶୟନେ ସପନେ ଜାଗରଣେ କେବଳ ପ୍ରାର୍ଥନା ହିଁ ଏକମାତ୍ର ସମ୍ବଳ ଥିଲା । ତାଙ୍କର ସକଳ ପ୍ରକାର ବିଶ୍ୱାସ ଓ ଆଶା ଭରସାର କେନ୍ଦ୍ରବିନ୍ଦୁ କେବଳ ନିଜର ପାଳନକର୍ତ୍ତାଙ୍କ ଉପରେ ନିବିଷ୍ଟ ହୋଇ ରହିଥିଲା । ସୁତରାଂ ସେ ଏହିପରି କହିଥିଲେ :

"ଅଜ୍ଞାନୀ ବ୍ୟକ୍ତି ଭାବୁଛି ଯେ ପ୍ରାର୍ଥନା କରିବା ଏକ ଅବାନ୍ତର ଓ ନିର୍ବୋଧତାର ପରିଚୟ । ମାତ୍ର ତାକୁ ଜଣାନାହିଁ ଯେ କେବଳ ପ୍ରାର୍ଥନା ହିଁ ଏପରି ଏକ ବିଷୟ, ଯାହା ମାଧ୍ୟମରେ ପ୍ରଭୁ ପରମବ୍ରହ୍ମଙ୍କୁ ଅନ୍ୱେଷଣ କରୁଥିବା ବ୍ୟକ୍ତିମାନଙ୍କ ଉପରେ ତାହା ଅତ୍ୟନ୍ତ ଉଜ୍ଜ୍ୱଳ ଓ ପ୍ରଭୁତ୍ୱଶାଳୀ ଦୈବୀବାଣୀ ଅବତରଣ କରାଇଥାଏ । ଆସ୍ଥା ଓ ବିଶ୍ୱାସ ପାଇଁ ତୃଷାର୍ତ୍ତ ଓ କ୍ଷୁଧାର୍ତ୍ତ ପ୍ରତ୍ୟେକ ବ୍ୟକ୍ତି ଏହା ମନେ ରଖିବା ଉଚିତ ଯେ ତା'ର ଜୀବନରେ ଆଧ୍ୟାତ୍ମିକ ଆଲୋକ ପ୍ରାପ୍ତ କରିବାକୁ ହେଲେ କେବଳ ପ୍ରାର୍ଥନା ହିଁ ଏକମାତ୍ର ମାଧ୍ୟମ । ଯାହା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ବିଶ୍ୱାସକୁ ଦୃଢୀଭୂତ କରାଇଥାଏ ଏବଂ ସମସ୍ତ ସନ୍ଦେହର କାଳିମାକୁ ଦୂରୀଭୂତ କରାଇଥାଏ ।"

**(ଅୟାମୁସ୍ ସୁଲ୍‌ହା ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୪ ପୃଷ୍ଠା ୨୩୯)**

ପରିଶେଷରେ ଏତିକି ପ୍ରାର୍ଥନା ଯେ ପରମେଶ୍ୱର ଆମମାନଙ୍କୁ ଇସଲାମର ଶାଶ୍ୱତ ଶିକ୍ଷାକୁ ବୁଝି ନିଜ ଜୀବନରେ ଅଙ୍କିତ କରିବା ଏବଂ ପ୍ରାର୍ଥନାର ବାସ୍ତବିକତାକୁ ହୃଦୟଙ୍ଗମ କରି ଈଶ୍ୱରଙ୍କ ନିକଟରୁ ଆଶୀଷଭିକ୍ଷା କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

**- ସମୀକ୍ଷକ**

بسم الله الرحمن الرحيم

## ସ୍ୱୀକୃତିପ୍ରାପ୍ତ ପ୍ରାର୍ଥନାର ନମୁନା

# ଅନିସ୍ ହିନ୍ଦ ମିରଠ ଓ ଆମ ଭବିଷ୍ୟତ ବାଣୀ ଉପରେ ଅଭିଯୋଗ

ଏହି ପତ୍ରିକା ପ୍ରକାଶନର ଉଦ୍ଦେଶ୍ୟ ହେଉଛି ୧୮୯୩ ମସିହା ମାର୍ଚ୍ଚ ମାସ ୨୫ ତାରିଖରେ ମୋର ଭବିଷ୍ୟତ ବାଣୀ ଯାହାକି ମୁଁ ଲେଖରାମ ପେଶାଓ୍ୱରୀ ସମ୍ବନ୍ଧରେ ପ୍ରକାଶ କରିଥିଲି, ସେଥିରେ ମୋର ହସ୍ତଗତ ହୋଇଥିବା କେତେକ ଅଭିଯୋଗ ରହିଛି । ମୁଁ ଜାଣିବାକୁ ପାଇଲି ଯେ ଏହିପରି ଅନ୍ୟ କେତେକ ସମ୍ବାଦପତ୍ରରେ ମଧ୍ୟ ତାହା ପ୍ରକାଶିତ ହେବା ଦ୍ୱାରା ମୋତେ ବହୁତ କଷ୍ଟ ଲାଗିଛି । ପ୍ରକୃତରେ କହିବାକୁ ଗଲେ ଏହା ମୋ ପାଇଁ ଆନନ୍ଦର ବିଷୟ ଯେ ଏତାଦୃଶ ଭାବରେ ଏହି ବିରୋଧିମାନଙ୍କ ଦ୍ୱାରା ସେହି ଭବିଷ୍ୟତ ବାଣୀର ପ୍ରଚାର ଓ ପ୍ରସାର ହେଉଛି । ସୁତରାଂ ବର୍ତ୍ତମାନ ମୁଁ ସେହି ଅଭିଯୋଗ ତଥା ଉତ୍ତରରେ ମିଥ୍ୟାରୋପ ସମ୍ବନ୍ଧରେ ଏତିକି ଲେଖିବା ଯଥେଷ୍ଟ ମଣୁଛି ଯେ ଯେଉଁ ଉପାୟ ଓ କୌଶଳ ମାଧ୍ୟମରେ ଅଲ୍ଲାଃତାଲା ଇଚ୍ଛା କଲେ, ସେହିପରି କଲେ । ଏଥିରେ ମୋର କୌଣସି ଦଖଲ ନାହିଁ । ହଁ, ଏହି ପ୍ରଶ୍ନ ଉଠୁଛି ଏପରି ଭବିଷ୍ୟତ ବାଣୀ ଲାଭପ୍ରଦ ହେବ ନାହିଁ ଏବଂ ଏଥିସମ୍ବନ୍ଧରେ ଅଭିଯୋଗ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ମୁଁ ଅବଶ୍ୟ ଏହା ମନେକରୁଛି ଯେ ମୋର ଏହି ବିଜ୍ଞାପନ ନିର୍ଦ୍ଦିଷ୍ଟ ସମୟର ବହୁ ପୂର୍ବରୁ ପ୍ରକାଶିତ ହୋଇଛି । ମୁଁ ଏବେ ଏହା ସ୍ୱୀକାର କରୁଛି ତଥା ପୁନର୍ବାର ମଧ୍ୟ ସ୍ୱୀକାର କରୁଛି ଯେପରିକି ଆପତ୍ତିକାରୀମାନେ ମତ ପ୍ରକାଶ କରିଛନ୍ତି, ସେହି ଭବିଷବାଣୀର ପରିଣାମ ଅନ୍ତତଃ ଏହା ପ୍ରକାଶ ପାଉଛି ଯେ ସାଧାରଣ ଜ୍ୱର ଅବା ସାମାନ୍ୟ ବ୍ୟାଧିଜନିତ ଶାରୀରିକ ପୀଡ଼ା ଅଥବା ହଇଜାରୁ ଆରୋଗ୍ୟ ଲାଭ କରିବା ପରେ ସ୍ୱାସ୍ଥ୍ୟବାନ ହେଲେ ତଦ୍ୱାରା ଭବିଷ୍ୟତ ବାଣୀ ସତ୍ୟରେ ପରିଣତ ହେବା ସିଦ୍ଧ ହେବ ନାହିଁ । ତାହା ନିଃସନ୍ଦେହରେ ଏକ ପରିକଳ୍ପିତ ଯୋଜନା ଓ ପ୍ରତାରଣା ହେବ । କାରଣ ଏପରି ରୋଗମାନଙ୍କରେ ପ୍ରାୟ ସମସ୍ତେ ଆକ୍ରାନ୍ତ ହୋଇଥାନ୍ତି । ଆମେମାନେ ମଧ୍ୟ କଦାଚିତ ଏପରି ରୋଗରେ ପୀଡ଼ିତ ହୋଇଥାଉ । ଅତଃ ଏପରି ପରିସ୍ଥିତି ସୃଷ୍ଟି କରି ନିଃସନ୍ଦେହରେ ମୁଁ ସେହି ଶାସ୍ତି ପାଇବାର ଅଧିକାରୀ ହେବି, ଯାହାର ବର୍ଣ୍ଣନା ମୁଁ କରିଆସିଛି । କିନ୍ତୁ ଯଦି ଭବିଷ୍ୟତ ବାଣୀ ଏପରି ପ୍ରକାଶିତ ହୋଇଥାଏ ଯେଉଁଥିରେ ଅଲ୍ଲାଃଙ୍କ ପ୍ରଚଣ୍ଡ ପ୍ରକୋପ ସୁସ୍ପଷ୍ଟ ଭାବେ ପ୍ରତୀୟମାନ

ହେଉଥାଏ, ତେବେ ଜାଣିନିଅ ଯେ ତାହା ଈଶ୍ୱରଙ୍କ ନିକଟରୁ ଆସିଛି । ବାସ୍ତବରେ ଭବିଷ୍ୟତ ବାଣୀ ବ୍ୟକ୍ତିଗତ ପ୍ରତିଷ୍ଠା, ଭୟ ଓ ସମୟ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଲୋଡ଼ି ନଥାଏ । ଏଥିସମ୍ବନ୍ଧରେ କେବଳ ପ୍ରକୋପ ଅବତୀର୍ଣ୍ଣ ହେବାର ସମୟସୀମା ଧାର୍ଯ୍ୟ କରିଦେବା ହିଁ ଯଥେଷ୍ଟ । ପୁଣି ଯଦି ଭବିଷ୍ୟତ ବାଣୀର ଏକ ଭୟଙ୍କର ରୂପ ପ୍ରକାଶିତ ହୁଏ, ତେବେ ତାହା ଆପେ ଆପେ ହୃଦୟଗୁଡ଼ିକୁ ନିଜ ଆଡ଼କୁ ଆକର୍ଷିତ କରି ଆଣିଥାଏ । ସେତେବେଳେ ସେହି ସମସ୍ତ ବିଚାର ଓ ଆପତ୍ତି ଯାହା ସମୟର ଯଥାପୂର୍ବରୁ ମନରେ ଉଙ୍କି ମାରିଥାଏ, ତାହା ଧୂଆଁ ପରି ଉଭେଇ ଯାଇଥାଏ । ନ୍ୟାୟବନ୍ତ ଲୋକମାନେ ନିଜର ପ୍ରକାଶିତ ମନ୍ତବ୍ୟ ଯୋଗୁଁ ଅନୁତପ୍ତ ହୋଇ ସେହି ନିଷ୍ପତ୍ତିରୁ ଓହରି ଯାଇଥାନ୍ତି । ସେହି ଚିରାଚରିତ ବିଧି ଅନୁଯାୟୀ ଏହି ବିନୀତ ମଧ୍ୟ ପ୍ରକୃତିର ନିୟମରେ ଅନ୍ତର୍ଭୁକ୍ତ ଅଛି । ଯଦି ଉକ୍ତ ଭବିଷ୍ୟତ ବାଣୀର ଆଧାର କେବଳ ଏତିକି ଯେ ମୁଁ ନିଜ ନିକଟରୁ କେତେକ ଅଯଥା ସନ୍ଦେହାସ୍ପଦ ରୋଗୀମାନଙ୍କୁ ମନରେ ରଖି ତଥା ଆକଳନ ଦ୍ୱାରା କାମ ଏକ କୂଟଚକ୍ରାନ୍ତ ପୂର୍ବକ ଏହି ଭବିଷ୍ୟତ ବାଣୀ କରିଥାଏ, ତେବେ ଯେଉଁ ବ୍ୟକ୍ତି ସମ୍ବନ୍ଧରେ ମୁଁ ଭବିଷ୍ୟତ ବାଣୀ କରିଛି, ସେ ମଧ୍ୟ ମୋ ଉପରେ ଏପରି କରିପାରେ । ବରଂ ମୁଁ ଏଥିରେ ସହମତି ପ୍ରକାଶ କରିଛି ଯେ ମୋର ଭବିଷ୍ୟତ ବାଣୀର ଅବଧି ୬ବର୍ଷ ପରିବର୍ତ୍ତେ ସେ ମୋ ସମ୍ବନ୍ଧରେ ୧୦ବର୍ଷର ଭବିଷ୍ୟବାଣୀ ଧାର୍ଯ୍ୟ କରିଦିଅନ୍ତୁ । ବର୍ତ୍ତମାନ ଲେଖରାମର ବୟସ ଅଧିକରୁ ଅଧିକ ୩୦ବର୍ଷ ହୋଇଥିବ ଏବଂ ସେ ଏକ ସ୍ୱାସ୍ଥ୍ୟବାନ, ବଳିଷ୍ଠ ଶରୀରଯୁକ୍ତ ଓ ପୂର୍ଣ୍ଣ ଯୌବନାବସ୍ଥାରେ ଅଛନ୍ତି । କିନ୍ତୁ ଏହି ବିନୀତର ବୟସ ୫୦ବର୍ଷରୁ ଉର୍ଦ୍ଧ୍ୱ ହେଲାଣି । ସେହିପରି ମୁଁ ଦୁର୍ବଳ, ସର୍ବଦା ରୋଗାକ୍ରାନ୍ତ ଓ ବିଭିନ୍ନ ବ୍ୟାଧିରେ ପୀଡ଼ିତ ହୋଇଛି । ଅତଃ ବୟସର ଏପରି ପାର୍ଥକ୍ୟ ସତ୍ତ୍ୱେ ପ୍ରତିଦ୍ୱନ୍ଦୀତା କଲେ ଜଣା ପଡ଼ିଯିବ ଯେ କେଉଁ ବିଷୟ ଈଶ୍ୱରଙ୍କ ନିକଟରୁ ଆସିଛି ଏବଂ କେଉଁଟି ମନୁଷ୍ୟକୃତ । ସୁତରାଂ ଅଭିଯୋଗକାରୀଙ୍କ ଏପରି କହିବା ଯେ ବର୍ତ୍ତମାନ ଏପରି ଦୈବୀବାଣୀ ଦ୍ୱାରା ଭବିଷ୍ୟତ ସୂଚନା ଦେବାର ଯୁଗ ନାହିଁ, ତାହା କେବଳ ଏକ ସାମାନ୍ୟ ବାକ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ । ଯାହାକୁ ଲୋକମାନେ ଅଧିକାଂଶ ସମୟରେ ହାଲୁକାରେ କହି ଦେଇଥାନ୍ତି । କିନ୍ତୁ ମୋ ମତରେ ସଂପୂର୍ଣ୍ଣ ଓ ଦୃଢ଼ ସତ୍ୟକୁ ସ୍ୱୀକାର କରିବାର ଏହି ଯୁଗ ଉପନୀତ ହୋଇଛି । ସମ୍ଭବତଃ ଏପରି ଦୈବୀ ଦୃଷ୍ଟାନ୍ତ ପୂର୍ବ ଯୁଗରେ କଦାପି ଦେଖିବାକୁ ମିଳି ନଥିଲା । ହଁ, ଏହି ଯୁଗରେ କୌଣସି ପ୍ରକାରର ଛନ୍ଦକପଟ ଓ ମନ୍ଦ ଯୋଜନା ଲୁକ୍‌କାୟିତ ହୋଇ ରହିବ ନାହିଁ । କିନ୍ତୁ ଏହା ସତ୍ୟବାଦୀ ଲୋକମାନଙ୍କ ପାଇଁ ଆନନ୍ଦର ସମୟ । କାରଣ ଯେଉଁ ବ୍ୟକ୍ତି ଛଳନା ଏବଂ ସତ୍ୟ ମଧ୍ୟରେ ଫରକ୍

କରିବା ଜାଣିଥାଏ, ସେ ହିଁ ସହୃଦୟରୁ ସତ୍ୟକୁ ସମ୍ମାନ ଜଣାଇଥାଏ ଏବଂ ଆନନ୍ଦର ସହିତ ଧାଇଁ ଆସି ସତ୍ୟକୁ ସ୍ୱୀକାର କରିଥାଏ । ସତ୍ୟରେ କିଛି ଏଭଳି ଆକର୍ଷଣ ରହିଥାଏ ଯେ ତାହାକୁ ସ୍ୱତଃପ୍ରବୃତ୍ତ ରୂପେ ଜନସାଧାରଣ ସ୍ୱୀକାର କରି ନେଇଥାନ୍ତି । ଏହା ସତ୍ୟ ଯେ ସମୟ ଏପରି ସହସ୍ର ନୂତନ ତଥ୍ୟକୁ ଆବୋରି ନେଇଥାଏ, ଯାହାକି ଲୋକମାନଙ୍କ ପୂର୍ବଜମାନେ ସ୍ୱୀକାର କରି ନଥିଲେ । ଯଦି ଏହି ସମୟ ସତ୍ୟର ପିପାସୀ ନୁହେଁ, ତେବେ କାହିଁକି ଏପରି ବ୍ୟାପକ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ନିଃସନ୍ଦେହରେ ସମୟଚକ୍ର ବାସ୍ତବିକତାର ପରମ ବନ୍ଧୁ ନା କି ଏହାର ଶତ୍ରୁ । ଏହା କହିବା ଯେ ଏହି ଯୁଗରେ ବୁଦ୍ଧିମାନ, ସରଳ ଓ ନିଷ୍କପଟ ଲୋକମାନଙ୍କ ସମୟ ଚାଲିଗଲା । ଏପରି କହିବା ଅନ୍ୟ ଅର୍ଥରେ ଯୁଗର ଅପମାନ କରିବା । ଯେପରି ଏହି ଯୁଗ ଏମିତି ଖରାପ ସମୟରେ ପହଞ୍ଚିଗଲାଣି ଯେ ସତ୍ୟର ସନ୍ଧାନ ପାଇବା ପରେ ମଧ ତାହାକୁ ଗ୍ରହଣ କରାଯାଉ ନାହିଁ । କିନ୍ତୁ ମୁଁ ଏହି କଥାକୁ କଦାପି ଗ୍ରହଣ କରିପାରିବି ନାହିଁ ଯେ ବାସ୍ତବରେ ଏହିପରି ହେଉଛି । କାରଣ ଅଧିକାଂଶ ବ୍ୟକ୍ତି ମୋ ପ୍ରତି ଧ୍ୟାନ କେନ୍ଦ୍ରୀତ କରୁଥିବାର ମୁଁ ଦେଖୁଛି । ମୋ ଠାରୁ ଏପରି ଲୋକମାନେ ଉପକୃତ ହେଉଛନ୍ତି, ଯେଉଁମାନେ ଆଧୁନିକ ସଭ୍ୟତାର ଶିକ୍ଷତ ଗୋଷ୍ଠୀ ଅଛନ୍ତି ତଥା ଯେଉଁମାନେ ବି.ଏ ଓ ଏମ.ଏର ଡ଼ିଗ୍ରୀ ପ୍ରାପ୍ତ କରିଛନ୍ତି । ମୁଁ ଏହା ମଧ ଲକ୍ଷ୍ୟ କରୁଛି ଯେ ଏହି ଆଧୁନିକ ଶିକ୍ଷତ ସମାଜ ସତ୍ୟକୁ ବେଶ୍ ଉତ୍ସାହର ସହିତ ସ୍ୱୀକାର କରି ଚାଲିଛନ୍ତି । କେବଳ ସେତିକି ନୁହେଁ ବରଂ ଏକ ନବ ଦୀକ୍ଷିତ ମୁସଲମାନ ଓ ଶିକ୍ଷିତ ଜେରୁଜେଲମ୍ ବାସିନ୍ଦା ହୋଇଥିବା ଇଂଗ୍ରେଜମାନଙ୍କ ଦଳ ଯେଉଁମାନେ ମାଡ୍ରାସ ଅଞ୍ଚଳରେ ବସବାସ କରୁଛନ୍ତି, ଆମ ଜମାଅତରେ ଅନ୍ତର୍ଭୁକ୍ତ ହୋଇ ସମସ୍ତ ସତ୍ୟକୁ ଗ୍ରହଣ କରିଛନ୍ତି । ବର୍ତ୍ତମାନ ମୁଁ ଭାବୁଛି ଯେ ସେ ସମସ୍ତ ତଥ୍ୟ ଏଠାରେ ଉଲ୍ଲେଖ କରିଦେଇଛି, ଯାହାକି ଜଣେ ଈଶ୍ୱର ଅନିସନ୍ଧିତ୍ସୁଙ୍କ ପାଇଁ ଯଥେଷ୍ଟ ହେବ । ଆର୍ଯ୍ୟମାନଙ୍କର ଏହା ଅଧିକାର ରହିଛି ଯେ ସେମାନେ ଯେପରି ଇଚ୍ଛା ସେପରି ମୋର ଏହି ପ୍ରବନ୍ଧ ଉପରେ ଟିପ୍ପଣୀ କରିପାରନ୍ତି, ସେଥିରେ ମୋର କୌଣସି ଆପତ୍ତି ନାହିଁ । କାରଣ ମୁଁ ଜାଣେ ଯେ ବର୍ତ୍ତମାନ ସେହି ଭବିଷ୍ୟତ ବାଣୀର ପ୍ରଶଂସା କରିବା ଅବା ନିନ୍ଦା କରିବା ଉଭୟ ସମାନ କଥା । ଯଦି ଏହା ପ୍ରଭୁଙ୍କ ତରଫରୁ ପ୍ରେରିତ ଏବଂ ମୁଁ ଭଲ ଭାବରେ ଜାଣେ ଯେ ଏହା ତାଙ୍କରି ତରଫରୁ ଆସିଛି, ତେବେ ନିଶ୍ଚିତ ଭାବରେ ପ୍ରଚଣ୍ଡ ପରାକ୍ରମର ନିଦର୍ଶନ ହୋଇ ତାହା ପ୍ରକାଶ ପାଇବ ଏବଂ ମାନବ ହୃଦୟକୁ ଆନ୍ଦୋଳିତ କରିବ । ଯଦି ଏହା ତାହାଙ୍କ ତରଫରୁ ଆସି ନାହିଁ, ତେବେ ମୁଁ ଅବଶ୍ୟ ନିନ୍ଦିତ ଓ ଉପହସିତ ହେବି । ସେତେବେଳେ ଯଦି ମୁଁ ଏହାର ଅନ୍ୟ ଅର୍ଥ

ବାହାର କରେ, ତେବେ ତାହା ମୋ ପାଇଁ ଆହୁରି ଅଧିକ ନିନ୍ଦନୀୟ ସାବ୍ୟସ୍ତ ହେବ । ସେହି ସର୍ବଶକ୍ତିମାନ, ଚିରଞ୍ଜୀବୀ, ପବିତ୍ର ପ୍ଲାବନ ସତ୍ତା ଯେକି ସମସ୍ତ ପ୍ରକାରର ଅଧିକାର ନିଜ ହସ୍ତରେ ଧାରଣ କରିଛନ୍ତି, ସେ କଦାପି ମିଥ୍ୟାବାଦୀକୁ ସମ୍ମାନ ପ୍ରଦାନ କରି ନଥାନ୍ତି । ଏହା ମୋ ପ୍ରତି ସମ୍ପୂର୍ଣ୍ଣ ମିଥ୍ୟା ଅଭିଯୋଗ କରାଯାଇଛି ଯେ ମୋର ଲେଖରାମ ସହିତ କୌଣସି ପ୍ରକାର ବ୍ୟକ୍ତିଗତ ଶତ୍ରୁତା ରହିଛି । ମୋର କାହାରି ସହିତ କୌଣସି ବ୍ୟକ୍ତିଗତ ଶତ୍ରୁତା ନାହିଁ । ବରଂ ଉକ୍ତ ବ୍ୟକ୍ତି ହିଁ ସତ୍ୟର ପରମ ଶତ୍ରୁ ସାଜିଛି । ଏକ ଏପରି ସଂପୂର୍ଣ୍ଣ ଓ ପବିତ୍ର ବ୍ୟକ୍ତିତ୍ୱ (ଅର୍ଥାତ ହଜରତ ମୁହମ୍ମଦ[ସଅ] -ଅନୁବାଦକ) ଯେ ସମସ୍ତ ସତ୍ୟର ଉତ୍ସ ଥିଲେ,ତାଙ୍କର ସେ ନିନ୍ଦା କରିଛି ଓ ତାଙ୍କର ଅସମ୍ମାନ କରିଛି । ସେଥିପାଇଁ ପରମେଶ୍ୱର ଇଚ୍ଛା ପ୍ରକାଶ କଲେ ଯେ ନିଜର ଜଣେ ଅତି ପ୍ରିୟଜନ ଭକ୍ତଙ୍କର ସତ୍ୟତାକୁ ସମଗ୍ର ଜଗତରେ ସମ୍ମାନର ସହିତ ପ୍ରତିପାଦନ କରିବେ । **ୱସ୍‌ସଲାମ ଅଲା ମନିତ୍‌ତବା ଅଲ୍‌ହୁଦା**

بِسْمِ اللہ الرحمن الرحیم
نَحْمَدُهٗ وَ نُصَلِّی عَلٰی رَسُوْلِهِ الْكَرِیْمِ

## ସୟଦ ଅହେମଦ ଖାନ୍ ସାହେବ ସି.ଏସ.ଆଇଙ୍କର ପତ୍ରିକା

### 'ଅଦ୍‌ଦୁଆ ଓ୍ୱଇସ୍‌ତେଜାବାଃ' ଏବଂ ପତ୍ରିକା 'ତହରିର୍ ଫିଓ୍ୱସୁଲୁଲ୍ ତଫସିର୍' ଉପରେ ଏକ ଦୃଷ୍ଟିପାତ

'ହେ ବୁଦ୍ଧିର ଦାସ ! ନିଜ ଅସ୍ତିତ୍ୱ ପାଇଁ ଗର୍ବ କର ନାହିଁ । କାରଣ ସେହି ସର୍ବଶକ୍ତିମାନ ତୁମ ପରି ଅଗଣିତ ବିଚିତ୍ର ଜୀବଙ୍କୁ ସୃଷ୍ଟି କରିଛନ୍ତି ।'

'ସତ୍‌ମାର୍ଗରେ ଅନ୍ୟ କେହି ଅତିକ୍ରମ କରିପାରି ନଥାନ୍ତି । କାରଣ ଯେ କେହି ବି ଏହି ମାର୍ଗରେ ଆସିଥାଏ, ସେ ଆକାଶ ମାର୍ଗ ଅର୍ଥାତ ଅଲ୍ଲାଃଙ୍କ ପରିଚୟ ନେଇ ଆସିଥାଏ ।'

'ସ୍ୱୟଂ କୁରଆନର ଗଭୀର ରହସ୍ୟକୁ ଜାଣି ନେବାର ଘୋଷଣା କରୁଥିବା ବ୍ୟକ୍ତି ଏକ ମିଥ୍ୟା କଳ୍ପନାର ବଶୀଭୂତ । ଯେଉଁ ବ୍ୟକ୍ତି ମଧ ଏପରି ବ୍ୟାଖ୍ୟା କରିଥାଏ, ତେବେ ସେ ଜାଣିରଖୁ ଯେ ସେ ଏକ ଅପରିଷ୍କୃତ ନାଳନର୍ଦ୍ଦମା ସଦୃଶ ଏବଂ ଅପବିତ୍ର ତଥ୍ୟ ବର୍ଣ୍ଣନା କରୁଛି ।'

ସୟଦ ସାହେବ ଉପରିସ୍ଥ ବର୍ଣ୍ଣନା ଅନୁଯାୟୀ ନିଜ ପତ୍ରିକାରେ ପ୍ରାର୍ଥନା ସମ୍ବନ୍ଧରେ ନିଜସ୍ୱ ମତାମତ ପ୍ରକାଶ କରି କହିଛନ୍ତି ଯେ ପ୍ରାର୍ଥନା ଗ୍ରୁହୀତ ହେବାର ଏହା ଅର୍ଥ ନୁହେଁ ଯେ ଯାହା ପ୍ରାର୍ଥନା କରାଯାଏ, ତାହାର ପ୍ରତିଦାନରେ ତାକୁ ସବୁକିଛି ଅର୍ପଣ କରା ଯାଇଥାଏ । କାରଣ ଯଦି ପ୍ରାର୍ଥନା ଗ୍ରୁହୀତ ହେବାର ଅର୍ଥ ଯାହା କାମନା କରାଯାଏ ତାହା ପୂରଣ ହୋଇଯିବା ଅବଶ୍ୟମ୍ଭାବୀ ହୋଇଥାନ୍ତା, ତେବେ ଏହି କ୍ଷେତ୍ରରେ ଆମକୁ ଦୁଇଗୋଟି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ପ୍ରଥମଃ ଶତସହସ୍ର ପ୍ରାର୍ଥନା ଅତ୍ୟନ୍ତ ନମ୍ରତା ଓ ବ୍ୟାକୁଳତାର ସହିତ ଭିକ୍ଷା କରାଯାଇଥାଏ । କିନ୍ତୁ ମନର ଅଭିଳାଷ ସବୁ ପୂରଣ ହୋଇ ନଥାଏ । ଏହାର ଅର୍ଥ ପ୍ରାର୍ଥନା ସ୍ୱୀକୃତି ପ୍ରାପ୍ତ ହେଲା ନାହିଁ । ଯେତେବେଳେ କି ଅଲ୍ଲାଃ ଭକ୍ତର ପ୍ରାର୍ଥନା ସ୍ୱୀକାର କରିବାର ସକଳ ପ୍ରତିଶ୍ରୁତି

ଦେଇଛନ୍ତି । ଦ୍ୱିତୀୟତଃ ଯାହା ଘଟିବାର ଅଛି, ତାହା ପୂର୍ବ ନିର୍ଦ୍ଧାରିତ ଏବଂ ଯାହା ଘଟିବାର ନାହିଁ ତାହା ମଧ୍ୟ ଧାର୍ଯ୍ୟ ହୋଇ ରହିଛି । ଏହାର ବିପରୀତରେ କଦାପି କୌଣସି କାର୍ଯ୍ୟ ଘଟି ନଥାଏ । ସୁତରାଂ ପ୍ରାର୍ଥନା ଗ୍ରୁହୀତ ହେବାର ଅର୍ଥ ଭକ୍ତର ଆକାଙ୍କ୍ଷିତ କାମନା ପୂରଣ କରିବା ବିବେଚନା କରାଯାଏ । ତେବେ ଈଶ୍ୱରଙ୍କର ଏହି ଅଙ୍ଗୀକାର ٱدْعُونِىٓ أَسْتَجِبْ لَكُمْ **ଉଦ୍‌ଉନି ଅସ୍‌ତଜିବ୍‌ଲକୁମ୍** (ମୋମିନ୍ 40:61) ସେହି କାମନା ଯାହା ନିର୍ଦ୍ଧାରିତ ନୁହେଁ ତାହା ସିଦ୍ଧି ହାସଲ କରି ନଥାଏ । ଅର୍ଥାତ ଏହି ଅର୍ଥ ଅନୁଯାୟୀ ପ୍ରାର୍ଥନା ଗ୍ରୁହୀତ ହେବାର ପ୍ରତିଶ୍ରୁତି ମିଥ୍ୟା ସାବ୍ୟସ୍ତ ହେବ । କାରଣ ତାହାର କେବଳ ସେହି କାମନା ପୂରଣ ହୋଇଥାଏ, ଯାହା ପୂରଣ ହେବା ପୂର୍ବରୁ ସ୍ଥିରୀକୃତ ହୋଇ ରହିଛି । କିନ୍ତୁ ଅଲ୍ଲାଃଙ୍କ ଦ୍ୱାରା ପ୍ରାର୍ଥନା ସ୍ୱୀକାର କରାଯିବା ଏକ ସାଧାରଣ ପ୍ରତିଶ୍ରୁତି ଏବଂ ଗତାନୁଗତିକ ପ୍ରକ୍ରିୟା, ଯେଉଁଥିରୁ କୌଣସି ପ୍ରକାରର ନିସ୍ତାର ମିଳେ ନାହିଁ । ପୁଣି ଯେଭଳି କେତେକ ପଙ୍‌କ୍ତି ଏହା ପ୍ରକାଶ କରୁଛି ଯେ ଯେଉଁ ବସ୍ତୁ ପ୍ରଦାନ କରାଯିବା ସ୍ୱର୍ଗୀୟ ବିଧାନରେ ନାହିଁ, ତାହା କଦାପି ପ୍ରଦାନ କରାଯାଇ ନଥାଏ । ଅନ୍ୟ କେତେକ ପଙ୍‌କ୍ତିରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେକୌଣସି ପ୍ରାର୍ଥନା (ଦୁଆ) ଅଗ୍ରାହ୍ୟ କରାଯାଇ ନଥାଏ । ବରଂ ସମସ୍ତ ପ୍ରାର୍ଥନା ସ୍ୱୀକାର କରାଯାଇଥାଏ । କେବଳ ସେତିକି ନୁହେଁ, ବରଂ ଏହା ମଧ୍ୟ ପ୍ରମାଣିତ ହେଉଛି ଯେ, ଅଲ୍ଲାଃତାଲା ସମସ୍ତ ପ୍ରାର୍ଥନା ସ୍ୱୀକାର କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଯେପରିକି ପଙ୍‌କ୍ତି ٱدْعُونِىٓ أَسْتَجِبْ لَكُمْ **ଉଦ୍‌ଉନି ଅସ୍‌ତଜିବ୍‌ଲକୁମ୍**ରୁ ପ୍ରମାଣସିଦ୍ଧ ହେଉଛି । ଏପରି ପରସ୍ପର ବିପରୀତ ଓ ଆପତ୍ତିଜନକ ପଙ୍‌କ୍ତିରୁ ଏହା ବ୍ୟତିରେକେ କିଭଳି ମୁକ୍ତି ପ୍ରାପ୍ତ ହୋଇପାରିବ ଯେ ପ୍ରାର୍ଥନା ସ୍ୱୀକୃତ ହେଲେ ଉପାସନା ଗ୍ରୁହୀତ ହେଲା ବୋଲି ବୁଝାଯିବ । ତେବେ ଏପରି ସ୍ଥଳେ ଏହାର ଏହି ଅର୍ଥ କରାଯିବ ଯେ ପ୍ରାର୍ଥନା ଏକ ଉପାସନା ମାତ୍ର । ଯେତେବେଳେ ଜଣେ ସଂପୂର୍ଣ୍ଣ ମନଯୋଗ ସହକାରେ ଓ ଆତୁର ହୋଇ ପ୍ରାର୍ଥନା କରେ, ଅଲ୍ଲାଃ ତାହାର ପ୍ରାର୍ଥନା ସ୍ୱୀକାର କରିବାର ପ୍ରତିଶ୍ରୁତି ଦେଇଛନ୍ତି । ସୁତରାଂ ପ୍ରାର୍ଥନା ସ୍ୱୀକାର କରାଯିବାର ବାସ୍ତବତା ଏହା ବ୍ୟତୀତ ଅନ୍ୟ କିଛି ନୁହେଁ ଯେ ସେହି ପ୍ରାର୍ଥନାକୁ ଏକ ଉପାସନା ବୋଲି ମନରେ ଧାରଣା ସୃଷ୍ଟି କରି ସେଥିରୁ ପୁଣ୍ୟ ଅର୍ଜନ କରିବା । ହଁ, ଯଦି ଭାଗ୍ୟରେ କୌଣସି ବସ୍ତୁ ମିଳିବା ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ସେଥିପାଇଁ ପ୍ରାର୍ଥନା ମଧ୍ୟ କରାଯାଏ, ତେବେ ତାହା ହାସଲ ହୋଇଗଲେ ତାକୁ ପ୍ରାର୍ଥନାର ପ୍ରତିଫଳ ରୂପେ ବିବେଚନା କରାଯିବ ନାହିଁ । ବରଂ ତାହା ମିଳିବା ପୂର୍ବ ନିର୍ଦ୍ଧାରିତ ତଥା ତାହା ପାଇବା ତା'ର ଭାଗ୍ୟରେ ଥିଲା । ପ୍ରାର୍ଥନା କରିବା ଏଥିପାଇଁ ଲାଭଜନକ ହୋଇଥାଏ ଯେ ପ୍ରାର୍ଥନା କରିବା ସମୟରେ

ଈଶ୍ୱରଙ୍କ ବଡ଼ିମା ଓ ମହିମା ନିଜ ମନରେ ପୋଷଣ କରାଯାଏ । ସେତେବେଳେ ସେହି ବିଚାର ଭାବନା ହରକତରେ ଆସି ସେ ସମସ୍ତ ମନୋଭାବ ଯେଉଁଥିରେ ବ୍ୟାକୁଳତା ଉତ୍ପନ୍ନ ହୁଏ, ତାହା ଅବଶ୍ୟ ସିଦ୍ଧିଲାଭ କରିଥାଏ । ମନୁଷ୍ୟ ଭିତରେ ଧୈର୍ଯ୍ୟ, ସହନଶୀଳତା ଓ ଦୃଢତା ଉତ୍ପନ୍ନ ହୋଇଥାଏ, ଯଦ୍ୱାରା ଏପରି ପରିସ୍ଥିତି ସୃଷ୍ଟି ହେବା ଉପାସନାର ଉପକାରୀତା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହା ହିଁ ପ୍ରାର୍ଥନା ସ୍ୱୀକୃତି ଲାଭ କରିବାର ମାଧମ । ପୁଣି ସୟଦ ସାହେବ ନିଜ ପତ୍ରିକାର ଅନ୍ତରେ ଲେଖିଛନ୍ତି ଯେ ଯେଉଁ ଲୋକମାନେ ପ୍ରାର୍ଥନାର ସତ୍ୟାସତ୍ୟ ଓ ତାହାର ଗୂଢ ରହସ୍ୟ ବିଷୟରେ ଅଜ୍ଞ ଥା'ନ୍ତି, ସେମାନେ କହିପାରିବେ ଯେ ଯେତେବେଳେ ଏହି ତଥ୍ୟ ପ୍ରତିପାଦିତ ହେବ ଯେ ଯାହା ଭାଗ୍ୟରେ ଲେଖା ନାହିଁ, ତାହା କଦାପି ଘଟିବ ନାହିଁ । ଏପରି ସ୍ଥଳେ ପ୍ରାର୍ଥନା କରିବା ଦ୍ୱାରା ଲାଭ କ'ଣ ହେବ । ଅର୍ଥାତ ତୁମେ ପ୍ରାର୍ଥନା କର ଅବା ନକର ପ୍ରତ୍ୟେକ ଅବସ୍ଥାରେ ଭାଗ୍ୟର ଲେଖନୀ ହିଁ ପୂରଣ ହେବ । ଯାହାକୁ ପ୍ରାପ୍ତ କରିବା ଭାଗ୍ୟରେ ଲେଖା ନାହିଁ, ସେଥିପାଇଁ ସହସ୍ର ପ୍ରାର୍ଥନା କଲେ ମଧ କୌଣସି ସୁଫଳ ମିଳି ନଥାଏ, ତେଣୁ ପ୍ରାର୍ଥନା କରିବା ହିଁ ବୃଥା । ଏହାର ଉତ୍ତରରେ ସୟଦ ସାହେବ କହିଛନ୍ତି ଯେ ବ୍ୟଗ୍ରତା ସମୟରେ ସହାୟତାର ଆଶା ରଖିବା ମନୁଷ୍ୟର ସ୍ୱଭାବଗତ ପ୍ରବୃତ୍ତି । ସୁତରାଂ ଏହା ମନୁଷ୍ୟର ସହଜାତ ପ୍ରବୃତ୍ତି ହୋଇଥିବା ଯୋଗୁଁ ସେ ପ୍ରାର୍ଥନା କରିଥାଏ । ପ୍ରାର୍ଥନା ଗ୍ରହୀତ ହେବ କି ନାହିଁ, ତାହାର କୌଣସି ଶୋଚନା ନକରି ନିଜର ସ୍ୱଭାବ ଅନୁଯାୟୀ ତାକୁ ଏହି ନିର୍ଦ୍ଦେଶ ମିଳିଛି ଯେ ଯାହା ମାଗିବା କଥା ସେସବୁ ଅଲ୍ଲାଃଙ୍କ ଠାରୁ ଭିକ୍ଷା କର ।

ଏ ସମସ୍ତ ରଚନାରୁ ଯାହାକୁ ସଂକ୍ଷେପରେ ଉଲ୍ଲେଖ କଲୁ, ଏହା ସାବ୍ୟସ୍ତ ହେଉଛି ଯେ ସୟଦ ସାହେବଙ୍କର ଏହି ବିଶ୍ୱାସ ରହିଛି ଯେ ପ୍ରାର୍ଥନା ଉଦ୍ଦେଶ୍ୟ ପ୍ରାପ୍ତିର ଦ୍ୱାର ନୁହେଁ, ନା କୌଣସି ଉଦ୍ଦେଶ୍ୟ ପୂରଣ ହେବାରେ ତାହାର ତିଳେ ମାତ୍ର ପ୍ରଭାବ ରହିଛି । ଯଦି ପ୍ରାର୍ଥନା କରିବ ଦ୍ୱାରା କାହାର ଉଦ୍ଦେଶ୍ୟ କେବଳ ନିଜର କାମନା ସିଦ୍ଧି କରିବା ହୋଇଥାଏ, ତେବେ ତାହାର ଏହି ଚିନ୍ତାଧାରା ମୂଲ୍ୟହୀନ । କାରଣ ଯାହା ଘଟିବ ବୋଲି ଆଗରୁ ଧାର୍ଯ୍ୟ ହୋଇ ରହିଛି, ସେଥି ନିମନ୍ତେ ପ୍ରାର୍ଥନା କରିବାର କୌଣସି ଆବଶ୍ୟକତା ନାହିଁ ଏବଂ ଯାହା ଘଟିବା ଭାଗ୍ୟରେ ଲେଖା ନାହିଁ ସେଥିପାଇଁ କାକୁତି ମିନତି କରିବା ଓ ବ୍ୟାକୁଳତା ପ୍ରକାଶ କରିବା ନିରର୍ଥକ । ସୁତରାଂ ଏହି ଅଭିବ୍ୟକ୍ତିରୁ ଏହା ସ୍ପଷ୍ଟ ହୋଇଗଲା ଯେ ସୟଦ ସାହେବଙ୍କର ଏହି ବିଶ୍ୱାସ ଯେ ପ୍ରାର୍ଥନା କେବଳ ଉପାସନା ନିମନ୍ତେ ଉଦ୍ଦିଷ୍ଟ । ତାହା କୌଣସି ପାର୍ଥିବ କାମନା ଓ

ସାଂସାରିକ ସ୍ୱାର୍ଥ ହାସଲ କରିବାର ମାଧ୍ୟମ ବୋଲି ଭାବିବା ଏକ ନିରର୍ଥକ ପ୍ରୟାସ ମାତ୍ର ।

ବର୍ତ୍ତମାନ ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ ସୟଦ ସାହେବ ପବିତ୍ର କୁରଆନର ପଙ୍‌କ୍ତିକୁ ସଠିକ ଭାବରେ ବୁଝିବାରେ ଏକ ବିରାଟ ଭ୍ରାନ୍ତଧାରଣା ମନରେ ପୋଷଣ କରିଛନ୍ତି । କିନ୍ତୁ ଯଦି ଅଲ୍ଲାଃ ଇଚ୍ଛା କରନ୍ତି, ତେବେ ଆମେ ଏହାର ଏକ ସ୍ପଷ୍ଟୀକରଣ ଏହି ଲେଖାର ଶେଷରେ ବର୍ଣ୍ଣନା କରିବୁ । ବର୍ତ୍ତମାନ ଆମେ ଅତ୍ୟନ୍ତ ଦୁଃଖ ପ୍ରକାଶ କରି କହୁଛୁ ଯେ ଯଦି ସୟଦ ସାହେବ ପବିତ୍ର କୁରଆନ ବୁଝିବାରେ ଅସମର୍ଥ ଥିଲେ, ତେବେ ପ୍ରକୃତିର ନିୟମ ଯାହାର ସେ ଆଲୋଚନା କରିଛନ୍ତି ଏବଂ ଈଶ୍ୱରଙ୍କ କାର୍ଯ୍ୟ ଓ ପବିତ୍ର କୁରଆନର ସୂକ୍ଷ୍ମ ଭେଦର ବ୍ୟାଖ୍ୟା କରିଛନ୍ତି । ସେହି ଆଲୋଚ୍ୟ ବିଷୟ (ପ୍ରାର୍ଥନା)ର ମାହାତ୍ମ୍ୟ ସମ୍ବନ୍ଧରେ ଲେଖିବା ସମୟରେ ତାଙ୍କ ଦୃଷ୍ଟିରୁ ଅନ୍ତରାଳରେ ରହିଗଲା, ତେବେ କ'ଣ ସୟଦ ସାହେବଙ୍କୁ ଜଣା ନାହିଁ ଯେ ସଂସାରର କୌଣସି ଭଲମନ୍ଦ ଘଟିବା ବିଧିର ବିଧାନ ବହିର୍ଭୁତ ନୁହେଁ? କିନ୍ତୁ ତାହା ଘଟିବା ନିମନ୍ତେ ପ୍ରକୃତିର ଏଭଳି ସାଧନ ନିର୍ଦ୍ଧାରିତ କରିଥାଏ, ଯାହାର ପ୍ରଭାବକୁ କୌଣସି ଜ୍ଞାନବନ୍ତ ଅସ୍ୱୀକାର କରିବ ନାହିଁ । ଉଦାହରଣ ସ୍ୱରୂପ, ଭାଗ୍ୟ ଉପରେ ନିର୍ଭର କରି ଔଷଧର ପ୍ରୟୋଗ କରିବା ଅବା ନକରିବାର ବାସ୍ତବିକତା ଏପରି ହୋଇଥାଏ, ସତେ ଯେପରି ପ୍ରାର୍ଥନା କରିବା ଅବା ଏହାକୁ ବର୍ଜନ କରିବା । କିନ୍ତୁ କ'ଣ ସୟଦ ସାହେବ ଏଥିରେ ସହମତି ପ୍ରକାଶ କରିବେ ? ଯେପରିକି ଚିକିତ୍ସାଶାସ୍ତ୍ର ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଏବଂ ବୈଦ୍ୟଙ୍କ ଔଷଧରେ କୌଣସି ପ୍ରଭାବ ନାହିଁ । ପୁଣି ଯଦି ସୟଦ ସାହେବ ବିଧାତାଙ୍କ ଦ୍ୱାରା ସ୍ଥିରୀକୃତ ବିଧାନ ଉପରେ ବିଶ୍ୱାସ ରଖିବା ପରେ ମଧ୍ୟ ଏହି ବିଶ୍ୱାସ ମନରେ ପୋଷଣ କରିଛନ୍ତି, ଯେ ଔଷଧ କୌଣସି ପ୍ରଭାବ ପକାଇବାରୁ ଶୂନ୍ୟ ନୁହେଁ, ତେବେ କାହିଁକି ଅଲ୍ଲାଃ ଏକ ପ୍ରକାର ଓ ସାଦୃଶ୍ୟରକ୍ଷାକାରୀ ନିୟମରେ ବିଭ୍ରାଟ ତଥା ଅନ୍ତର ସୃଷ୍ଟି କରୁଛନ୍ତି ? କ'ଣ ସୟଦ ସାହେବ ଏହି ବିଶ୍ୱାସ ରଖୁଛନ୍ତି ଯେ ଅଲ୍ଲାଃ ଏହି ବିଷୟରେ ତ ସାମର୍ଥ୍ୟ ରଖୁଛନ୍ତି ଯେପରି ତୁରବୁଦ୍, ସକମୁନିୟା (ଏକ ପ୍ରକାର ଅଠା), ସନା (ମଳତ୍ୟାଗ କରାଇବା ଔଷଧ) ଓ ହବ୍‌ବୁଲ୍ ମୁଲୁକ୍ (ଜମାଲ ଘୋଟି) ଆଦିରେ ଏଭଳି ତୀବ୍ର ପ୍ରଭାବ ରହିଛି ଯେ ଏହାର ସମ୍ପୂର୍ଣ୍ଣ ଖୋରାକ ଖାଇବା ଦ୍ୱାରା ମଳତ୍ୟାଗ କରିବା ବନ୍ଦ ହୋଇ ଯାଇଥାଏ ଅଥବା ଶଙ୍ଖୁଆ ବିଷ, ମହା ଅନିଷ୍ଟକାରକ ଜହର ଏବଂ ଅନ୍ୟାନ୍ୟ ହଳାହଳ ଘାତକ ଦ୍ରବ୍ୟରେ ଈଶ୍ୱର ଏଭଳି ଅସାଧାରଣ ପ୍ରଭାବ ରଖିଛନ୍ତି ଯାହାର ସ୍ୱଳ୍ପ ସେବନ କରିବାର କିଛି କ୍ଷଣ ମଧ୍ୟରେ ହିଁ ଜଣେ ବ୍ୟକ୍ତି

ଆରପାରିକୁ ଚାଲି ଯାଇଥାଏ । କିନ୍ତୁ ନିଜର ପ୍ରିୟ ଭକ୍ତମାନଙ୍କର ଧ୍ୟାନ, ଆତ୍ମସଂଯମ ଓ ଆକୁଳ ପ୍ରାର୍ଥନାକୁ ଏପରି ନିର୍ଜୀବ ସଦୃଶ ଛାଡ଼ି ଦେଇଥାନ୍ତି, ଯାହାର କାଣିଚାଏ ମାତ୍ର ପ୍ରଭାବ ପଡ଼ି ନଥାଏ । କ'ଣ ବିଧାତାଙ୍କ ବିଧାନରେ ଏପରି ବ୍ୟତିକ୍ରମ ସମ୍ଭବ ହୋଇପାରେ ? ଯାହା ଫଳରେ ଅଲ୍ଲାଃ ନିଜ ଭକ୍ତମାନଙ୍କ ଉପଚାର ନିମନ୍ତେ ଔଷଧରେ ଯେଉଁ ପ୍ରଭାବ ରଖିଛନ୍ତି, ତାହା ପ୍ରାର୍ଥନାରେ ପରିଲକ୍ଷିତ ହେଉ ନାହିଁ । ନା ନା, ତାହା କଦାପି ନୁହେଁ । ବରଂ ସୟଦ ସାହେବ ହିଁ ପ୍ରାର୍ଥନାର ସତ୍ୟାସତ୍ୟ ଓ ତାତ୍ତ୍ୱିକ ଦର୍ଶନ ସମ୍ବନ୍ଧରେ ଅଜ୍ଞ ଅଛନ୍ତି ଏବଂ ତାହାର ମହାନ ପ୍ରଭାବ ସମ୍ବନ୍ଧରେ ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତା ନାହିଁ । ତାଙ୍କର ଉଦାହରଣ ଏପରି ଜଣେ ବ୍ୟକ୍ତିର, ଯେପରିକି ଜଣେ ବ୍ୟକ୍ତି ଏକ ବହୁ ପୁରାତନ ଓ ବର୍ଷ ବର୍ଷ ଧରି ପଡ଼ି ରହିଥିବା ଶକ୍ତିହୀନ ଔଷଧର ବ୍ୟବହାର କଲା ଉତ୍ତାରେ ତାହାକୁ ପ୍ରଭାବହୀନ ପାଇ ସମସ୍ତ ପ୍ରକାରର ଔଷଧ ଉପରେ ଏହି ଟିପଣୀ ଦେଇଥାଏ ଯେ ଔଷଧର କୌଣସି ପ୍ରଭାବ ନାହିଁ । ଏହା ଅତ୍ୟନ୍ତ ଦୁଃଖଦ ଓ ଘୋର ପରିତାପର ବିଷୟ ଯେ ସୟଦ ସାହେବ ବୃଦ୍ଧାବସ୍ଥାରେ ପହଞ୍ଚି ଯାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପ୍ରାକୃତିକ ବିଧାନ ତଥା ସୃଷ୍ଟିର ବ୍ୟବସ୍ଥାଗତ ଏହି ରହସ୍ୟ ସମ୍ବନ୍ଧରେ ଅଜ୍ଞ ରହିଯାଇଛନ୍ତି । କାରଣ ସେ ଭାଗ୍ୟକୁ ସଂସାଧନ ସହିତ ଯୋଡ଼ି ଦେଇଛନ୍ତି ଯେପରି କି ସଂସାଧନ ଓ ସେହି ସାଧନକୁ ଉତ୍ପନ୍ନ କରୁଥିବା ପ୍ରଭୁଙ୍କ ସହିତ ନିବିଡ଼ ତଥା ସୁଦୃଢ ସମ୍ପର୍କ ରହିଛି । ଏହି କାରଣରୁ ସେ ବିଭ୍ରାନ୍ତିରେ ପଡିଗଲେ ଯେ ସେହିସବୁ ସଂସାଧନକୁ ବାଦ ଦେଇ ପ୍ରକୃତି ଆଧ୍ୟାତ୍ମିକ ଓ ଶାରୀରିକ  ରୂପେ ଯେଉଁ ବ୍ୟବସ୍ଥା ପ୍ରଣୟନ କରିଛି, ତଦ୍ୱାରା ଯେକୌଣସି ବସ୍ତୁର ଆତ୍ମପ୍ରକାଶ କରିବା ସମ୍ଭବପର । କହିବାକୁ ଗଲେ ସଂସାରର କୌଣସି ପଦାର୍ଥ ବିଧାତାଙ୍କ ବିଧାନରୁ ମୁକ୍ତ ନୁହେଁ । ଉଦାହରଣ ସ୍ୱରୂପ, ଯେଉଁ ବ୍ୟକ୍ତି ଅଗ୍ନି, ଜଳ, ବାୟୁ, ମୃତ୍ତିକା ଓ ଶସ୍ୟ, ପନିପରିବା, ଜୀବଜନ୍ତୁ ତଥା ଖଣିଜ ପଦାର୍ଥ ଆଦିରୁ ଉପକୃତ ହୋଇଥାଏ, ଏସବୁକୁ ଭାଗ୍ୟର ଲିଖନ ବୋଲି ହିଁ କହିବାକୁ ହେବ । କିନ୍ତୁ ଯଦି କୌଣସି ଅଜ୍ଞ ବ୍ୟକ୍ତି ଏପରି ମତପୋଷଣ କରେ ଯେ ଏ ସମସ୍ତ ବଞ୍ଚିବାର ସାଧନ ଯାହାକି ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ, ସେସବୁକୁ ବାଦ ଦେଇ ତଥା ସେହି ମାର୍ଗକୁ ଛାଡ଼ି ଯାହାକି ପ୍ରକୃତି ଧାର୍ଯ୍ୟ କରିଛି, ଗୋଟିଏ ବସ୍ତୁକୁ କୌଣସି ଶାରୀରିକ ଅବା ଆଧ୍ୟାତ୍ମିକ ମାଧ୍ୟମ ବ୍ୟତୀତ ପ୍ରାପ୍ତ କରିବା ସମ୍ଭବ, ତେବେ ଏପରି ବ୍ୟକ୍ତି ଈଶ୍ୱରଙ୍କ ନିର୍ଦ୍ଧାରିତ ନିୟାମକ ବ୍ୟବସ୍ଥାକୁ ନିଷ୍କ୍ରିୟ କରିବାକୁ ଚାହୁଁଛି । ମୁଁ ଏହା ଦେଖୁ ନାହିଁ ଯେ ସୟଦ ସାହେବଙ୍କ ସେହି ବକ୍ତବ୍ୟର ଏତତ୍‌ଭିନ୍ନ ଅନ୍ୟ କିଛି ଉଦ୍ଦେଶ୍ୟ ରହିଛି ଏବଂ ସେ ପ୍ରାର୍ଥନାକୁ ସମସ୍ତଙ୍କୁ ପ୍ରଭାବିତ କରୁଥିବା ଉପାଦାନ ପରି ମଣୁନାହାନ୍ତି, ଯାହାକୁ ସେ ଅତ୍ୟନ୍ତ ଦୃଢତାର ସହିତ ସ୍ୱୀକାର

କରି ନେଇଛନ୍ତି । ବରଂ ଏହି ମାର୍ଗରେ ସେ ସକଳ ସୀମା ଲଙ୍ଘନ କରି ଯାଇଛନ୍ତି । ଉଦାହରଣ ସ୍ୱରୂପ, ଯଦି ସୟଦ ସାହେବଙ୍କ ନିକଟରେ ଅଗ୍ନିର ପ୍ରତିକ୍ରୀୟାଶୀଳ ଗୁଣାବଳୀ ବର୍ଣ୍ଣନା କରାଯାଏ, ତେବେ ସେ କଦାପି ତାକୁ ଅସ୍ୱୀକାର କରିବେ ନାହିଁ । ସେ କଦାପି ଏପରି କହିବେ ନାହିଁ ଯେ ଯଦି କେହି ଜାଳି ହୋଇ ଦଗ୍ଧ ହେବା ତା'ର ଭାଗ୍ୟରେ ଲେଖାଅଛି, ତେବେ ସେ ଅଗ୍ନି ବ୍ୟତୀତ ମଧ୍ୟ ଜଳିପୋଡ଼ି ଭଷ୍ମୀଭୂତ ହୋଇ ଯାଇପାରେ । ତେବେ ମୁଁ ଏଥିରେ ଆଚମ୍ବିତ ଯେ ସେ ମହାଶୟ ଜଣେ ମୁସଲମାନ ହୋଇ ପ୍ରାର୍ଥନାର ପ୍ରଭାବକୁ କିଭଳି ଅସ୍ୱୀକାର କରିବେ, ଯାହାକି ଘୋର ଅନ୍ଧକାରକୁ ଦୂର କରି ଅଗ୍ନି ସଦୃଶ ଆଲୋକିତ କରି ଦେଇଥାଏ ତଥା ଅନ୍ୟ କେତେବେଳେ ଉଦଣ୍ଡ ବ୍ୟକ୍ତିର ହସ୍ତକୁ ଜଳାଇ ଭଷ୍ମ କରିଦେଇଥାଏ ? କ'ଣ ପ୍ରାର୍ଥନା କରିବା ସମୟରେ ତାଙ୍କୁ ଭାଗ୍ୟର ଲେଖନୀ ମନେ ପଡ଼ିଯାଉଛି ? ଯେତେବେଳେ ଅଗ୍ନି ସମ୍ବନ୍ଧରେ ଆଲୋଚନା କରାଯାଉଛି, ସେତେବେଳେ ଭାଗ୍ୟର ଲେଖନୀ କଥାକୁ ସେ ଏକବାରେ ପାଶୋରି ଯାଉଛନ୍ତି । କ'ଣ ଏହି ଉଭୟ ପ୍ରାର୍ଥନା ଓ ଅଗ୍ନି ଉପରେ ଅଲ୍ଲାଃଙ୍କର କୌଣସି ସାମର୍ଥ୍ୟ ଅଥବା କର୍ତ୍ତୃତ୍ୱ ହାସଲ ହୋଇ ନାହିଁ ? ପୁନଶ୍ଚ ଭାଗ୍ୟରେଖାକୁ ସ୍ୱୀକାର କରିବା ସତ୍ତ୍ୱେ ସେହି ପ୍ରଭାବିତ ସାଧନଗୁଡ଼ିକୁ ସେ ଏପରି ଦୃଢତାର ସହ ସ୍ୱୀକାର କରୁଛନ୍ତି, ଯାହାକୁ ବର୍ଣ୍ଣନା କରି ସେ ଅପମାନିତ ମଧ୍ୟ ହୋଇ ଯାଇଛନ୍ତି । ତେବେ ଏହାର କାରଣ କ'ଣ ସେ ଗ୍ରହଣ କରିଥିବା ପ୍ରକୃତିର ନିୟମ ସଂକ୍ରାନ୍ତରେ ପ୍ରାର୍ଥନା କରିବା ସମୟରେ ମନେ ରହିଲା ନାହିଁ ? ଏପରିକି ଯହିଁରେ ଏକ ତୁଚ୍ଛ ମକ୍ଷିକାର ମଧ୍ୟ ପ୍ରଭାବ ରହିଛି, ଅଥଚ ପ୍ରାର୍ଥନାର କାଣିଚାଏ ମଧ୍ୟ ପ୍ରଭାବ ନାହିଁ । ସୁତରାଂ ବାସ୍ତବରେ ସେ ଏହି ସଂକୀର୍ଣ୍ଣ ମାର୍ଗ ପ୍ରତି ଅଜଣା ଅଛନ୍ତି ସତ, କିନ୍ତୁ ଏଥି ସମ୍ବନ୍ଧରେ ନା ତାଙ୍କର କୌଣସି ଅଭିଜ୍ଞ ବ୍ୟକ୍ତିମାନଙ୍କ ସହିତ ସମ୍ପର୍କ ଅଛି, ନା ତାଙ୍କୁ ଅଭିଜ୍ଞତା ପ୍ରାପ୍ତକାରୀ ବ୍ୟକ୍ତିଙ୍କର ସଙ୍ଗତ ପ୍ରାପ୍ତ ହୋଇଛି ।

ବର୍ତ୍ତମାନ ଆମେ ଜନସାଧାରଣଙ୍କ ଉପକାର ନିମନ୍ତେ ପ୍ରାର୍ଥନା ସ୍ୱୀକୃତି ପ୍ରାପ୍ତ କରିବାର ବାସ୍ତବିକତା ସମ୍ବନ୍ଧରେ ତତ୍ତ୍ୱ ପ୍ରକାଶ କରୁଛୁ । ଭଲ ଭାବେ ଜାଣିରଖ ଯେ ପ୍ରାର୍ଥନା ସ୍ୱୀକାର ହେବା ପ୍ରସଙ୍ଗ ବାସ୍ତବରେ ପ୍ରାର୍ଥନା ସଂକ୍ରାନ୍ତୀୟ ଏକ ଶାଖା । ଏହା ହିଁ ବିଧିସଙ୍ଗତ ଯେ ଯେଉଁ ବ୍ୟକ୍ତି ମୂଳ କଥାକୁ ବୁଝି ନଥାଏ, ତାହା ପକ୍ଷେ ଅନ୍ୟାନ୍ୟ ବିଷୟ ବୁଝିବା କଷ୍ଟକର ହୋଇଥାଏ ଏବଂ ସେଥିରେ ଅଡୁଆ ଖିଅ ମଧ୍ୟ ଲାଗିଥାଏ । ସୁତରାଂ ସୟଦ ସାହେବ ମଧ୍ୟ ଭ୍ରାନ୍ତିରେ ପଡ଼ିବାର ଏହା ହିଁ କାରଣ । ପ୍ରାର୍ଥନାର ବାସ୍ତବିକତା ହେଉଛି ଯେ ଜଣେ ପୁଣ୍ୟାତ୍ମା ଭକ୍ତ ଓ ତା'ର ସୃଷ୍ଟିକର୍ତ୍ତାଙ୍କ

ସହିତ ସୁସମ୍ପର୍କ ଜନିତ ମଧୁର ଆକର୍ଷଣ ରହିଥାଏ । ଅର୍ଥାତ ପ୍ରଥମେ ଈଶ୍ୱରଙ୍କ **ରହମାନିୟତ୍** (ପରମ ଦୟାଶୀଳ ଗୁଣ) ଭକ୍ତକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ତା'ପରେ ଭକ୍ତର ସତ୍ୟନିଷ୍ଠ ଓ ଶ୍ରଦ୍ଧାପୂର୍ଣ୍ଣ ଆସକ୍ତି ପ୍ରତି ପରମେଶ୍ୱର ତାହାର ଅଧିକ ନିକଟତର ହୋଇ ଯାଇଥାନ୍ତି । ଏବଂ ପ୍ରାର୍ଥନା କରିବା ଅବସ୍ଥାରେ ସେହି ସମ୍ପର୍କ ଏକ ବିଶେଷ ସ୍ଥାନରେ ପହଞ୍ଚି ନିଜର ଅଭୂତପୂର୍ବ ଗୁଣ ପ୍ରଦର୍ଶନ କରିଥାଏ । ସୁତରାଂ ଯେତେବେଳେ ଭକ୍ତ କୌଣସି ବଡ଼ ବିପଦର ସମ୍ମୁଖୀନ ହୋଇ ଈଶ୍ୱରଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ, ସଂପୂର୍ଣ୍ଣ ଆଶା, ସଂପୂର୍ଣ୍ଣ ଶ୍ରଦ୍ଧା, ସଂପୂର୍ଣ୍ଣ ନିଷ୍ଠା ଓ ଅଦମ୍ୟ ସାହସର ସହିତ ବିନମ୍ର ହୋଇ ତାଙ୍କ ନିକଟରେ ନତମସ୍ତକ ହୁଏ, ସଂପୂର୍ଣ୍ଣ ସର୍ତକତା ଅବଲମ୍ବନ କରି ଆଳସ୍ୟର ପରଦାକୁ ଫାଡ଼ିଦେଇ ନିଜର ଅସ୍ତିତ୍ୱକୁ ବିଲୀନ କରିବା ମାର୍ଗରେ ଆଗକୁ ବଢିଚାଲେ, ସେତେବେଳେ ସେ କ'ଣ ଦେଖିଥାଏ ଯେ ସେ ସେହି ପରମସତ୍ତାଙ୍କ ଦରବାରରେ ଉପସ୍ଥିତ ହୋଇଯାଇଛି ଯାହାର କେହି ସମତୁଲ୍ୟ ନାହାନ୍ତି, ସେତେବେଳେ ତାହାର ଆତ୍ମା ତାଙ୍କ ଛାମୁରେ ନିଜ କପାଳ ରଖିଦିଏ । ତାହାର ଅନ୍ତରରେ ଥିବା ଆକର୍ଷଣ ଶକ୍ତି ଈଶ୍ୱରଙ୍କ ଅନବଦ୍ୟ ପୁରସ୍କାରକୁ ନିଜ ଆଡ଼କୁ ଆକର୍ଷିତ କରିଥାଏ । ସେତେବେଳେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ତାହାର ମନବାଞ୍ଛା ପୂରଣ କରିବାକୁ ମନ ବଳାଇଥାନ୍ତି । ସେହି ପ୍ରାର୍ଥନାର ପ୍ରଭାବ ସେ ସମସ୍ତ ମୂଳ କାରଣ ଉପରେ ପକାଇଥାନ୍ତି, ଯେଉଁଥିରୁ ସେହି ଉଦ୍ଦେଶ୍ୟ ସାଧିତ ହୋଇଥାଏ । ଫଳରେ ଏପରି ସଂସାଧନ ଉତ୍ପନ୍ନ ହୁଏ ଯାହାକି ସେହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ଆବଶ୍ୟକ । ଉଦାହରଣ ସ୍ୱରୂପ, ଯଦି ବର୍ଷା ହେବା ନିମନ୍ତେ ପ୍ରାର୍ଥନା କରୁଛ, ତେବେ ତାହା ଗ୍ରହୀତ ହେବା ଅନ୍ତେ ସେହି ପ୍ରାକୃତିକ କାରଣ ଯାହାକି ବର୍ଷା ପାଇଁ ଜରୁରୀ ହୋଇଥାଏ, ସେହି ପ୍ରାର୍ଥନାର ପ୍ରଭାବ ବଳରେ ହିଁ ଉତ୍ପନ୍ନ କରାଯାଇଥାଏ । ଯଦି ମରୁଡ଼ି ହେବା ପାଇଁ ଅପ ପ୍ରାର୍ଥନା କରାଯାଉଛି, ତେବେ ସର୍ବଶକ୍ତିମାନ ଈଶ୍ୱର ବିପରୀତ ପରିସ୍ଥିତି ସୃଷ୍ଟି କରି ଦେଇଥାନ୍ତି । ଏଥିଯୋଗୁଁ ଏହି ତଥ୍ୟ ଦିବ୍ୟଦର୍ଶୀ ଓ ମହାତ୍ମାମାନଙ୍କ ନିକଟରେ ବଡ଼ ବଡ଼ ଅଭିଜ୍ଞତାରୁ ପ୍ରମାଣିତ ଯେ ମହାପୁରୁଷମାନଙ୍କ ପ୍ରାର୍ଥନା ମଧ୍ୟରେ ସୃଜନଶୀଳ ଶକ୍ତି ଜାତ ହୋଇଥାଏ । ଅର୍ଥାତ ଈଶ୍ୱରଙ୍କ ଆଦେଶକ୍ରମେ ତାହା ଭୂପୃଷ୍ଠ ଓ ଆକାଶ ବକ୍ଷରେ ପରିକ୍ରମା କରିଥାଏ ଏବଂ ପଞ୍ଚଭୂତ ତଥା ସୌରମଣ୍ଡଳ ଏବଂ ମନୁଷ୍ୟର ହୃଦୟକୁ ଏହି ମାର୍ଗ ଆଡ଼କୁ ଟାଣି ଆଣିଥାଏ, ଯଦ୍ୱାରା ସମର୍ଥନ କରିବାର ଉଦ୍ଦେଶ୍ୟ ସଫଳ ହୋଇପାରିବ । ଅଲ୍ଲାଃଙ୍କ ପବିତ୍ର ପୁସ୍ତକରେ ଏହାର ଦୃଷ୍ଟାନ୍ତ କିଛି କମ୍ ନାହିଁ । ବରଂ ଅନେକ କିସମର ଚମ୍ତକାରୀତା ଦେଖାଇବା ଅସଲରେ ଏହି ପ୍ରାର୍ଥନା ଗ୍ରହୀତ ହେବାର ମାଧ୍ୟମ । ଯେପରି ଅବତାରମାନେ ଶତସହସ୍ର ଚମ୍ତକାରୀତା

ପ୍ରଦର୍ଶନ କରିଥାନ୍ତି ଅଥବା ଯେପରି ମହାପୁରୁଷଗଣ ଅଦ୍ୟାବଧି ଅଲୌକିକ ମହିମା ଦେଖାଇ ଆସୁଛନ୍ତି, ତାହାର ମୂଳ ଉତ୍ସ ଓ ଉତ୍ପତ୍ତି ହେଉଛି ଏହି ପ୍ରାର୍ଥନା । ଅଧିକାଂଶ ସମୟରେ ପ୍ରାର୍ଥନାର ଅନୁକୂଳ ପ୍ରଭାବରେ ହିଁ ପ୍ରକୃତି ଭିନ୍ନ ଭିନ୍ନ ଧରଣର ଚମତ୍କାରୀତା ସର୍ବଶକ୍ତିମାନ ଈଶ୍ୱରଙ୍କ ପରାକାଷ୍ଠା ରୂପେ ଦେଖାଇଥାଏ ।

ଆରବର ମରୁଭୂମିରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା, ଯେତେବେଳେ କି ଅଳ୍ପଦିନ ମଧ୍ୟରେ ଶତସହସ୍ର ମୃତ ବ୍ୟକ୍ତି ଜୀବିତ ହୋଇଉଠିଲେ ଏବଂ ଯେଉଁମାନେ ବଂଶାନୁକ୍ରମେ ଭ୍ରଷ୍ଟାଚାରରେ ଲିପ୍ତ ଥିଲେ, ସେମାନେ ଦିବ୍ୟ ରଙ୍ଗ ଧାରଣ କରିନେଲେ । ଅନ୍ଧ ଦେଖିବାକୁ ଲାଗିଲା ଓ ମୂକର ଜିହ୍ୱାରୁ ଦିବ୍ୟଜ୍ଞାନ ପ୍ରସ୍ଫୁଟିତ ହେଲା । ପୃଥିବୀରେ ଏପରି ଏକ ବିପ୍ଳବ ସୃଷ୍ଟି ହେଲା ଯାହା କେହି କେବେ ଦେଖି ନଥିଲେ ନା କୌଣସି କାନ ଏପରି ଶୁଣିଥିଲା । ତୁମେ କ'ଣ ହୃଦୟଙ୍ଗମ କରିପାରୁଛ ଏହା କ'ଣ ? ଅନ୍ଧକାରମୟ ରାତ୍ରୀମାନଙ୍କ ମଧ୍ୟରେ ଜଣଙ୍କର ପ୍ରାର୍ଥନା ବଳରେ ଏସବୁ ଘଟିଗଲା । ପୃଥିବୀରେ ଏକବାରେ ବୈପ୍ଳବିକ ଚହଳ ସୃଷ୍ଟି କରିଦେଲା । ସେହି ନିଃସହାୟ ନିରକ୍ଷର ଲୋକଟିର ହାତରେ ଅସମ୍ଭବ ପରି ଜଣା ପଡୁଥିବା ସେପରି ଅଦ୍ଭୁତ ଘଟଣାମାନ ପ୍ରକଟିତ କଲେ । **ଅଲ୍ଲାଃହୁମ୍ମା ସଲ୍ଲେ ୱସଲ୍ଲିମ ୱବାରିକ୍ ଆଲୈହି ଓ ଆ'ଲିହି ବାଦହମ୍ମହି ଓ ଗମ୍ମିହି ଓ ହୁଯ୍‌ନିହି ଲିହାଜିହିଲ୍ ଉମ୍ମତା ଓଅନ୍‌ଯିଲା ଆଲୈହି ଅନୱାରେ ରହ୍‌ମତିକା ଇଲଲ୍ ଅବଦା** ।

ଏବଂ ମୁଁ ନିଜ ବ୍ୟକ୍ତିଗତ ଅଭିଜ୍ଞତାରୁ ମଧ୍ୟ ଦେଖିପାରୁଛି ଯେ ପ୍ରାର୍ଥନାର ପ୍ରଭାବ ଜଳ ଓ ଅଗ୍ନିର ପ୍ରଭାବ ଠାରୁ ଅଧିକ । ବରଂ ସ୍ୱାଭାବିକ ସାଧନଗୁଡ଼ିକ ସମ୍ବନ୍ଧରେ କୌଣସି ଏପରି ପଦାର୍ଥ ମହାପ୍ରଭାବଶାଳୀ ନୁହେଁ, ଯେପରିକି ପ୍ରାର୍ଥନା ।

ଯଦି ଏପରି ସନ୍ଦେହ ରହିଥାଏ ଯେ କେତେକ ପ୍ରାର୍ଥନା ନିରର୍ଥକ ମଧ୍ୟ ହୋଇଯାଏ ଏବଂ ତାହାର କୌଣସି ପ୍ରଭାବ ଦୃଶ୍ୟମାନ ହୁଏ ନାହିଁ, ତେବେ ମୁଁ କହୁଛି ଯେ ଏଭଳି ପ୍ରଭାବ ଔଷଧର ମଧ୍ୟ ରହିଛି । କ'ଣ ଔଷଧର ସେବନ ମୃତ୍ୟୁର ଦ୍ୱାରକୁ ବନ୍ଦ କରି ଦେଇଥାଏ ? ଅଥବା ତାହା ବ୍ୟର୍ଥ ସାବ୍ୟସ୍ତ ହେବା ଅସମ୍ଭବ ? ଏହା ସତ୍ତ୍ୱେ ମଧ୍ୟ କ'ଣ କୌଣସି ବ୍ୟକ୍ତି ଔଷଧର ପ୍ରଭାବଶାଳୀ ଗୁଣକୁ ଅସ୍ୱୀକାର କରିବ ? ଏହା ସତ୍ୟ ଯେ ପ୍ରତ୍ୟେକ ସାମାଜିକ ତତ୍ତ୍ୱରେ ଭାଗ୍ୟର ଦଖଲ ରହିଥାଏ ସତ, କିନ୍ତୁ ପ୍ରକୃତି ମାନବୀୟ ଜ୍ଞାନକୁ ନଷ୍ଟ କିମ୍ବା ଅସମ୍ମାନ କରି ନାହିଁ ଏବଂ ସାଧନଗୁଡ଼ିକ ଉପରୁ ବିଶ୍ୱାସ ଉଠାଇ ନାହିଁ । ବରଂ ଯଦି ଧ୍ୟାନପୂର୍ବକ ଦେଖାଯାଏ, ତେବେ ଏହି ଶାରୀରିକ ଓ ଆଧ୍ୟାତ୍ମିକ ସାଧନ ମଧ୍ୟ ଭାଗ୍ୟର ହାତପାହାନ୍ତାରୁ ବହିର୍ଭୁତ ନୁହେଁ । ଉଦାହରଣ ସ୍ୱରୂପ,

ଯଦି ଜଣେ ରୋଗୀର ଭାଗ୍ୟ ଟାଣ ହୋଇଥାଏ, ତେବେ ଚିକିତ୍ସା ବ୍ୟବସ୍ଥା ତାହାକୁ ସମ୍ପୂର୍ଣ୍ଣ ରୂପେ ସ୍ୱାସ୍ଥ୍ୟବାନ କରି ଦେଇଥାଏ ଏବଂ ସେ ନିଜ ସୁସ୍ଥ ଶରୀର ଠାରୁ ଉପକୃତ ହେବା ସକାଶେ ଅଣ୍ଟା ଭିଡ଼ିଥାଏ । ସେତେବେଳେ ଔଷଧ ଲକ୍ଷ୍ୟଭେଦ କରିବା ପରି ପ୍ରଭାବ ପକାଇଥାଏ । ତଦନୁରୂପ ପ୍ରାର୍ଥନାରୁ ଲାଭାନ୍ୱୀତ ହେବା ମଧ୍ୟ ସତ୍ୟସିଦ୍ଧ । ଅର୍ଥାତ ପ୍ରାର୍ଥନା ସକାଶେ ମଧ୍ୟ ସମସ୍ତ ସାଧନ ତଥା ଏହା ଗୃହୀତ ହେବାର ସମସ୍ତ ସର୍ତ୍ତ ସେହି ସ୍ଥାନରେ ଠୁଳ ହୋଇଥାଏ, ଯେଉଁଠାରେ ପ୍ରଭୁଙ୍କ ଇଚ୍ଛା ତାହାକୁ ସ୍ୱୀକାର କରିବା ପାଇଁ ତତ୍ପର ହୋଇଉଠେ । ପରମେଶ୍ୱର ନିଜସ୍ୱ ପରିଚାଳିତ ଶାରୀରିକ ଓ ଆଧ୍ୟାତ୍ମିକ ବ୍ୟବସ୍ଥାକୁ ପ୍ରଭାବଶାଳୀ କରିଛନ୍ତି ତଥା ପ୍ରଭାବିତ ପ୍ରକ୍ରୀୟାକୁ ଗୋଟିଏ ଶ୍ରେଣୀରେ ବାନ୍ଧି ରଖିଛନ୍ତି । ସୁତରାଂ ସୟଦ ସାହେବ ବିରାଟ ଭ୍ରମର ଶିକାର ହୋଇଛନ୍ତି ଯେ ସେ ଶାରୀରିକ ବ୍ୟବସ୍ଥାକୁ ସ୍ୱୀକାର କରୁଛନ୍ତି, ଅଥଚ ଆଧ୍ୟାତ୍ମିକ ବ୍ୟବସ୍ଥାକୁ ଅମାନ୍ୟ ଓ ଅଗ୍ରାହ୍ୟ କରି ବସିଛନ୍ତି ।

ଅନ୍ତତଃ ମୁଁ ଏହା କହିବାକୁ ଚାହେଁ ଯେ ଯଦି ସୟଦ ସାହେବ ନିଜର ଏହି ଭ୍ରମ ଧାରଣା ପାଇଁ ଅନୁତାପ ନକରନ୍ତି ଏବଂ ପ୍ରାର୍ଥନା ପ୍ରଭାବିତ କରୁଥିବାର ପ୍ରମାଣ ମାଗନ୍ତି, ତେବେ ମୁଁ ଏପରି ଭ୍ରାନ୍ତ ଧାରଣାକୁ ଦୂରୀଭୂତ କରିବା ପାଇଁ ଐଶୀ ଶକ୍ତି ଦ୍ୱାରା ନିଯୁକ୍ତ ହୋଇଛି । ମୁଁ ପ୍ରତିଜ୍ଞା କରୁଅଛି ଯେ ନିଜର କେତେକ ପ୍ରାର୍ଥନା ଗୃହୀତ ହେବା ପୂର୍ବରୁ ସୟଦ ସାହେବଙ୍କୁ ସୂଚୀତ କରିବି । କେବଳ ଯେ ତାଙ୍କୁ ସୂଚୀତ କରିବି ତାହା ନୁହେଁ, ବରଂ ସେ ବିଷୟକୁ ପତ୍ରିକା ମାଧ୍ୟମରେ ପ୍ରକାଶିତ କରିଦେବି । କିନ୍ତୁ ଏଥିପାଇଁ ସୟଦ ସାହେବଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡିବ ଯେ ମୋର କହିବା ଅନୁଯାୟୀ ଏହା ପ୍ରମାଣିତ ହେବା ପରେ ସେ ନିଜର ଏହି ଭ୍ରାନ୍ତ ଧାରଣାକୁ ପରିତ୍ୟାଗ କରିବେ ।

ସୟଦ ସାହେବଙ୍କର କହିବାନୁଯାୟୀ ପବିତ୍ର କୁରଆନରେ ପରମେଶ୍ୱର ସମସ୍ତ ପ୍ରାର୍ଥନା ଗ୍ରହଣ କରିବାର ପ୍ରତିଶ୍ରୁତି ଦେଇଛନ୍ତି, ଅଥଚ ସମସ୍ତ ପ୍ରକାର ପ୍ରାର୍ଥନା ଗୃହୀତ ହୋଇ ନଥାଏ । ଏହା ତାଙ୍କର ବୃହତ ଭ୍ରାନ୍ତ ଧାରଣା  ଏବଂ ଏହି ପଙ୍କ୍ତି ادْعُوْنِيْٓ اَسْتَجِبْ لَكُمْ **ଉଦ୍ଉନି ଅସ୍ତଜିବ୍ଲକୁମ୍** (ଅଲ୍ ମୋମିନ୍ 40:61) ତାଙ୍କର କାମନା ପୂରଣ ନିମନ୍ତେ ଫଳପ୍ରଦ ନୁହେଁ । କାରଣ ଏହି ପ୍ରାର୍ଥନା ادْعُوْنِيْٓ اَسْتَجِبْ لَكُمْ **ଉଦ୍ଉନି ଅସ୍ତଜିବ୍ଲକୁମ୍** ଏକ ଆଦେଶ ରୂପେ ବର୍ଣ୍ଣନା କରାଯାଇଛି । ଏହାର ଅଭିପ୍ରାୟ କୌଣସି ସାଧାରଣ ପ୍ରାର୍ଥନା ନୁହେଁ, ବରଂ ଏହା ସେହି ଉପାସନା, ଯାହାକି ମନୁଷ୍ୟ ପ୍ରତି ଅନିବାର୍ଯ୍ୟ କରାଯାଇଛି । କାରଣ ସେହି ପଙ୍କ୍ତିରେ

ଆଦେଶ ଦେବା ଶୈଳୀରେ ଏକ କର୍ତ୍ତବ୍ୟ ରୂପେ ଏହାକୁ ପ୍ରମାଣସିଦ୍ଧ କରାଯାଇଛି । ତେଣୁ ଏଥିରୁ ଏହା ସୁସ୍ପଷ୍ଟ ଯେ ସମସ୍ତ ପ୍ରାର୍ଥନା କର୍ତ୍ତବ୍ୟ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ବରଂ କେତେକ ସ୍ଥଳେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଧୈର୍ଯ୍ୟ ଓ ସଂଯମ ରକ୍ଷାକାରୀଙ୍କ ପ୍ରଶଂସା କରିଛନ୍ତି, ଯାହାକି **'ଇନ୍ନାଲିଲ୍ଲାଃ'** ଅର୍ଥାତ ସମସ୍ତ ବସ୍ତୁ ପରମେଶ୍ୱରଙ୍କ ସକାଶେ ପର୍ଯ୍ୟାପ୍ତ ଓ ପରିବେଷ୍ଟିତ । ଏହି ପ୍ରାର୍ଥନା ବାଧ୍ୟତାମୂଳକ ହେବାର ବଡ଼ କାରଣ ହେଉଛି ଯେ କେବଳ ପ୍ରାର୍ଥନା ଏହି ଆଦେଶ ସକାଶେ ଯଥେଷ୍ଟ ମନେ କରାଯାଇ ନାହିଁ, ବରଂ ତାହାକୁ ଉପାସନା ଶବ୍ଦ ରୂପେ ସ୍ମରଣ କରାଯାଇ ଅବଜ୍ଞା କରିବା ଅବସ୍ଥାରେ ନର୍କ ଯନ୍ତ୍ରଣା ସହ୍ୟ କରିବା ପ୍ରତି ସଚେତନ କରାଯାଇଛି । ତେଣୁ ଏହା ସୁସ୍ପଷ୍ଟ ଯେ ଅନ୍ୟ ପ୍ରାର୍ଥନାରେ କୌଣସି ଚେତାବନୀ ଦିଆଯାଇ ନାହିଁ, ବରଂ କଦାଚିତ ଅବତାରମାନଙ୍କୁ ମଧ୍ୟ ପ୍ରାର୍ଥନା କରିବା ଫଳରେ ଭୟଭୀତ କରାଯାଇଛି । ତେବେ اِنِّىۡۤ اَعِظُكَ اَنۡ تَكُوۡنَ مِنَ الۡجٰهِلِيۡنَ **ଇନ୍ନି ଅଇଜୁକା ଅନ୍ ତକୁନା ମିନଲ୍ ଜାହିଲିନ୍** (ହୁଦ୍ 11:47) ପଙ୍କ୍ତି ଏହାର ପ୍ରମାଣ । ଏଥିରୁ ସ୍ପଷ୍ଟ ହେଉଛି ଯେ ଯଦି ପ୍ରତ୍ୟେକ ପ୍ରାର୍ଥନା ଉପାସନା ହୋଇଥାନ୍ତା, ତେବେ ହଜରତ ନୂହ[ଅସ]ଙ୍କୁ لَا تَسۡـَٔلۡنِ **ଲା ତସ୍ଅଲ୍ନି** (ହୁଦ୍ 11:47)ର ଶାସ୍ତି କାହିଁକି ମିଳିଥାନ୍ତା ! ଅନେକ ସମୟରେ ତ ମହାତ୍ମା ଓ ଅବତାରମାନେ ପ୍ରାର୍ଥନା କରିବାକୁ ଶିଷ୍ଟାଚାରର ବିପରୀତ ମନେ କରିଥାନ୍ତି ଏବଂ ସଦାଚାରୀଗଣ ଏପରି ପ୍ରାର୍ଥନା କରିବା ପୂର୍ବରୁ ନିଜ ଅନ୍ତରାତ୍ମାର କହିବା ମୁତାବକ କର୍ମ ମଧ୍ୟ କରିଥାନ୍ତି । ଅର୍ଥାତ ଯଦି ଅସୁବିଧା ସମୟରେ ଅନ୍ତରାତ୍ମା ପ୍ରାର୍ଥନା କରିବାକୁ କୁହେ, ତେବେ ସେ ପ୍ରାର୍ଥନା କରିବା ପ୍ରତି ମନ ବଳାଇଥାନ୍ତି । ଏବଂ ଯଦି ଧୈର୍ଯ୍ୟ ଧାରଣ କରିବାକୁ କୁହେ, ତେବେ ଧୈର୍ଯ୍ୟ ରକ୍ଷା କରିଥାନ୍ତି ସତ ମାତ୍ର ପ୍ରାର୍ଥନା କରିବାରୁ ମୁହଁ ମୋଡ଼ି ନେଇଥାନ୍ତି । ଏତତ୍ ବ୍ୟତୀତ ଅଲ୍ଲାଃତାଲା ଅନ୍ୟ ପ୍ରାର୍ଥନା ସ୍ୱୀକାର କରିବାର ପ୍ରତିଶ୍ରୁତି ଦେଇନାହାନ୍ତି, ବରଂ ସ୍ପଷ୍ଟ ରୂପେ କହିଛନ୍ତି ଯେ ମୁଁ ଇଚ୍ଛା କଲେ ପ୍ରାର୍ଥନା ସ୍ୱୀକାର କରିବି, ଇଚ୍ଛା କଲେ ପ୍ରତ୍ୟାଖାନ କରିଦେବି । ଯେପରିକି ପବିତ୍ର କୁରଆନରେ ସ୍ପଷ୍ଟ ଭାବରେ ବର୍ଣ୍ଣିତ ରହିଛି

بَلۡ اِيَّاهُ تَدۡعُوۡنَ فَيَكۡشِفُ مَا تَدۡعُوۡنَ اِلَيۡهِ اِنۡ شَآءَ

**ବଲ୍ ଇୟାହୁ ତଦ୍ଉନା ଫୟକ୍ଶିଫୁ ମାତଦ୍ଉନା ଇଲୈହି ଇନ୍ଶାଆ** (ଅନ୍ଆମ୍ 6:42) ଯଦି ଆମେ ଧରିନେବା ଯେ ସେହି ସ୍ଥାନରେ 'ଉଦ୍ଉ' ଶବ୍ଦ ସାଧାରଣତଃ ପ୍ରାର୍ଥନା ପାଇଁ ଉଦ୍ଦିଷ୍ଟ, ତେବେ ଆମ ପକ୍ଷେ ଏହାକୁ ସ୍ୱୀକାର କରିବା ଛଡ଼ା ଅନ୍ୟ କୌଣସି ଚାରା ନାହିଁ ଯେ ଏଠାରେ ପ୍ରାର୍ଥନା ଶବ୍ଦର ଅର୍ଥ କେବଳ ସେହି ପ୍ରାର୍ଥନାକୁ

ବୁଝାଉଛି, ଯାହାକି ସମସ୍ତ ସର୍ତ୍ତ ପୂରଣ ହେବା ସହିତ ଜଡ଼ିତ ରହିଥାଏ । ସମସ୍ତ ସର୍ତ୍ତକୁ ଏକତ୍ରିତ କରିବା କୌଣସି ମାନବ ପକ୍ଷେ ସମ୍ଭବପର ନୁହେଁ, ଯେପର୍ଯ୍ୟନ୍ତ ଅଲ୍ଲାଃଙ୍କ ନିକଟରୁ ସାମର୍ଥ୍ୟ ମିଳିବ ନାହିଁ । ଏହା ମଧ୍ୟ ମନେ ରଖନ୍ତୁ ଯେ ପ୍ରାର୍ଥନା କରିବା ପାଇଁ କେବଳ କାକୁତିମିନତି ହେବା ଓ ବ୍ୟାକୁଳତାର ସହ ଗୁହାରୀ କରିବା ଯଥେଷ୍ଟ ନୁହେଁ । ବରଂ ଧର୍ମନିଷ୍ଠା, ପବିତ୍ରତା, ସତ୍ୟବାଦୀତା, ସଂପୂର୍ଣ୍ଣ ଆସ୍ଥା, ସଂପୂର୍ଣ୍ଣ ମଗ୍ନତା, ପୂର୍ଣ୍ଣ ପ୍ରେମଭାବ ଏବଂ ଯେଉଁ ବ୍ୟକ୍ତି ପ୍ରାର୍ଥନା କରୁଛି ଅବା ଯାହା ପାଇଁ ପ୍ରାର୍ଥନା କରାଯାଉଛି, ତାହାର ଇହ ଓ ପରକାଳରେ ସଫଳତା ଲାଭ କରିବା ଅଲ୍ଲାଃଙ୍କ ଇଚ୍ଛା ଓ ବିଧାନର ବିପରୀତ ହୋଇ ନଥିବ । କାରଣ କେତେକ ସମୟରେ ସେହି ପ୍ରାର୍ଥନା ମାଧ୍ୟମରେ ଏବଂ ତତ୍‌ସହିତ ସମସ୍ତ ସର୍ତ୍ତ ତ ଏକତ୍ରିତ ହୋଇଯାଏ ସତ, କିନ୍ତୁ ଯେଉଁ ବିଷୟ ପାଇଁ କାମନା କରାଯାଇଥାଏ, ତାହା ଅଲ୍ଲାଃଙ୍କ ବିଧାନ ବିପରୀତ ହୋଇଥାଏ । ତାହାକୁ ପୂରଣ କରିବା ସଂପୃକ୍ତ ବ୍ୟକ୍ତି ପକ୍ଷେ ମଙ୍ଗଳମୟ ସାବ୍ୟସ୍ତ ହୋଇ ନଥାଏ । ଉଦାହରଣ ସ୍ୱରୂପ, ଯଦି କୌଣସି ମହିଳାଙ୍କ ଶିଶୁ କାନ୍ଦି ବୋବାଇ ଅତ୍ୟଧିକ ବିଳାପ କରେ ଏବଂ ରୁଷି ଯାଇ ନିଆଁର ଟୁକୁଡ଼ା କିମ୍ବା ସାପ ଛୁଆକୁ ଧରିବାକୁ ଚେଷ୍ଟା କରେ ଅବା ଏକ ସୁନ୍ଦର ଦିଶୁଥିବା ବିଷାକ୍ତ ପଦାର୍ଥ ଖାଇବାକୁ ଉଦ୍ୟମ କରେ, ତେବେ ସେହି ମହିଳା ନିଜ ଛୁଆର ଏପରି ଅଭିଳାଷ କଦାପି ପୂରଣ କରିବ ନାହିଁ । ଯଦି ପୂରଣ କରିଦିଏ ଏବଂ ଭାଗ୍ୟବଶତଃ ଛୁଆ ବଞ୍ଚି ବି ଯାଏ, କିନ୍ତୁ ଅପରପକ୍ଷେ ଛୁଆର କୌଣସି ଅଙ୍ଗ ଅକର୍ମଣ୍ୟ ହୋଇଯାଏ, ତେବେ ସାବାଳକ ହୋଇଗଲା ପରେ ସେହି ଛୁଆ ନିଜ ନିର୍ବୋଧ ମାତା ଉପରେ କ୍ଷୋଭ ପ୍ରକାଶ ହିଁ କରିବ । ଏହା ବ୍ୟତୀତ ଆହୁରି ଅନେକ ସର୍ତ୍ତ ମଧ୍ୟ ରହିଛି । ଯେପର୍ଯ୍ୟନ୍ତ ସେସବୁ ଏକତ୍ରିତ ନହୋଇଛି, ସେହି ପ୍ରାର୍ଥନାକୁ ସେପର୍ଯ୍ୟନ୍ତ ପ୍ରାର୍ଥନା କୁହାଯାଇ ପାରିବ ନାହିଁ । ସେହିପରି ଯେପର୍ଯ୍ୟନ୍ତ ପ୍ରାର୍ଥନା କରିବା ସମୟରେ ତାହାର ଅନ୍ତରାତ୍ମା ଓ ଆଧ୍ୟାତ୍ମିକତାର ଯୋଗଦାନ ନାହିଁ ଏବଂ ଯାହା ପାଇଁ ପ୍ରାର୍ଥନା କରାଯାଉଛି କିମ୍ବା ଯେଉଁ ବ୍ୟକ୍ତି ପ୍ରାର୍ଥନା କରୁଛି, ତାହା ମଧ୍ୟରେ ଏହି ଇଚ୍ଛା ଶକ୍ତି ଓ ଦୃଢ ମନୋବଳ ଉତ୍ପନ୍ନ ହୁଏ ନାହିଁ, ସେପର୍ଯ୍ୟନ୍ତ ତା'ର ପ୍ରାର୍ଥନା ଫଳପ୍ରଦ ହେବାର ଆଶା ରଖିବା ବୃଥା । ଯେପର୍ଯ୍ୟନ୍ତ ପ୍ରାର୍ଥନା ଗୃହୀତ ହେବା ପ୍ରତି ଐଶୀ ସମର୍ଥନ କାର୍ଯ୍ୟକାରୀ ହୋଇ ନଥାଏ ସେପର୍ଯ୍ୟନ୍ତ ଏହି ସମସ୍ତ ସର୍ତ୍ତ ଏକତ୍ରିତ ହୋଇ ନଥାନ୍ତି । ତାହାର ସାହାସ ଓ ମନୋବଳ ସଂପୂର୍ଣ୍ଣ ରୂପେ ଏକାଗ୍ରତା ଆସିବାରୁ ବଞ୍ଚିତ ରହିଥାଏ । ସୟଦ ସାହେବ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ ପରକାଳର ଜୀବନରେ ବାସଗୃହ ପାଇବାର ସୌଭାଗ୍ୟ, ଐଶୀ ପୁରସ୍କାର, ଆନନ୍ଦ ଓ ଆତ୍ମତୃପ୍ତି ଇତ୍ୟାଦି ଯାହାର ବ୍ୟାଖ୍ୟା ମୋକ୍ଷ ଲାଭ ବୋଲି ଚିତ୍ରଣ

କରାଯାଇଛି, ତାହା ଆତ୍ମବିଶ୍ୱାସ ଓ ସଂପୂର୍ଣ୍ଣ ବିଶ୍ୱାସ ଭିତ୍ତିକ ପ୍ରାର୍ଥନାର ପରିଣାମ । ତେବେ ଏପରି ଅବସ୍ଥାରେ ସୟଦ ସାହେବଙ୍କୁ ସ୍ୱୀକାର କରିବାକୁ ପଡ଼ିବ ଯେ ନିଃସନ୍ଦେହରେ ଜଣେ ବିଶ୍ୱାସକାରୀର ପ୍ରାର୍ଥନା ହିଁ ନିଜ ଭିତରେ ଫଳପ୍ରସୂର ପ୍ରଭାବ ରଖିଥାଏ ଏବଂ ସମସ୍ୟାଗୁଡ଼ିକ ଅଚିରେ ଦୂର ହେବା ତଥା ସମସ୍ତ ମନସ୍କାମନା ପୂରଣ ହେବାର ଆଧାରଶିଳା ରୂପେ ତାହା ସାବ୍ୟସ୍ତ ହୋଇଯାଏ । ଯଦି କୌଣସି ପ୍ରମାଣସିଦ୍ଧ ହେବାର କାରଣ ନାହିଁ, ତେବେ ତାହା କିପରି କୟାମତ ଦିନ ସ୍ୱୀକୃତିପ୍ରାପ୍ତ ହେବାର କାରଣ ହୋଇଯିବ । ଚିନ୍ତା କର, ଖୁବ୍ ଧ୍ୟାନପୂର୍ବକ ଚିନ୍ତା କର ଯେ ଯଦି ପ୍ରାର୍ଥନା ପ୍ରଭାବହୀନ ହେବ, ଯାହା ସଂସାରରୁ କୌଣସି ପ୍ରକାରର ସମସ୍ୟା ଦୂର କରିବାର ଉପଯୋଗୀ ହେବ ନାହିଁ, ତେବେ ତାହା ବିଚାର ଦିବସରେ କିଭଳି ଭାବରେ ସାଧନ ସାଜିପାରିବ ? ଏହା ତ ସୁସ୍ପଷ୍ଟ ଯେ ଯଦି ବାସ୍ତବରେ ଆମ ପ୍ରାର୍ଥନାରେ ଦୁର୍ଦ୍ଦଶାରୁ ରକ୍ଷା ପାଇବା ଦିଗରେ କୌଣସି ପ୍ରଭାବ ବହନ କରିଛି, ତେବେ ସେହି ପ୍ରଭାବ ଏହି ଇହକାଳରେ ମଧ୍ୟ ପ୍ରକାଶ ପାଇବା ଉଚିତ । ଯଦ୍ୱାରା ଆମର ବିଶ୍ୱାସ ଓ ଆସ୍ଥାରେ ଅଭିବୃଦ୍ଧି ଘଟିବ ଏବଂ ପରକାଳରେ ମୋକ୍ଷପ୍ରାପ୍ତ କରିବା ନିମନ୍ତେ ଆମେ ଆହୁରି ଅଧିକ ଉତ୍ସାହର ସହିତ ପ୍ରାର୍ଥନା କରିବା । କିନ୍ତୁ ଯଦି ପ୍ରାର୍ଥନାର କୌଣସି ମୂଲ୍ୟ ନାହିଁ ଏବଂ ଯାହା ଭାଗ୍ୟରେ ଲେଖାଅଛି ତାହା ହିଁ ପ୍ରାପ୍ତ ହେବ, ତେବେ ସଂସାରର ସକଳ ସମସ୍ୟାର ସମାଧାନ ପାଇଁ ପ୍ରାର୍ଥନା କରିବା ସୟଦ ସାହେବଙ୍କ କହିବା ଅନୁଯାୟୀ ଏକ ନିରର୍ଥକ ପ୍ରୟାସ । ଏହିପରି ତାହା ଅନ୍ତିମ ଦିବସରେ ମଧ୍ୟ ନିରର୍ଥକ ସାବ୍ୟସ୍ତ ହେବ ଯେଉଁଥିରେ ଆଶା ରଖିବା ଏକ ମିଥ୍ୟା ଲାଳସା । ବର୍ତ୍ତମାନ ମୁଁ ଏଥିରୁ ଅଧିକ କିଛି ଲେଖିବାକୁ ପସନ୍ଦ କରୁ ନାହିଁ । କାରଣ ପାଠକ ପାଠିକାମାନେ ମୋର ଲେଖା ପଢି ଭଲ ରୂପେ ବୁଝିପାରିବେ ଯେ ମୁଁ ସୟଦ ସାହେବଙ୍କ ଭ୍ରାନ୍ତଧାରଣାର ଯଥେଷ୍ଟ ପ୍ରମାଣ ଉଲ୍ଲେଖ କରିସାରିଛି । ଏହାପରେ ଯଦି ସୟଦ ସାହେବ ନିଜର ଜିଦଖୋର ମନୋବୃତ୍ତି ଯୋଗୁଁ ତାଙ୍କ ନିଜ କଥାରେ ଅଡ଼ି ବସନ୍ତି, ତେବେ ତାଙ୍କୁ ଅନ୍ୟ ଏକ ଉପାୟରେ ବୁଝାଇବା ନିମନ୍ତେ ଲେଖାଯାଇଛି । ଯଦି ସେ ସତ୍ୟର ଅନୁସନ୍ଧିତ୍ସୁ ହୋଇଥାନ୍ତି, ତେବେ ଏହାକୁ ଏଡ଼ାଇ ଦେଇ ଚାଲିଯିବେ ନାହିଁ ।

ସୟଦ ସାହେବଙ୍କ ଦ୍ୱିତୀୟ ପୁସ୍ତକ ଯାହାର ନାମ 'ତହରିର୍ ଫି ଓସୁଲେ ତଫସିର୍' ତାହା ତାଙ୍କର ଏହି ପୁସ୍ତକର ସମ୍ପୂର୍ଣ୍ଣ ବିପରୀତ । କାରଣ ସତେ ଯେପରି ସୟଦ ସାହେବ ଉଭୟ ପୁସ୍ତକ ଚେତନାଶୂନ୍ୟ ଅବସ୍ଥାରେ ରଚନା କରିଛନ୍ତି । କାରଣ ସୟଦ ସାହେବ ପ୍ରାର୍ଥନା ସ୍ୱୀକାର ହେବା ବିଷୟ ଲେଖିଥିବା ପତ୍ରିକାରେ ଭାଗ୍ୟକୁ ପ୍ରାଥମିକତା

ଦେଇଛନ୍ତି ଏବଂ ସେଥିପାଇଁ ଆବଶ୍ୟକୀୟ ନିୟମାବଳୀକୁ ହେୟଜ୍ଞାନ କରିଛନ୍ତି । ଏହି କାରଣରୁ ପ୍ରାର୍ଥନା ସ୍ୱୀକୃତି ହେବା ତତ୍ତ୍ୱକୁ ଅମାନ୍ୟ କରିଛନ୍ତି । କାରଣ ପ୍ରାର୍ଥନା ସେ ସମସ୍ତ ସିଦ୍ଧାନ୍ତ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ, ଯାହା ଉପରେ ଏକ ଲକ୍ଷରୁ ଅଧିକ ଅବତାର ଏବଂ କୋଟି କୋଟି ସିଦ୍ଧପୁରୁଷ ସାକ୍ଷ୍ୟ ପ୍ରଦାନ କରି ଆସିଛନ୍ତି★ ଏବଂ ଅବତାରମାନଙ୍କ ହସ୍ତରେ ପ୍ରାର୍ଥନା ବ୍ୟତୀତ ଅନ୍ୟ କ'ଣ ବା ଥିଲା ? ଦ୍ୱିତୀୟ ପତ୍ରିକାରେ ସୟଦ ସାହେବ ଯେପରି ଭାଗ୍ୟକୁ ତୁଚ୍ଛ ମଣିଛନ୍ତି, କାରଣ ସମସ୍ତ ବସ୍ତୁକୁ ସେ ସ୍ଥିର ବୋଲି ମନେ କରିଛନ୍ତି । ସତେ ଯେପରି ସେ ସମସ୍ତ ବସ୍ତୁ ଅଲ୍ଲାଃଙ୍କ ଅଧୀନରେ ନାହିଁ । ବର୍ତ୍ତମାନ ସେଗୁଡ଼ିକୁର ସ୍ଥିତି ପରିବର୍ତ୍ତନ କରିବାର ଅଧିକାର ତାଙ୍କର ଆଦୌ ନାହିଁ । ଯେପରିକି ତାହାଙ୍କ ଈଶ୍ୱରତ୍ୱ କେବଳ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ଆବଦ୍ଧ ହୋଇ ରହିଯାଇଛି । ସେ ସର୍ବଶକ୍ତିମାନ ହେବାର କ୍ଷମତା ହରାଇ ପଛରେ ରହି ଯାଇଛନ୍ତି । ବସ୍ତୁଗୁଡ଼ିକର ଯେଭଳି ଅବସ୍ଥା ରହିଛି ତାହା ସେମାନଙ୍କ

---

★**ପାଦଟୀକା:** ଶତାବ୍ଦୀ ପୁରୁଷ କୁତୁବ୍ ରବାନି ଓ ଗୌସ୍ ସୁବହାନୀ ସୟଦ ଅବଦୁଲ୍ କାଦିର ଜିଲାନୀ[ରଅ] ଯେପରି ଭାବରେ ନିଜ ପୁସ୍ତକ **ଫୁତୁହୁଲ୍ ଗଏବ୍**ରେ ସିଦ୍ଧ ପୁରୁଷଙ୍କ ଧ୍ୟାନ ଓ ତାଙ୍କ ଦୁଆର ପ୍ରଭାବ ସମ୍ବନ୍ଧରେ ନିଜର ଅଭିଜ୍ଞତା ଲେଖିଛନ୍ତି, ଆମେ ସାଧାରଣ ଜନତାଙ୍କ ମଙ୍ଗଳ ନିମନ୍ତେ ସେହି ପଙ୍କ୍ତି ଅନୁବାଦ ସହିତ ଏଠାରେ ଉଲ୍ଲେଖ କରୁଛୁ । ଏହି ଲେଖାର ଅଭିପ୍ରାୟ ହେଉଛି ପ୍ରତ୍ୟେକ କଳା ନୈପୁଣ୍ୟରେ ସେହି ବ୍ୟକ୍ତିର ସାକ୍ଷ୍ୟ ଦେବା ବିଶ୍ୱସନୀୟ ହୋଇଥାଏ ଯେକି ସେହି କଳାର ଗଭୀର ଗବେଷଣା କରିଥାଏ । ସୁତରାଂ ଏହି ଦୃଷ୍ଟିକୋଣରୁ ଦେଖିଲେ ପ୍ରାର୍ଥନା ସ୍ୱୀକାର ହେବାର ତାତ୍ତ୍ୱିକ ଦର୍ଶନ ସେହି ବ୍ୟକ୍ତି ଠାରେ ସଠିକ୍ ରୂପେ ଜଣାପଡ଼ିଥାଏ, ଯାହାର ପ୍ରଭୁଙ୍କ ସହିତ ନିଷ୍ପାପର ସମ୍ପର୍କ ସତ୍ୟ ଓ ଭଲ ପାଇବା ଦ୍ୱାରା ପ୍ରାପ୍ତ ହୋଇଥାଏ । ଅତଃ ସୟଦ ଅହମଦ ଖାନ୍ ସାହେବଙ୍କୁ ଏହି ପବିତ୍ର ଦର୍ଶନଶାସ୍ତ୍ର ସମ୍ବନ୍ଧରେ ପ୍ରଶ୍ନ କରିବା ଏପରି ଜଣାପଡୁଛି ଯେପରି ଜଣେ ରୋଗୀକୁ ଅନ୍ୟ କୌଣସି ବ୍ୟକ୍ତି ରୋଗର ଉପଚାର ସମ୍ବନ୍ଧରେ ପଚାରିବ । ଯଦି ସୟଦ ସାହେବ ସାଂସାରିକ ରୂପେ କୌଣସି ପ୍ରଶାସନିକ ସମ୍ବନ୍ଧରେ ତାହାର ଜନତାଙ୍କ ସହିତ ଆଲୋଚନା କରନ୍ତି, ତେବେ ନିଃସନ୍ଦେହରେ ସେ ଏହାର ଯୋଗ୍ୟତା ରଖୁଛନ୍ତି । କିନ୍ତୁ ପରମାତ୍ମାଙ୍କ କଥା ଆଧ୍ୟାତ୍ମିକ ପୁରୁଷ ହିଁ ଜାଣନ୍ତି । ସେହି ଗଦ୍ୟାଂଶଟି ହେଉଛି ଏହିପରି :

فاجعل انت جملتک واجزاء ک اصنامًا مع سائر الخلق ولا تطع شیئًا من ذالک ولا تتبعه جملة فتکون کبریتًا احمر فلا تکاد تری فحینئذٍ تکون وارث کل نبی و رسول و بک تختم الولایة و تنکشف الکروب و بک تسقی الغیوث و بک تنبت الزروع و بک تدفع البلایا والمحن عن الخاص والعام واهل الثغور و تقلبک ید القدرة ویدعوک لسان الازل وتنزل منازل من سلف من اولی العلم و یرد علیک التکوین و خرق العادات وتؤمن علی الاسرار والعلوم اللّدنیة وغرائبها

ଭାଗ୍ୟର ବିଧାନ ନୁହେଁ ବରଂ ସେମାନଙ୍କ ବ୍ୟକ୍ତିଗତ ବିଶେଷତ୍ୱ, ଯାହାକି ଅସ୍ଥିର କିନ୍ତୁ ପରିବର୍ତ୍ତନଶୀଳ ନୁହେଁ । କାରଣ ବିଧିଗତ ବିଧାନର ତାତ୍ପର୍ଯ୍ୟ ହେଉଛି ଭାଗ୍ୟର ଅଧିକାର ସହିତ ଜଡ଼ିତ ରହିବା । ଏଥିରୁ ସ୍ପଷ୍ଟ ହେଉଛି ଯେ ଯେଉଁ ବୈଶିଷ୍ଟ୍ୟ ଉପରେ ପରମେଶ୍ୱରଙ୍କର କୌଣସି ପ୍ରକାରର ଅଧିକାର ପ୍ରଯୁଜ୍ୟ ହୋଇ ନଥାଏ, ସେଗୁଡ଼ିକୁ ତାହାର ଭାଗ୍ୟଲେଖା ବୋଲି କିପରି କହିପାରିବା ? ଯଦି ତାଙ୍କର ଏହି ଅଧିକାର ଅଛି, ତେବେ ସେଥିରେ ପରିବର୍ତ୍ତନ କରିବାର ସମ୍ଭାବନା ମଧ୍ୟ ରହିଛି । ଯେପରି ସୟଦ ସାହେବ ଏହି ଦ୍ୱିତୀୟ ପତ୍ରିକାରେ ଭାଗ୍ୟର ମାଲିକାନା ଅଧିକାର ସମସ୍ତ ବସ୍ତୁ ଉପରୁ ଏପରି ଉଠାଇ ଦେଇଛନ୍ତି, ଯେପରି ସେଗୁଡ଼ିକ ନିଜ ବୈଶିଷ୍ଟ୍ୟ ପ୍ରତିପାଦନ କରିବା (ସୟଦ ସାହେବଙ୍କ କହିବାନୁସାରେ) ମୁନିବଙ୍କ ଇଚ୍ଛାଧୀନରେ ରହିବ ନାହିଁ । ବରଂ ଜଣେ ଦିନ ମଜୁରିଆର ପାଞ୍ଚ ଭାଗ ବଂଶଧରମାନଙ୍କ ପାଇଁ ଉତ୍ତରାଧିକାରୀ ସୂତ୍ରରେ ଯେଉଁ ଅଧିକାର ଇଂରେଜମାନେ ସ୍ଥାପନ କରିଥିଲେ । ଅର୍ଥାତ ଯେଉଁ ଆଇନ ବଳରେ ମାଲିକକୁ ଶ୍ରମିକମାନଙ୍କ ଉପରେ କୌଣସି ପ୍ରକାର ଅଧିକାର ହାସଲ ହେବ ନାହିଁ । ଏହିପରି ଉତ୍ତରାଧିକାରୀ ସୂତ୍ରକୁ ସୟଦ ସାହେବ ସମସ୍ତ ବସ୍ତୁ ଯେପରି ଅଗ୍ନି ଆଦି ପ୍ରତି ଲାଗୁ କରି ଦେଇଛନ୍ତି । ବରଂ ସୟଦ ସାହେବଙ୍କ ଆଇନରେ ତ ଇଂରେଜମାନଙ୍କ ଅପେକ୍ଷା ଅଧିକ କଠୋର ନିୟମ ପରିଲକ୍ଷିତ

ଅର୍ଥାତ 'ଯଦି ତୁମେ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବାକୁ ଇଚ୍ଛା କରୁଛ, ତେବେ ଏହି ବିଶ୍ୱାସ ପୋଷଣ କରିନିଅ ଯେ ତୁମ ହାତ, ଗୋଡ଼, ପାଦ, ଜିଭ, ଆଖି ଓ ତୁମର ସମ୍ପୂର୍ଣ୍ଣ ଅସ୍ତିତ୍ୱ ଓ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ତୁମ ମାର୍ଗରେ ପ୍ରତିମା ସଦୃଶ । ତୁମ ପିଲାଛୁଆ, ପତ୍ନୀ ଏବଂ ସମସ୍ତ ସାଂସାରିକ ଅଭିଳାଷ ଯାହାକି ତୁମେ ହାସଲ କରିବାକୁ ଚାହୁଁଛ । ଏହିପରି ସାଂସାରିକ ପ୍ରାଚୁର୍ଯ୍ୟ, ମର୍ଯ୍ୟାଦା, ପ୍ରତିଷ୍ଠା, ଆଶା ଆକାଙ୍କ୍ଷା ତଥା ଭୟ ଏବଂ ରାମ କିମ୍ବା ଦାମ ଉପରେ ଭରଷା କରିବା ଅଥବା ଖାଲିଦ୍ ଓ ଓ୍ୱଲିଦ୍ ତୁମର କ୍ଷତି କରିବା, ଏସବୁ କିଛି ତୁମ ମାର୍ଗରେ ମୃତବତ୍ ପ୍ରତିମା । ଅତଃ ତୁମେ ଏମାନଙ୍କ ମଧ୍ୟରୁ କୌଣସି ପ୍ରତିମାର ଅଜ୍ଞାପାଳନ କର ନାହିଁ ଏବଂ ସେଗୁଡ଼ିକ ପଛରେ ଧାଇଁ ତାକୁ ଅନୁକରଣ କରିବାରେ ମାତିଯାଅ ନାହିଁ । ଅର୍ଥାତ ପ୍ରକୃତ କର୍ତ୍ତୃତ୍ୱର ଅଧିକାରୀ ସେହି ଅଶେଷ କ୍ଷମାଶୀଳ ପ୍ରଭୁଙ୍କ ନିର୍ଦ୍ଦେଶକ୍ରମେ ପୁଣ୍ୟବନ୍ତ ଓ ମହାତ୍ମାମାନଙ୍କ ପଦାଙ୍କ ଅନୁକରଣ କର । ଅତଏବ ଯଦି ତୁମେ ଏପରି କରିବ, ତେବେ ତୁମେ ଲୋହିତ ସୁବାସିତ ଗନ୍ଧକଯୁକ୍ତ ବସ୍ତୁ ପାଲଟିଯିବ ଏବଂ ତୁମ ସ୍ଥାନ ଅତ୍ୟନ୍ତ ଊର୍ଦ୍ଧ୍ୱଗାମୀ ହେବ । ଏପରିକି ତୁମେ ଦୃଶ୍ୟମାନ ହେବ ନାହିଁ ଏବଂ ଅଲ୍ଲାଃତାଲା ତୁମକୁ ନିଜ ଅବତାର ଓ ରସୁଲ୍‌ଙ୍କ ଉତ୍ତରାଧିକାରୀ କରିଦେବେ । ଅର୍ଥାତ ସେମାନଙ୍କ ଜ୍ଞାନ, ପାରଦର୍ଶିତା ଓ ସମୃଦ୍ଧିରୁ ଯାହା ଅତ୍ୟନ୍ତ ରହସ୍ୟମୟ ଓ ଲୁପ୍ତ ହୋଇଯାଇଛି, ପୁନର୍ବାର ସେ ତୁମକୁ ତାହା ନୂତନ ରୂପେ ଅର୍ପଣ କରିବେ । ତୁମଠାରେ ହିଁ ଋଷିତୁଲ୍ୟ ଉପାଧି ଚରମ ଉତ୍କର୍ଷକୁ ସ୍ପର୍ଶ କରିବ । ଅର୍ଥାତ ତୁମ ଅନ୍ତେ କେହି ଏହି ଉତ୍‌ଥାନରେ ପହଁଞ୍ଚିବାର ସୌଭାଗ୍ୟ ଲାଭ କରିବେ ନାହିଁ । ତୁମ ପ୍ରାର୍ଥନା, ସାହାସିକ ସଙ୍କଳ୍ପ ଓ ତୁମ କଲ୍ୟାଣରୁ ଲୋକମାନଙ୍କର

ହେଉଛି । କାରଣ ଇଂଗ୍ରେଜମାନେ ତ ପାଞ୍ଚ ଭାଗ ଉତ୍ତରାଧିକାରୀଙ୍କୁ ସେମାନଙ୍କ ଅଧିକାର ପ୍ରାପ୍ତ କରିବାରୁ ବଞ୍ଚିତ ରଖିବା ନିମନ୍ତେ ଏକ ଉପାୟ ପ୍ରସ୍ତୁତ କରିଛନ୍ତି । ତାହା ହେଉଛି, ଯଦି କୌଣସି ଉତ୍ତରାଧିକାରୀ ଏକ ବର୍ଷ ପର୍ଯ୍ୟନ୍ତ ତା'ଉପରେ ଧାର୍ଯ୍ୟ କରାଯାଇଥିବା କରର ଏକ ଭାଗ ତାହା ଦୁଇ ଅଣା କାହିଁକି ନହେଲା ପରିଶୋଧ ନକରେ, ତେବେ ସେ ଶ୍ରମିକରୁ ବହିଷ୍କାର ହୋଇପାରେ । କିନ୍ତୁ ସୟଦ ସାହେବ ତ ପ୍ରତ୍ୟେକ ପରିସ୍ଥିତିରେ ମାଲିକର ଅଧିକାରତ୍ୱକୁ ଛିନ୍ନ କରି ଦେଇଛନ୍ତି ଏବଂ ଏହା ହେଉଛି ସବୁଠାରୁ ବଡ଼ ଅତ୍ୟାଚାର ।

ସୟଦ ସାହେବ ନିଜ ବନ୍ଧୁ ହରିଫ୍‌ଙ୍କ ଠାରୁ ପବିତ୍ର କୁରଆନ ବ୍ୟାଖ୍ୟା ଜନିତ ଗୁଣାତ୍ମକ ମାନର କାମନା କରିଛନ୍ତି । ଅତଃ ମୁଁ ଆବଶ୍ୟକ ମଣିଲି ଯେ ଏହି ଅବସରରେ ମଧ୍ୟ ସୟଦ ସାହେବଙ୍କର କିଛି ସେବା କରିଦିଏ । କାରଣ ବାଟବଣା ବ୍ୟକ୍ତିକୁ ବାଟ ଦେଖାଇବା ମୋର ସର୍ବପ୍ରଥମ କର୍ତ୍ତବ୍ୟ ।

ଏଥିନିମନ୍ତେ ଜାଣିବା ଉଚିତ ଯେ ପବିତ୍ର କୁରଆନ ବ୍ୟାଖ୍ୟାର **ପ୍ରଥମ ସ୍ତର** ହେଉଛି ସ୍ୱୟଂ କୁରଆନ । ଏହି ବିଷୟ ଅତ୍ୟନ୍ତ ଧ୍ୟାନପୂର୍ବକ ସ୍ମରଣ ରଖିବା ଉଚିତ ଯେ କୁରଆନ ସାଧାରଣ ପୁସ୍ତକ ସଦୃଶ ନୁହେଁ ଯେ କି ନିଜ ସତ୍ୟତା ପ୍ରତିପାଦନ କରିବା ନିମନ୍ତେ ଅନ୍ୟର ଆବଶ୍ୟକତା ଲୋଡ଼ିବ । ଏହା ଏକ ଏପରି ବିଶାଳ ପ୍ରାସାଦ ସଦୃଶ ଦଣ୍ଡାୟମାନ ହୋଇଛି, ଯାହାର ଗୋଟିଏ ମାତ୍ର ଇଟା ଦୋହଲିଗଲେ ସମ୍ପୂର୍ଣ୍ଣ ଅଟ୍ଟାଳିକାର ରୂପରେଖ ଅସ୍ତବ୍ୟସ୍ତ ହୋଇଯାଇଥାଏ । ପବିତ୍ର କୁରଆନର ଏପରି କୌଣସି

---

ଦୁଃଖ କ୍ଳେଶ ଦୂର କରାଯିବ । ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ପାଇଁ ତୁମେ ବାରିଧାରାର ମେଘମାଳା ସାଜିବ ଯଦ୍ୱାରା ବିସ୍ତୀର୍ଣ୍ଣ ଭୂମିରେ ଶସ୍ୟ ଉପୁଜିବ । ସମସ୍ତ ବିପତ୍ତି ଓ ଯନ୍ତ୍ରଣା ପ୍ରତ୍ୟେକ ବିଶେଷ ଓ ସାଧାରଣ ବ୍ୟକ୍ତି ଏପରିକି ରାଜା ମହାରାଜାଙ୍କର ସମସ୍ୟା ମଧ୍ୟ ତୁମ ଧ୍ୟାନ ଓ ପ୍ରାର୍ଥନା ଫଳରେ ଦୂରୀଭୂତ ହେବ । ଏପରିକି ବିଧାତାଙ୍କ ଅନୁକମ୍ପାର ହାତ ତୁମ ସାଥିରେ ଥିବ । ଯେଉଁ ଆଡ଼କୁ ସେ ମୁହଁ ବୁଲାଇବେ, ତୁମେ ସେହି ଆଡ଼କୁ ମୋଡ଼ି ହୋଇଯିବ । ଈଶ୍ୱରଙ୍କ ବାଗ୍ମିତାର ସ୍ୱର ତୁମକୁ ନିଜ ଆଡ଼କୁ ଡ଼ାକିବ । ଅର୍ଥାତ ଯାହା ତୁମ ମୁଖରୁ ପ୍ରସ୍ଫୁଟିତ ହେବ, ତାହା ଈଶ୍ୱରଙ୍କ ମୁଖନିଃସୃତ ହେବ ଏବଂ ସେଥିରେ କଲ୍ୟାଣ ନିହିତ ଥିବ । ତୁମେ ସମସ୍ତ ସତ୍ୟବାଦୀମାନଙ୍କ ପ୍ରତିନିଧିତ୍ୱ କରିବ, ଯାହାଙ୍କୁ ତୁମ ପୂର୍ବରୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଯାଇଛି । ଜଗତର ଉତ୍ପତ୍ତିଜନିତ ଭ୍ରାନ୍ତତତ୍ତ୍ୱ ତୁମଠାରେ ହିଁ ତର୍କ ଦ୍ୱାରା ଖଣ୍ଡନ କରାଯିବ । ଅର୍ଥାତ ତୁମ ପ୍ରାର୍ଥନା ଓ ଧ୍ୟାନ ସଂସାରରେ ପରିବର୍ତ୍ତନ ଆଣିଦେବ । ଯଦି ତୁମେ ବି ଲୁପ୍ତ ବସ୍ତୁକୁ ସତ୍ତାକୁ ଆଣିବା ଅବା ସତ୍ତାକୁ ଲୁପ୍ତ କରିବାକୁ ଇଚ୍ଛା କରିବ, ତେବେ ତାହା ହିଁ ଘଟିବ । ଅସାଧାରଣ ଓ ଅଦ୍ଭୁତ କାର୍ଯ୍ୟ ତୁମ ଦ୍ୱାରା ସମ୍ପାଦିତ ହେବ । ତୁମକୁ ଐଶ୍ୱରିକ ଜ୍ଞାନ ତଥା ସୂକ୍ଷ୍ମ ରହସ୍ୟର ଭେଦ ପ୍ରଦାନ କରାଯିବ । ଯେଉଁଥି ସକାଶେ ତୁମେ ବିଶ୍ୱସ୍ତ ଓ ଉପଯୁକ୍ତ ପାତ୍ର ରୂପେ ବିବେଚନା କରାଯିବ ।'

ସତ୍ୟତା ନାହିଁ, ଯାହାର ଅତି କମ୍‌ରେ ଦଶ କି କୋଡ଼ିଏଟି ପ୍ରମାଣ ଉପଲବ୍ଧ ନଥିବ । ସୁତରାଂ ଯଦି ଆମେ ତାହାଙ୍କର କୌଣସି ପଙ୍‌କ୍ତିର ଗୋଟିଏ ଅର୍ଥ କରୁଛୁ, ତେବେ ଆମକୁ ଦେଖିବାକୁ ହେବ ଯେ ସେହି ଅର୍ଥର ସମର୍ଥନରେ କୁରଆନରେ ପ୍ରମାଣ ରହିଛି କି ନାହିଁ, ଯଦି ତାହାର ସମର୍ଥନରେ ଅନ୍ୟ ପଙ୍‌କ୍ତିରେ ସାକ୍ଷ୍ୟ ଉଲ୍ଲେଖ ହୋଇ ନାହିଁ । ବରଂ ଯଦି ସେହି ଅର୍ଥର ବିପରୀତ ଅର୍ଥବୋଧକ ପଙ୍‌କ୍ତି ରହିଛି, ତେବେ ଆମକୁ ବୁଝିବାକୁ ହେବ ଯେ ସେହି ଅର୍ଥ କରିବାର କୌଣସି ମୂଲ୍ୟ ନାହିଁ । କାରଣ ପବିତ୍ର କୁରଆନରେ କୌଣସି ବିରୋଧାତ୍ମକ ନିର୍ଦ୍ଦେଶ ନାହିଁ । ତେଣୁ ସଠିକ୍ ଅର୍ଥର ଏହି ତାତ୍ପର୍ଯ୍ୟ ରହିଛି ଯେ ପବିତ୍ର କୁରଆନ ମଧ୍ୟରୁ ଚାକ୍ଷୁସ ପ୍ରମାଣର ଏକ ସେନାବାହିନୀ ରହିଛି, ଯାହା ସେହି ଅର୍ଥକୁ ଯୁକ୍ତିଯୁକ୍ତ ଭାବରେ ପ୍ରତିପାଦିତ କରିଥାଏ ।

**ଦ୍ୱିତୀୟ ସ୍ତର** ହେଉଛି ହଜରତ ମୁହମ୍ମଦ[ସଅ]ଙ୍କ ତାତ୍ତ୍ୱିକ ବ୍ୟାଖ୍ୟା । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ଯେ ଦିବ୍ୟଗ୍ରନ୍ଥ କୁରଆନର ଭାବାର୍ଥ ସବୁଠାରୁ ଉତ୍ତମ ରୂପେ ବୁଝିବାରେ ଆମ ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ] ହିଁ ସର୍ବାଗ୍ରେ ଥିଲେ । ସୁତରାଂ ଯଦି ମହାଭାଗଙ୍କ ଠାରୁ କୌଣସି ପଙ୍‌କ୍ତିର ଅର୍ଥ ସଠିକ୍ ବୋଲି ପ୍ରମାଣିତ ହୋଇଯାଏ, ତେବେ ଜଣେ ମୁସଲମାନର କର୍ତ୍ତବ୍ୟ ହେଉଛି, ଯେ ସେ ମୁହୂର୍ତ୍ତେ ହେଲେ ସମୟ ନଷ୍ଟ ନକରି ତଥା କୌଣସି ପ୍ରକାରର ଭୟ ନରଖି ତାହାକୁ ଅବିଳମ୍ବେ ସ୍ୱୀକାର କରିବା ଉଚିତ । ନଚେତ ନାସ୍ତିକତାର ଭାବନା ଓ ନିଜସ୍ୱ ଦର୍ଶନ ତତ୍ତ୍ୱର ରକ୍ତ ତା'ର ଶରୀରରେ ସଞ୍ଚାଳିତ ହେବ ।

**ତୃତୀୟ ସ୍ତର** ସହଚରମାନଙ୍କ ବ୍ୟାଖ୍ୟାମୂଳକ ଅର୍ଥ । ଏଥିରେ ମଧ୍ୟ କୌଣସି ସନ୍ଦେହ ନାହିଁ ଯେ ପବିତ୍ର ସହଚରମାନେ ହଜରତ ମୁହମ୍ମଦ[ସଅ]ଙ୍କ ଆଧ୍ୟାତ୍ମିକ ଆଲୋକ ପ୍ରାପ୍ତକାରୀ ଓ ଅବତାରତ୍ୱ ଜ୍ଞାନଧାରୀ ପ୍ରଥମ ବଂଶଧର ଥିଲେ । ଅଲ୍ଲାଃଙ୍କର ଅଶେଷ କୃପା ଓ ଅନୁକମ୍ପା ସେମାନଙ୍କ ସାହାଯ୍ୟ ସହଯୋଗ ନିମନ୍ତେ ସେମାନଙ୍କ ସାଥିରେ ଥିଲା । କାରଣ ସେମାନେ କେବଳ ବାକ୍ୟବୀର ନଥିଲେ, ବରଂ କର୍ମବୀର ଥିଲେ । ସେମାନେ ଯାହା କହୁଥିଲେ ତାକୁ କାର୍ଯ୍ୟରେ ମଧ୍ୟ ପରିଣତ କରୁଥିଲେ ।

**ଚତୁର୍ଥ ସ୍ତର** ହେଉଛି ପବିତ୍ର ମନରେ ଜଣେ ବ୍ୟକ୍ତି ସ୍ୱୟଂ କୁରଆନର ଅଧ୍ୟୟନ କରିବା । କାରଣ ପବିତ୍ର ମନ ଓ ସ୍ୱଚ୍ଛ ହୃଦୟ ସହିତ କୁରଆନର ସମ୍ବନ୍ଧ ରହିଛି । ଯେପରିକି ଅଲ୍ଲାଃ କହିଛନ୍ତି : لَّا يَمَسُّهُ إِلَّا الْمُطَهَّرُونَ (ୱାକେୟା 56:80) **ଲା ୟମସ୍‌ସୁହୁ ଇଲ୍ଲଲ୍ ମୁତହ୍‌ହରୁନ୍** ଅର୍ଥାତ ପବିତ୍ର କୁରଆନର ସତ୍ୟାସତ୍ୟ କେବଳ ସେହିମାନଙ୍କ ଉପରେ ଉନ୍ମୁକ୍ତ ହେବ, ଯେଉଁମାନେ ସ୍ୱଚ୍ଛ ହୃଦୟଧାରୀ ହୋଇଥାନ୍ତି ।

କାରଣ ପବିତ୍ର ହୃଦୟଧାରୀ ମନୁଷ୍ୟଙ୍କ ଉପରେ ପବିତ୍ର କୁରଆନର ଦିବ୍ୟଜ୍ଞାନ ସେମାନଙ୍କ ବୌଦ୍ଧିକ ଜ୍ଞାନ ତଥା ମାନସିକ ଶକ୍ତି ଅନୁଯାୟୀ ଉନ୍ମୁକ୍ତ କରାଯାଇଥାଏ । ଯାହାକୁ ଆଘ୍ରାଣ କରିବା ମାତ୍ରେ ତାଙ୍କୁ ଚିହ୍ନଟ କରି ନିଆଯାଇଥାଏ । ସେତେବେଳେ ତାଙ୍କ ହୃଦୟ କହି ଉଠେ 'ହଁ, ଏହା ହିଁ ସତ୍‌ମାର୍ଗ ।' ସେମାନଙ୍କ ଜ୍ୟୋତିର୍ମୟ ହୃଦୟ ସତ୍ୟକୁ ଚିହ୍ନିବା ପାଇଁ ଏକ ଉତ୍କୃଷ୍ଟ ସ୍ତର ସ୍ୱରୂପ ସାବ୍ୟସ୍ତ ହୋଇଥାଏ । ତେବେ ଯେପର୍ଯ୍ୟନ୍ତ ମନୁଷ୍ୟ କୌଣସି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଉପଯୁକ୍ତ ବିବେଚିତ ହୋଇଥାଏ ଓ ସେହି ସଂକୀର୍ଣ୍ଣ ମାର୍ଗକୁ ଅତିକ୍ରମ କରି ନଥାଏ, ଯେଉଁ ମାର୍ଗକୁ ଅବତାରଗଣ ଅତିକ୍ରମ କରିଥାନ୍ତି, ସେପର୍ଯ୍ୟନ୍ତ ତା'ପକ୍ଷେ ଏହା ଉଚିତ ନୁହେଁ ଯେ ସେ ଅବାଧ ଓ ଅହଂକାର ପ୍ରବୃତ୍ତ ହୋଇ ଦିବ୍ୟଗ୍ରନ୍ଥ କୁରଆନର ଭାଷ୍ୟକର ସାଜି ବସିବ । ଏପରି ଧରଣର ତଫସିର୍ ବିଲ୍ ରାଏ ଅର୍ଥାତ ନିରାଧାର ନିଷ୍ପତ୍ତି ମୂଳକ ବ୍ୟାଖ୍ୟା ଅନୁବାଦକ ହେବ, ଯାହା କରିବା ପାଇଁ ହଜରତ ମୁହମ୍ମଦ[ସଅ] ବାରଣ କରିଛନ୍ତି ଏବଂ କହିଛନ୍ତି مَنْ فَسَّرَ الْقُرْاٰنَ بِرَأْيِهٖ فَاَصَابَ فَقَدْ اَخْطَأَ **ମନ୍ ଫସ୍‌ସରଲ୍ କୁରଆନା ବିରାଈହୀ ଫଅସାବା ଫକଦ୍ ଅଖ୍‌ତା'ଆ** ଅର୍ଥାତ ଯେଉଁ ବ୍ୟକ୍ତି ନିଜସ୍ୱ ମତାମତ ଆଧାରରେ କୁରଆନର ବ୍ୟାଖ୍ୟା କରିଥାଏ ଯାହାକୁ କି ସେ ନିଜ ବିଚାରରେ ଉତ୍ତମ ବୋଲି ଭାବି ନେଇଥାଏ, ତେବେ ମଧ୍ୟ ସେ ତାହାର ଅତ୍ୟନ୍ତ ନିକୃଷ୍ଟ ସ୍ତରର ବ୍ୟାଖ୍ୟା କରିଥାଏ ।

**ପଞ୍ଚମ ସ୍ତର:** ଏହା ଆରବୀ ଭାଷାକୋଷ ଉପରେ ଆଧାରିତ । କିନ୍ତୁ ପବିତ୍ର କୁରଆନ ଗ୍ରନ୍ଥ ସ୍ୱୟଂ ଏପରି ସ୍ୱାବଲମ୍ବୀ ହୋଇଛି ଯେ ଏହାର ବ୍ୟାଖ୍ୟା ପ୍ରସ୍ତୁତ କରିବା ପାଇଁ ଆରବୀ ଶବ୍ଦକୋଷର କୌଣସି ଆବଶ୍ୟକତା ପଡ଼ିବ ନାହିଁ । ଏଥିରେ ସନ୍ଦେହ ନାହିଁ ଯେ ଜ୍ଞାନରେ ଅଭିବୃଦ୍ଧି ଘଟିବା ଆବଶ୍ୟକ । ବରଂ କେତେକ ସମୟରେ ଶବ୍ଦକୋଷରେ ଅନୁଶୀଳନ କରିବା ଦ୍ୱାରା ଅତିରିକ୍ତ ରହସ୍ୟ ପ୍ରତି ଧ୍ୟାନ କେନ୍ଦ୍ରୀତ ହୋଇଥାଏ ଏବଂ ଅନ୍ୟ ଏକ ରହସ୍ୟର ଭେଦ ଉନ୍ମୋଚିତ ହୋଇଯାଏ ।

**ଷଷ୍ଠ ସ୍ତର:** ଆଧ୍ୟାତ୍ମିକ ପ୍ରସଙ୍ଗକୁ ବୁଝିବା ନିମନ୍ତେ ଶାରୀରିକ ବ୍ୟବସ୍ଥା ରହିଛି । କାରଣ ପରମେଶ୍ୱର ଉଭୟ ବ୍ୟବସ୍ଥା ମଧ୍ୟରେ ଗଭୀର ସାମଞ୍ଜସ୍ୟ ରକ୍ଷା କରିଛନ୍ତି ।

**ସପ୍ତମ ସ୍ତର:** ଦୈବୀବାଣୀ ଓ ଐଶ୍ୱରିକ ବାର୍ତ୍ତାଳାପ ତଥା 'ମୁକାଶ୍‌ଫାତେ ମୁହଦସିନ୍'★ ଈଶ୍ୱରଙ୍କ ବାର୍ତ୍ତା ପ୍ରାପ୍ତକାରୀ ମହାପୁରୁଷଗଣଙ୍କ ସ୍ତର । ଏମାନଙ୍କ ଦ୍ୱାରା

★**ପାଦଟୀକା:** ସୟଦ ସାହେବ ନିଜର କୌଣସି ପୁସ୍ତକରେ ଦୈବିବାଣୀକୁ ସତ୍ୟତାର ମାନଦଣ୍ଡ ରୂପେ ଧାର୍ଯ୍ୟ କରିନାହାନ୍ତି ନା ସେ ତାହା ନିର୍ଦ୍ଧାରଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଏହାର କାରଣ ଜଣାପଡୁଛି ଯେପରିକି ସେ ଦୈବିବାଣୀକୁ ତାହା ଅବତାରଙ୍କ ପ୍ରତି ପ୍ରକଟିତ ଐଶୀବାଣୀ ହେଉ

ପ୍ରସ୍ତୁତ ବ୍ୟାଖ୍ୟାର ଗୁଣାତ୍ମକ ମାନ ଅନ୍ୟ ସମସ୍ତ ମାନଦଣ୍ଡ ଉପରେ ପ୍ରାଧାନ୍ୟ ରଖିଥାଏ । କାରଣ ଐଶ୍ୱରିକ ବାଣୀ ପ୍ରାପ୍ତକାରୀ ବ୍ୟକ୍ତି ଆନୁଗତ୍ୟ ସ୍ୱୀକାର କରିଥିବା ନିଜ ନବୀଙ୍କର ପୂର୍ଣ୍ଣ ପ୍ରତିବିମ୍ବ ହୋଇଥାନ୍ତି ଏବଂ ଅବତାରତ୍ୱ ଓ ଦୈବୀ ଆଦେଶାବଳୀକୁ ନୂତନ ଜୀବନ୍ୟାସ ଦେବା ଉଦ୍ଦେଶ୍ୟରେ ସେହି ସମସ୍ତ ବିଷୟ ପ୍ରଦାନ କରାଯାଇଥାଏ, ଯାହାକି ଜଣେ ଅବତାରଙ୍କୁ ପ୍ରଦାନ କରାଯାଇଥାଏ ଏବଂ ତାହା ଉପରେ ବିଶ୍ୱାସନୀୟତା ରୂପରେ ସତ୍‌ଶିକ୍ଷା ପ୍ରକଟ କରାଯାଇଥାଏ । କେବଳ ଏତିକି ନୁହେଁ,

---

ଅଥବା ସାଧୁସନ୍ଥଙ୍କ ପ୍ରତି ହେଉଥିବା ବାଣୀ ହେଉ, ସମ୍ମାନଜନକ ଦୃଷ୍ଟିରେ ଦେଖୁନାହାନ୍ତି । ବରଂ ତାହାକୁ ପ୍ରକୃତିର ସ୍ୱଭାବିକ ପ୍ରକ୍ରୀୟା ରୂପେ ବିଚାର କରୁଛନ୍ତି । ସୁତରାଂ ତାଙ୍କର ଏହି ମତାମତ ଉପରେ ଏଠାରେ ମୁଁ କିଛି ଲେଖିବା ଆବଶ୍ୟକ ମନେ କରୁଛି । ଏହା ସ୍ପଷ୍ଟ ହେଉ, ଯେ ସୟଦ ସାହେବଙ୍କର ଏହା ମସ୍ତବଡ଼ ଭୁଲ ଓ ଅତ୍ୟନ୍ତ ବିଶୃଙ୍ଖଳା ସୃଷ୍ଟିକାରୀ ତତ୍ତ୍ୱ ତଥା ସତ୍ୟ ଠାରୁ ଦୂରେଇ ଦେବା ଜନିତ ଅଭିମତ । ଯାହାକି ଐଶ୍ୱରିକ ବାଣୀକୁ କେବଳ ମଣିଷର ସ୍ୱାଭାବିକ ସାମର୍ଥ୍ୟ ରୂପେ ବୁଝିପାରିଥାଏ । ଏକଥା ସୁସ୍ପଷ୍ଟ ଯେ ମଣିଷର ବିଚାରଶକ୍ତି ଅନେକ ପ୍ରକାର ଯୋଗ୍ୟତା ବହନ ରହିଥାଏ ଏବଂ ସମସ୍ତ ଯୋଗ୍ୟତା ଏପରି ଯେ ଜଣକର ସ୍ୱାଭାବିକ କାର୍ଯ୍ୟଶୈଳୀ ଓ ଅନ୍ୟର ଶୈଳୀ ତଥା ଶାରୀରିକ ଗଠନର ପ୍ରତିବିମ୍ବ ହୋଇଥିବାର ସାକ୍ଷ୍ୟ ଦେଇଥାଏ । ଉଦାହରଣ ସ୍ୱରୂପ, କେତେକଙ୍କ ସ୍ୱଭାବରେ ଗଣିତ ଓ ବୀଜ ଗଣିତ ସହିତ ଏକ ଅପୂର୍ବ ସାମଞ୍ଜସ୍ୟ ରହିଥାଏ ଏବଂ କେତେକଙ୍କର ଚିକିତ୍ସା ବିଜ୍ଞାନ ସହିତ ହୋଇଥାଏ ତ ଅନ୍ୟ କେତେକଙ୍କର ତର୍କଶାସ୍ତ୍ର ଓ ସାହିତ୍ୟ ସହିତ ସାମଞ୍ଜସ୍ୟ ପରିଲକ୍ଷିତ ହୋଇଥାଏ । କିନ୍ତୁ ଏହି ଅନ୍ତର୍ନିହିତ ଯୋଗ୍ୟତା କାହାରିକୁ ସ୍ୱୟଂ ଗଣିତ, ବୀଜ ଗଣିତ, ଚିକିତ୍ସା ବିଜ୍ଞାନ ଓ ତର୍କ ଶାସ୍ତ୍ରରେ ବିଦ୍ୱାନ କରିଦେଇ ନଥାଏ । ବରଂ ଏପରି ବ୍ୟକ୍ତି ସେହି ବିଭାଗରେ ପାଣ୍ଡିତ୍ୟ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କର ଆବଶ୍ୟକତା ଲୋଡ଼ିଥାଏ । ପୁଣି ଜଣେ ବିଦ୍ୱାନ ଶିକ୍ଷକ ତା'ର ସ୍ୱଭାବ ଅନୂକୁଳ ଏକ ବିଶେଷ ଜ୍ଞାନ ପ୍ରତି ରୁଚି ଦେଖାଇ ସେଥିପ୍ରତି ତାହାକୁ ଅନୁପ୍ରାଣିତ କରେ । ଯେପରି ନିମ୍ନ ପଦ୍ୟରେ ରହିଛି:

ہر کسے را بہر کارے ساختند　　میل طبعش اندراں انداختند

**ହର କସେ ରା ବହରକାରେ ସାଖତନ୍ଦ୍   ମେଲ ତବଅଶ୍ ଅନ୍ଦରାନେ ଅନ୍ଦାଖ୍ତନ୍ଦ**

ଏହି ଶିକ୍ଷା ପ୍ରାପ୍ତ କଲାପରେ ଶେଷରେ ସେହି ଯୋଗ୍ୟତା ଯାହାକି ବୀଜର ଭ୍ରୁଣ ପରି ଲୁଚି ରହିଥିଲା, ତାହା ଅଙ୍କୁରିତ ହୋଇଉଠେ ଏବଂ ଭଲିକି ଭଲି ଜ୍ଞାନର ସୁକ୍ଷ୍ମତତ୍ତ୍ୱ ତାହାକୁ ବୁଝାପଡ଼ିଥାଏ । ଯାହାକିଛି ସେହି କଳାନୈପୁଣ୍ୟ ସମ୍ବନ୍ଧରେ ନୂତନ ଆବିଷ୍କାର ତାହାର ହୃଦୟରେ ଈଶ୍ୱର ଉତ୍ପନ୍ନ କରିଥାନ୍ତି, ଯଦି ତାହାର ନାମ ଐଶ୍ୱରିକ ବାଣୀ ଅଥବା 'ଓହି' ରଖାଯାଏ, ତେବେ ତାହା କେବେ ଭୁଲ ହେବ ନାହିଁ । କାରଣ ନିଃସନ୍ଦେହରେ ସେ ସମସ୍ତ ଉତ୍ତମ ତଥ୍ୟ ଯଦ୍ୱାରା ମନୁଷ୍ୟର ଉପକାର ହିଁ ସାଧିତ ହୋଇଥାଏ, ଈଶ୍ୱରଙ୍କ ନିକଟରୁ ତା'ର ହୃଦୟରେ ଅବତୀର୍ଣ୍ଣ ହୋଇଥାଏ । ଯେପରିକି ବର୍ଣ୍ଣିତ ରହିଛି ଆମ୍ଭେ ଅଲ୍ଲାଃ ପରମବ୍ରହ୍ମ ବାସ୍ତବରେ ଏଥିପ୍ରତି ତୁମମାନଙ୍କର ଧ୍ୟାନ ଆକର୍ଷଣ କରୁଛୁ ଯେ فَأَلْهَمَهَا فُجُورَهَا وَتَقْوَاهَا **ଫଅଲ୍‌ହମାହା ଫୁଜୁରହା ଓ୍ୱତକ୍‌ଓ୍ୱହା** (ଅସ୍ ଶମସ୍ 91:9) ଅର୍ଥାତ ମନ୍ଦ କଥା ଓ ଭଲ କଥାମାନ ଯାହାକି ମଣିଷ

ବରଂ ତାହା ଉପରେ ସେ ସମସ୍ତ କଥା ପବିତ୍ର ପୁରସ୍କାର ଆକାରରେ ଅବତୀର୍ଣ୍ଣ ହୋଇଥାଏ, ଯାହାକି ନବୀଙ୍କ ଅନୁଗାମୀମାନଙ୍କ ଉପରେ ଅବତୀର୍ଣ୍ଣ କରାଯାଇଥାଏ । ତେଣୁ ତାହାର କଥନ କେବଳ କାଳ୍ପନିକ ହୋଇ ନଥାଏ, ବରଂ ସେ ବାସ୍ତବରେ ସ୍ୱଚକ୍ଷୁରେ ଦେଖି କହିଥାଏ ଓ କର୍ଣ୍ଣରେ ଶୁଣି ଅବଗତ କରାଇଥାଏ । ତେବେ ଏହି ମାର୍ଗ ମୁସଲମାନ ସମ୍ପ୍ରଦାୟର ଆଧ୍ୟାତ୍ମିକ ଉନ୍ନତି କକ୍ଷେ ଉନ୍ମୁକ୍ତ କରାଯାଇଛି । ସୁତରାଂ ଏହା କଦାପି ସମ୍ଭବ ନୁହେଁ ଯେ ପ୍ରକୃତପକ୍ଷେ ପ୍ରାର୍ଥନା ତତ୍ତ୍ୱର କେହି ଉତ୍ତରାଧିକାରୀ ହେବେ ନାହିଁ ଏବ ଯେଉଁ ବ୍ୟକ୍ତି ପାର୍ଥିବ ଲାଳସା ତଥା ସାଂସାରିକ ମୋହମାୟା ଭିତରେ ବନ୍ଦୀ ହୋଇ ରହିଛି, ସେ ଅବତାରତ୍ୱ ଜ୍ଞାନର ଉତ୍ତରାଧିକାରୀ ହୋଇଯିବ ।

---

ହୃଦୟରେ ଜାତ ହୋଇଥାଏ ତାହା ଈଶ୍ୱରଙ୍କ ନିକଟରୁ ହିଁ ଅବତୀର୍ଣ୍ଣ ହୋଇଥାଏ । ପୁଣ୍ୟବନ୍ତ ବ୍ୟକ୍ତି ନିଜ ଉତ୍ତମ ସ୍ୱଭାବ ଯୋଗୁଁ ଏହାର ଯୋଗ୍ୟ ବିବେଚିତ ହୋଇଥାଏ କି ଉତ୍ତମ ବାଣୀ ତାହା ମନରେ ସ୍ୱତଃ ଉତ୍ପନ୍ନ ହେଉ । ସେହିପରି ମନ୍ଦ ବ୍ୟକ୍ତି ନିଜ ମନ୍ଦ ସ୍ୱଭାବ ଯୋଗୁଁ ଏହାର ଅଧିକାରୀ ହୋଇଥାଏ ଯେ ମନ୍ଦ ଭାବନା ଓ ଅପକର୍ମ ମୂଳକ ଯୋଜନା ତାହା ମନରେ ଉଦ୍ରେକ ହେବ । ବାସ୍ତବରେ ପୁଣ୍ୟବନ୍ତ ମଣିଷ ଏପରି ଦିବ୍ୟବାଣୀ ପ୍ରାପ୍ତ କରିବା ପାଇଁ ସ୍ୱଭାବଗତ ଭାବେ ଏକ ଉତ୍ତମ ଯୋଗ୍ୟତା ନିଜ ଭିତରେ ସାଇତି ରଖିଥାଏ ଏବଂ ଅସତ୍ ପୁରୁଷ ନିଜ ସ୍ୱଭାବ ଯୋଗୁଁ ଏକ ମନ୍ଦ ସାମର୍ଥ୍ୟ ରଖିଥାଏ । ସୁତରାଂ ଏହି ମାନବୀୟ ପ୍ରବୃତ୍ତି ଯୋଗୁଁ ଅନେକ ଲୋକ ଭଲ ଓ ମନ୍ଦ ଲେଖା ତଥା ପବିତ୍ର ଓ ଅପବିତ୍ର ପ୍ରବଚନ ନିଜ ସ୍ମୃତିପଟରେ ଛାଡ଼ି ଯାଇଥାନ୍ତି । କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି ଯେ କ'ଣ ଅବତାରଗଣଙ୍କ ପ୍ରତି ଯେଉଁ ଦୈବୀବାଣୀ ପ୍ରକଟିତ ହୋଇଥାଏ, ତାହାର ବାସ୍ତବିକତା ସେମାନଙ୍କ ସ୍ୱଭାବଗତ ଯୋଗ୍ୟତା ମାତ୍ର ଯଦ୍ୱାରା ସେମାନେ ଏଭଳି ବାଣୀ ପ୍ରାପ୍ତ କରି ଲାଭବାନ ହୋଇଥାନ୍ତି । ଉପରେ ମୁଁ କରିଥିବା ବ୍ୟାଖ୍ୟା ଦ୍ୱାରା କେବଳ ଏହି ସତ୍ୟ ପ୍ରଘଟ ହୋଇଗଲା । କାରଣ ଅବତାରଙ୍କ ପ୍ରତି ଦୈବିବାଣୀ ସେମାନଙ୍କ ନିଜସ୍ୱ ସ୍ୱଭାବଗତ ସାମର୍ଥ୍ୟ ଅଛି ବୋଲି ପ୍ରକାଶ କରି ଅବତାର ତଥା ତାଙ୍କ ପରି ଅନ୍ୟ ସାଧୁପୁରୁଷଙ୍କ ମଧ୍ୟରେ ତୁଳନାତ୍ମକ ଚିନ୍ତାଧାରା ତଥା ଏକ ସାମଞ୍ଜସ୍ୟ ରକ୍ଷା କରିବା ବେଶ୍ କଷ୍ଟକର ବ୍ୟାପାର । ସମ୍ଭବତଃ ସୟଦ ସାହେବ ଏଠାରେ କହିପାରନ୍ତି ଯେ ଆମେ 'ଓହି ମତ୍‌ଲୁ' ଅର୍ଥାତ କୁରଆନ୍‌ର ଅବିକଳ ପଙ୍‌କ୍ତି ଦୈବୀବାଣୀ ରୂପେ ପ୍ରକଟିତ ହେଉଥିବା ବିଷୟକୁ ଆମେ ସ୍ୱୀକାର କରୁଛୁ । କିନ୍ତୁ ଆମେ ସୟଦ ସାହେବଙ୍କର ଏହି ଚପଳମତି ମନୋଭାବକୁ ବେଶ୍ ଭଲ ଭାବରେ ବୁଝିପାରୁଛୁ । ସେ ଏପରି ଧରଣର ଦୈବୀବାଣୀ ପ୍ରକାଶକୁ କଦାପି ବିଶ୍ୱାସ କରନ୍ତି ନାହିଁ । ଯାହାପ୍ରତି ଆମେ ବିଶ୍ୱାସ ସ୍ଥାପନ କରୁଛୁ । ଏହା ଏକ ସ୍ପଷ୍ଟ କଥା ଯେ وَمَا يَنْطِقُ عَنِ الْهَوٰى اِنْ هُوَ اِلَّا وَحْيٌ يُّوْحٰى (ନଜମ୍ 53:4,5) **ଓ୍ୱମା ୟନ୍‌ତିକୁ ଅନିଲ୍ ହୱା ଇନ୍‌ହୁଓ ଇଲ୍ଲା ଓହ୍‌ୟୁଇଁ ୟୁହା** ତାହାର ଏକ ଦୃଷ୍ଟାନ୍ତ । ଆମେ ଏହା ପୁନଃ ସ୍ମରଣ କରାଇ ଦେଉଛୁ ଯେ କୌଣସି ପ୍ରକାରର ଐଶ୍ୱରିକ ଶକ୍ତି ସଂଚାର ହେବା ସହିତ ଶବ୍ଦ ସଂଯୋଜନା ସର୍ବଦା ରହିଥାଏ । ଯେପରି ଜଣେ କବି ଗୋଟିଏ ପଦ ସହିତ ଅନ୍ୟ ଏକ ପଦ ଯୋଡ଼ିବା ପାଇଁ ଶବ୍ଦ ଅନ୍ୱେଷଣ କରିଥାଏ । ସୁତରାଂ ତାହାର ମନମସ୍ତିଷ୍କରେ ଅଲ୍ଲାଃଙ୍କ ନିକଟରୁ କୌଣସି ଦିବ୍ୟ ଶକ୍ତି ସଂଚାର ହେବ, ତେବେ ତାହା ସେହି ଶବ୍ଦ ସହିତ ହିଁ ହେବ । ବର୍ତ୍ତମାନ

କାରଣ ଈଶ୍ୱର ଏଥିପାଇଁ ଅଙ୍ଗୀକାରବଦ୍ଧ ଯେ ପବିତ୍ର ବ୍ୟକ୍ତିଙ୍କ ବ୍ୟତୀତ ଅବତାରତ୍ୱ ସମ୍ବନ୍ଧୀୟ ଦିବ୍ୟଜ୍ଞାନ ଅନ୍ୟ କାହାରିକୁ ଦିଆଯାଇ ନାହିଁ । ବରଂ ଏହା ତ ସେହି ଦିବ୍ୟ ଜ୍ଞାନ ସହିତ ପରିହାସ କରିବା ସଦୃଶ, ଯେପରିକି ପ୍ରତ୍ୟେକ ବ୍ୟକ୍ତି ନିଜକୁ କର୍ମଜନିତ ପାପ ପଙ୍କିଳ ଅବସ୍ଥାରେ ପଡ଼ି ରହିଥିଲେ ସୁଦ୍ଧା ଅବତାରତ୍ୱ ପ୍ରାପ୍ତ କରିବାର ଘୋଷଣା କରିଦିଏ । ଏହା ମଧ୍ୟ ଏକ ମହା ନିର୍ବୋଧତା ଯେ ସେହି ପବିତ୍ର ବଂଶଧରମାନଙ୍କ ଅସ୍ତିତ୍ୱକୁ ଅମାନ୍ୟ କରି ଏହି ବିଶ୍ୱାସ ପୋଷଣ କରାଯାଏ ଯେ ଅବତାରତ୍ୱ ପରମ୍ପରାର ରହସ୍ୟକୁ କେବଳ ଅତୀତର ଏକ କାହାଣୀ ବୋଲି ଧରିନେବା ଉଚିତ । ଯେଉଁମାନଙ୍କ

---

ଯେତେବେଳେ ଏହା ସିଦ୍ଧ ହୋଇଗଲା ଯେ ବିଦ୍ୱାନ, ବୁଦ୍ଧିମାନ ବ୍ୟକ୍ତି ଓ କବିମାନଙ୍କୁ ମଧ୍ୟ ଈଶ୍ୱରଙ୍କ ନିକଟରୁ ଦିବ୍ୟବାଣୀ ପ୍ରକଟିତ ହୋଇଥାଏ ଏବଂ ତାହା ମଧ୍ୟ 'ଇଲହାମ୍ ମତ୍‌ଲୁ' ଅର୍ଥାତ କୁରଆନର ଅବିକଳ ପଙ୍‌କ୍ତି ସମ୍ବଳିତ ଦୈବୀବାଣୀ ରୂପେ ବିବେଚିତ ହୋଇଥାଏ । ଏପରି ସେମାନଙ୍କୁ ସତ୍‌ପଥ ଓ ମନ୍ଦବ୍ୟକ୍ତିଙ୍କୁ ଅସତ୍‌ପଥ ମୂଳକ ସାମର୍ଥ୍ୟ ପ୍ରଦାନ କରାଯାଇଥାଏ । ଏବଂ ସେହି ସାମର୍ଥ୍ୟ ଅନୁସାରେ ପୁଣ୍ୟବନ୍ତମାନଙ୍କୁ ବେଳେବେଳେ ଦିବ୍ୟବାଣୀ ପ୍ରକଟିତ ହୋଇଥାଏ । ଉଦାହରଣ ସ୍ୱରୂପ, ରେଳଗାଡ଼ି ଉଦ୍ଭାବନ କରିଥିବା ବ୍ୟକ୍ତିକୁ ମଧ୍ୟ ଐଶ୍ୱରିକ ବାଣୀ ପ୍ରାପ୍ତ ହୋଇଥିବ ଏବଂ ବିଦ୍ୟୁତ ଉଦ୍ଭାବନ କରିଥିବା ବ୍ୟକ୍ତି ମଧ୍ୟ ଏହି ଦୃଷ୍ଟିକୋଣରୁ ମୁଲହିମ୍ (ଦିବ୍ୟବାଣୀ ପ୍ରାପ୍ତକାରୀ– ଅନୁବାଦକ) ଅଟେ । ତେବେ ସେହି ଅଭିଯୋଗ ଯାହା ବିଷୟରେ ଆମେ ଆଲୋଚନା କରିଆସିଲୁ ସୟଦ ସାହେବଙ୍କ ପ୍ରତି ତାହା ଲାଗୁ ହେଉଛି । ଯଦି ସୟଦ ସାହେବ ଏହି ପ୍ରଶ୍ନର ଉତ୍ତର ଦିଅନ୍ତି କି ବାସ୍ତବରେ ଐଶ୍ୱରିକ ଶକ୍ତି ଦ୍ୱାରା ଅନୁପ୍ରେରିତ ହେଉଥିବା ଆତ୍ମା କୌଣସି ନବୀ କ୍ଷେତ୍ରରେ ହୋଇଥାଉ ଏପରି କି ସେ ଅମାନ୍ୟକାରୀ କିମ୍ବା ବିଶ୍ୱାସକାରୀ ହୋଇଥାନ୍ତୁ, ସମସ୍ତଙ୍କ କ୍ଷେତ୍ରରେ ସମାନ ହେବ । କିନ୍ତୁ ସେମାନଙ୍କ ମଧ୍ୟରେ ଏତିକି ପ୍ରଭେଦ ରହିଛି ଯେ ଅବତାରଙ୍କ ସ୍ୱର୍ଗୀୟ ବାଣୀ ସର୍ବଦା ସତ୍ୟ ସାବ୍ୟସ୍ତ ହୋଇଥାଏ । ଏହି ଉତ୍ତର ଦ୍ୱାରା ସୟଦ ସାହେବଙ୍କୁ ଏହା ସ୍ୱୀକାର କରିବାକୁ ହେବ ଯେ ଅବତାରଙ୍କ ପ୍ରତି ଦୈବୀବାଣୀ ଅମାନ୍ୟକାରୀଙ୍କ ପ୍ରତି ହେଉଥିବା ସ୍ୱର୍ଗୀୟବାଣୀ ମଧ୍ୟରେ କୌଣସି ଅନ୍ତର ନାହିଁ । ଅଧିକନ୍ତୁ ଅବତାରଙ୍କ ବାଣୀ ହେଉଛି ତ୍ରୁଟି ରହିତ । ଅପର ପକ୍ଷେ ଅରସ୍ତୁ ଓ ଅଫଲାତୁନ୍ ଆଦି ବିଦ୍ୱାନମାନଙ୍କ ଦୈବୀବାଣୀ ତ୍ରୁଟିରୁ ପବିତ୍ର ନୁହେଁ । କିନ୍ତୁ ଏପରି ଘୋଷଣା କରିବା ପ୍ରମାଣଭିତ୍ତିକ ନୁହେଁ, ବରଂ ଏହା ଜୋରଜବର କରିବା ତଥା ଅଯୌକ୍ତିକ । କାରଣ ଏପରି ଅବସ୍ଥାରେ ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ମହାଦାର୍ଶନିକ ଓ ପ୍ରଶାସକଙ୍କ ଉପଦେଶ ଏବଂ ସଦାଚାରୀଙ୍କ ନୀତିଶିକ୍ଷା ଯାହାକି ସମସ୍ତ ଦୋଷତ୍ରୁଟିରୁ ପବିତ୍ର ତଥା ପବିତ୍ର କୁରଆନ ସହିତ ମେଳ ଖାଉଥିବା ବାଣୀ । ଯାହା ପ୍ରତି କୌଣସି ସନ୍ଦେହ ପୋଷଣ ନକରି ଅଲ୍ଲାଃଙ୍କ ବାଣୀ ବୋଲି ବୁଝି ପବିତ୍ର କୁରଆନ ସହିତ ସମାନ ହୋଇଥିବାର ସ୍ୱୀକାର କରନ୍ତୁ । ତାହାକୁ ପୁଣି 'ଓହି ମତ୍‌ଲୁ' ଅବିକଳ କୁରଆନ ବାଣୀ ସମ୍ବଳିତ ଐଶୀ ପ୍ରକଟନ ହେବାର ବିଶ୍ୱାସ ରଖନ୍ତୁ । ସେହିପରି ଦ୍ୱିତୀୟ ଅଂଶ ଯେଉଁଥିରେ ତ୍ରୁଟି ଦୃଷ୍ଟିଗୋଚର ହୋଇଛି, ତାହାକୁ ସେହିପରି ଭାଷାନ୍ତର ଜନିତ ବ୍ୟାଖ୍ୟା ମୂଳକ ଦୋଷତ୍ରୁଟିର ଅନ୍ତର୍ଗତ କରିଦିଅ, ଯେପରିକି ଅବତାରମାନଙ୍କ ଦ୍ୱାରା ମଧ୍ୟ କଦାଚିତ ବ୍ୟାଖ୍ୟାଜନିତ ଭୁଲ ହୋଇଯାଇଥାଏ । ତେବେ ଏହି ନୀତିରେ ବିଚାର କଲେ ବିଜ୍ଞ ପ୍ରଶାସକ ବରଂ ଅମାନ୍ୟକାରୀଙ୍କୁ ମଧ୍ୟ ଅବତାରମାନଙ୍କ ଶ୍ରେଣୀଭୁକ୍ତ ବୋଲି ଧରିନେବା ।

ଅସ୍ତିତ୍ୱ ଆମ ସମ୍ମୁଖରେ ନାହିଁ, ଯାହା ହେବା ନା କେବେ ସମ୍ଭବ ନା ସେମାନଙ୍କର କୌଣସି ଦୃଷ୍ଟାନ୍ତ ରହିଛି । ବାସ୍ତବରେ ତା'ନୁହେଁ । କାରଣ ଯଦି ଏପରି ହୋଇଥାନ୍ତା, ତେବେ ଇସଲାମକୁ ଜୀବିତ ଧର୍ମ ବୋଲି କୁହାଯାଇ ନଥାନ୍ତା । ବରଂ ଅନ୍ୟାନ୍ୟ ଧର୍ମ ପରି ଏହାକୁ ମଧ୍ୟ ମୃତ ବୋଲି କୁହାଯାଇଥାନ୍ତା । ଏପରି ଅବସ୍ଥାରେ ଅବତାରତ୍ୱର

ବର୍ତ୍ତମାନ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହା ବାସ୍ତବରେ ଏକ ଏପରି ଚିନ୍ତାଧାରା ଯଦ୍ୱାରା ସମ୍ଭବତଃ ସୟଦ ସାହେବଙ୍କର ବିଶ୍ୱାସ ଭ୍ରଷ୍ଟ ହୋଇଯିବ । ବରଂ ନିୟୁଟନ୍ ଆଦି ବିଜ୍ଞ ବ୍ୟକ୍ତିମାନଙ୍କ ପ୍ରତି ଦୈବୀବାଣୀର ବିଚାରଧାରା ଭିତ୍ତିକ ଦିବ୍ୟ ପ୍ରକଟନ ଠାରୁ ଉତ୍ତମ ବୋଲି ସେ ଭାବୁଛନ୍ତି । ଦୁଃଖର ବିଷୟ ହେଉଛି, ଯଦି ସୟଦ ସାହେବ କୁରଆନ୍‌ର ଅର୍ଥ ବୁଝିବା ପାଇଁ କୁରଆନକୁ ହିଁ ମାନଦଣ୍ଡ ବୋଲି ବିଚାରନ୍ତେ ତେବେ ନିଜେ ଧ୍ୱଂସ ହେବାରୁ ବର୍ତ୍ତୀ ଯାଇଥାନ୍ତେ । କୁରଆନ କୌଣସି ସ୍ଥାନରେ ନିଜ ବାଣୀର ଉଦାହରଣ ଏପରି ଦର୍ଶାଇ ନାହିଁ କି ତାହା ସେହି ସ୍ରୋତ ପରି ଯାହାକି ଭୂପୃଷ୍ଠରୁ ଉତ୍ପତି ଲାଭ କରିଛି । ବରଂ ପ୍ରତ୍ୟେକ ସ୍ଥାନରେ ଏହି ଦୃଷ୍ଟାନ୍ତ ଉପସ୍ଥାପନ କରିଅଛି ଯେ ତାହା ସେହି ବର୍ଷା ଜଳ ପରି ଯାହା ଆକାଶରୁ ଅବତୀର୍ଣ୍ଣ ହୋଇଥାଏ ।

ଯଦି ସୟଦ ସାହେବ ଲେଖିବା ପୂର୍ବରୁ କୌଣସି ଯୋଗ୍ୟ ବ୍ୟକ୍ତିଙ୍କୁ ପଚାରି ବୁଝି ନେଇଥାନ୍ତେ କି ଅଲ୍ଲାଃଙ୍କ ବାଣୀ ଅବତରିତ ହେବା କାହାକୁ କୁହାଯାଏ ଓ ଏହା କିପରି ଅବତୀର୍ଣ୍ଣ ହୋଇଥାଏ, ତେବେ ମଧ୍ୟ ନିଜର ଏହି ଭ୍ରମଧାରଣାରୁ ବର୍ତ୍ତୀ ଯାଇଥାନ୍ତେ । ଏହି ଧୋକା ଖାଇବା ଯୋଗୁଁ  ସୟଦ ସାହେବ ମୁସଲମାନମାନଙ୍କ ଏକ ବଡ଼ ଗୋଷ୍ଠୀକୁ ନଷ୍ଟଭ୍ରଷ୍ଟ କରିଦେଇଛନ୍ତି ଏବଂ ସେମାନଙ୍କୁ ପ୍ରାୟତଃ ନାସ୍ତିକତା ଓ ଅଧର୍ମର ନିକଟବର୍ତ୍ତୀ କରିଦେଇଛନ୍ତି । ପୁଣି ଅବତାରମାନଙ୍କ ପ୍ରତି ପ୍ରକଟିତ ଦୈବୀବାଣୀର ମର୍ଯ୍ୟାଦା ହରାଇ ଦେଇ ମାମୁଲି ସ୍ୱଭାବର ସାମର୍ଥ୍ୟ ମଧ୍ୟରେ ସୀମିତ କରିଦେଲେ, ଯେଉଁଥିରେ ଅମାନ୍ୟକାରୀ ଓ ଅବିଶ୍ୱାସକାରୀ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାନ୍ତି ।

ବର୍ତ୍ତମାନ ମୁଁ କେବଳ ଅଲ୍ଲାଃଙ୍କ ଗୌରବରକ୍ଷା ସକାଶେ ନିଜର ବ୍ୟକ୍ତିଗତ ସାକ୍ଷ୍ୟ ସୟଦ ସାହେବଙ୍କ ସେବାରେ ଉପସ୍ଥାପନ କରୁଅଛି । ସମ୍ଭବତଃ ଈଶ୍ୱର ତାଙ୍କ ଉପରେ କୃପା କରିବେ । ସୁତରାଂ ହେ ପ୍ରିୟ ବନ୍ଧୁ ! ମୁଁ ସର୍ବବ୍ୟାପୀ ଅଲ୍ଲାଃ ପରମବ୍ରହ୍ମଙ୍କର ଶପଥ କରି କହୁଛି ଯେ ମୋର ଏହି ଉକ୍ତି ହେଉଛି ପରମ ସତ୍ୟ, ଯେଉଁ ଦୈବୀବାଣୀ ଆକାଶରୁ ଏପରି ଭାବେ ହୃଦୟରେ ଅବତୀର୍ଣ୍ଣ ହୋଇଥାଏ ଯେପରି ଦିବାକରର ପ୍ରକାଶ କାନ୍ଥ ଉପରେ ପଡ଼ିଥାଏ । ମୁଁ ପ୍ରତିଦିନ ଅବଲୋକନ କରୁଛି ଯେ ଯେତେବେଳେ ଐଶୀ ବାର୍ତ୍ତାଳାପ ଆରମ୍ଭ ହେବାର ସମୟ ଉପନୀତ ହୁଏ, ସେତେବେଳେ ମୋ ଉପରେ ତନ୍ଦ୍ରା ଅବସ୍ଥା ଆସି ଯାଇଥାଏ ଏବଂ ହଠାତ୍ ମୋର ଅସ୍ତିତ୍ୱ ଏକ ପରିବର୍ତ୍ତନୀୟ ବସ୍ତୁ ପରି ପାଲଟି ଯାଇଥାଏ ଏବଂ ମୋର ଇନ୍ଦ୍ରୀୟାସକ୍ତ ଭାବନା ଓ ଚେତନା ଶକ୍ତି ବାକି ରହିଥାଏ । କିନ୍ତୁ ସେତେବେଳେ ମୁଁ ନିଜର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ କୌଣସି ଶକ୍ତିଶାଳୀ ସତ୍ତାଙ୍କ ହାତ ମୁଠାରେ ଥିବାର ଅନୁଭବ କରିଥାଏ । ଯେପରିକି ମୋର ସମସ୍ତ ଶୀରାପ୍ରଶିରା ତାଙ୍କ କବଳରେ ରହିଛି । ଯାହା କିଛି ମୁଁ ନିଜର ବୋଲି ଭାବୁଛି ସେସବୁ ବର୍ତ୍ତମାନ ମୋର ନୁହେଁ, ବରଂ ତାଙ୍କର । ଯେତେବେଳେ ଏପରି ଅବସ୍ଥା ଆସିଯାଏ, ସେତେବେଳେ ସର୍ବପ୍ରଥମେ

ଐଶୀ ପରମ୍ପରା ଉପରେ ବିଶ୍ୱାସ ରଖିବା ବିଷୟ କେବଳ ଏକ କାହାଣୀ ପରି ମନେ ହୋଇଥାନ୍ତା, ଯାହାକୁ ପୂର୍ବ କାଳର କିମ୍ବଦନ୍ତୀର ଦୃଷ୍ଟାନ୍ତ ରୂପେ ପ୍ରମାଣ ଉପସ୍ଥାପନ କରାଯାଇଥାନ୍ତା । କିନ୍ତୁ ବିଜ୍ଞ ପ୍ରଶାସକଙ୍କ ପରି ଈଶ୍ୱର ଏପରି କରିବା ପାଇଁ ଇଚ୍ଛା କଲେ ନାହିଁ । କାରଣ ସେ ବେଶ୍ ଭଲ ଭାବରେ ଅବଗତ ଥିଲେ ଯେ ଇସଲାମ ଜୀବିତ ହେବାର ପ୍ରମାଣ ଓ ନବୁଓ୍ୱତ୍ ଉପରେ ବିଶ୍ୱାସ ସ୍ଥାପନ କରିବାର ବାସ୍ତବିକତା ଯାହା

ଈଶ୍ୱର ମନର ସେହି ବିଚାରଗୁଡ଼ିକୁ ମୋ ନୟନ ସମ୍ମୁଖରେ ରଖିଦିଅନ୍ତି । ଯେଉଁମାନଙ୍କ ଉପରେ ନିଜ ବାଣୀ କାୟା ବିସ୍ତାର କରିବା ତାଙ୍କ ଦ୍ୱାରା ଅନୁଗ୍ରହୀତ ହୁଏ, ସେତେବେଳେ ଏକ ବିଚିତ୍ର ଅନୁଭବ ପ୍ରକାଶ କରାଯାଏ ଯାହାର ପ୍ରଭାବରେ ସେହି ସବୁ ମନର ବିଚାର ଗୋଟିଏ ପରେ ଗୋଟିଏ ଦୃଷ୍ଟିଗୋଚର ହୋଇଥାଏ । ଉଦାହରଣ ସ୍ୱରୂପ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି ସମ୍ବନ୍ଧରେ ମନରେ ବିଚାର ଆସିଥାଏ କି ତା'ର ଅମୁକ ଔଷଧ ଦ୍ୱାରା ଆରୋଗ୍ୟ ଲାଭ ହେବ କିମ୍ବା ହେବ ନାହିଁ, ସେତେବେଳେ ହଠାତ୍ ଅଲ୍ଲାଃଙ୍କ ବାଣୀର ଏକ ପ୍ରକାଶ ବିଜୁଳି ପରି ତାହା ଉପରେ ପଡ଼ିଥାଏ ଏବଂ କେତେକ ସମୟରେ ତାହା ଅବତୀର୍ଣ୍ଣ ହେବା ସହିତ ସମ୍ପୂର୍ଣ୍ଣ ଶରୀର ଆନ୍ଦୋଳିତ ହୋଇ ଯାଇଥାଏ । ତା'ପରେ ଈଶ୍ୱରଙ୍କ ଅଦାଲତରେ ସେହି ମକଦ୍ଦମାର ସମାଧାନ ହୋଇ ଅନ୍ୟ ଏକ ବିଚାର ମନରେ ଆସିଥାଏ । ଏଣେ ସେହି ଭାବନା ମନରେ ଉଙ୍କି ମାରେ, ତେଣେ ସ୍ୱର୍ଗୀୟ ବାଣୀର ଏକ କ୍ଷୁଦ୍ରଅଂଶ ତତ୍ ସଙ୍ଗେ ସଙ୍ଗେ ତା'ଉପରେ ପଡ଼ିଥାଏ । ଯେପରି ଜଣେ ତୀର ଚାଳନାକାରୀ ଶିକାରର ପ୍ରତ୍ୟେକ ହରକତ କରିବା ସାଥିରେ ତୀର ଚାଳନା କରିଚାଲେ, ଠିକ୍ ସେହି ସମୟରେ ଏହା ଅନୁଭବ ହୋଇଥାଏ ଯେ ମନର ବିଚାର ଭାବନା ପ୍ରକାଶ ହୋଇ ଚାଲିବା ଆମର ସ୍ୱଭାବଗତ ସାମର୍ଥ୍ୟରୁ ହିଁ ଜାତ ହୋଇଥାଏ ଏବଂ ସେହି ବାଣୀ ଯାହା ତା'ଉପରେ ଆସି ପଡ଼ିଥାଏ, ତାହା ଉର୍ଦ୍ଧ୍ୱରୁ ହିଁ ଅବତୀର୍ଣ୍ଣ ହୋଇଥାଏ । କିନ୍ତୁ ଏହି ଓହିକୁ ତାହା ସହ ସମତୁଲ କରିବା ଅତ୍ୟନ୍ତ ଅଶିଷ୍ଟତା ହେବ । କାରଣ ଯଦିଚ କବିମାନଙ୍କୁ ମଧ୍ୟ କିଛି ଚିନ୍ତା କରିବା ପରେ ହିଁ ଏକ ପ୍ରେରଣାର ଉତ୍ସ ତଥା ସୃଜନଶୀଳ ଭାବନା ସଞ୍ଚାରିତ ହୋଇ ଏହି ଅନୁପ୍ରେରିତ ବାଣୀ ଧ୍ୟାନ ଓ ଭାବନାର ଏକ ପରିଣାମ ସ୍ୱରୂପ ଆସିଥାଏ, ଯାହା ମାନସିକ ଆବେଗ ଓ ଚେତନା ଥିବା ଅବସ୍ଥାରେ ପ୍ରକଟ ହୋଇଥାଏ । ଏବଂ ତାହା ମାନବୀୟ ଭାବନାର ସୀମା ମଧ୍ୟରେ ଥାଏ । କିନ୍ତୁ ସେହି ଦୈବୀବାଣୀ କେବଳ ସେହି ସମୟରେ ପ୍ରକଟିତ ହୋଇଥାଏ, ଯେତେବେଳେ ମନୁଷ୍ୟ ନିଜର ସଂପୂର୍ଣ୍ଣ ଅସ୍ତିତ୍ୱ ସହିତ ପରମେଶ୍ୱରଙ୍କ ଅକ୍ତିଆରକୁ ଆସି ଯାଇଥାଏ, ଯାହା ଫଳରେ ନିଜ ଚିନ୍ତା ଓ ଧ୍ୟାନ କୌଣସି ରୂପେ ତା'ର ଆୟତ୍ତାଧୀନ ହୋଇ ନଥାଏ । ସେତେବେଳେ ଜିହ୍ୱା ସତେ ଯେପରି ତାହାର ନିଜର ନୁହେଁ, ବରଂ ବାହ୍ୟରୁ ଏକ ମହାଶକ୍ତି ତାହା ଠାରୁ କାମ ନେଉଛି । ଏହି ପରିସ୍ଥିତି ଯାହା ମୁଁ ବର୍ଣ୍ଣନା କରିଛି ସେଥିରୁ ସ୍ପଷ୍ଟ ବୁଝାପଡୁଛି ଯେ ପ୍ରକୃତିର ବ୍ୟବସ୍ଥା କ'ଣ ଏବଂ ଆକାଶରୁ କ'ଣ ଅବତୀର୍ଣ୍ଣ ହୋଇଥାଏ ? ପରିଶେଷରେ ମୁଁ ପ୍ରାର୍ଥନା କରୁଛି ପରମେଶ୍ୱର ଏପରି ଜଘନ୍ୟ ଓ ଦୁର୍ଭାଗ୍ୟଜନକ ସ୍ୱଭାବକୁ ମୁସଲମାନମାନଙ୍କ ହୃଦୟରୁ ଏପରି ଭାବରେ ପରିଷ୍କାର କରିଦିଅନ୍ତୁ, ଯେପରି ସେଥିରେ କୌଣସି କାଳିମାର ଦାଗ ରହିବ ନାହିଁ । କାରଣ ଇସଲାମର ସମୃଦ୍ଧି ଯେଉଁ ଚକ୍ଷୁ ଦ୍ୱାରା ଦେଖାଯାଇଥାଏ ସେହି ଚକ୍ଷୁ ସେପର୍ଯ୍ୟନ୍ତ ଖୋଲିବ ନାହିଁ, ଯେପର୍ଯ୍ୟନ୍ତ ଏହି କାଳିମାର ଧୂଆଁ ନିଜ ସମ୍ମୁଖରୁ ଦୂର ଓ ସମାପ୍ତ ହେବ ନାହିଁ ।

ପ୍ରତ୍ୟେକ ଯୁଗରେ ଦୈବୀବାଣୀ ବିରୋଧି ଅମାନ୍ୟକାରୀଙ୍କୁ ନୀରବ କରାଇପାରିବ । ଏହା ସେତେବେଳେ ଯାଇ ସମ୍ଭବ ହୋଇପାରିବ ଯେତେବେଳେ ଦୈବୀବାଣୀର ପ୍ରକଟିତ ଧାରା ଦିବ୍ୟ ପ୍ରକଟନ ଲାଭ କରୁଥିବା ଐଶୀ ପୁରୁଷଙ୍କ ମାଧ୍ୟମରେ ସଦାସର୍ବଦା ପ୍ରଚଳିତ ହୋଇ ରହିବ । ତେଣୁ ସେ ଏହିପରି ହିଁ କଲେ । ସୁତରାଂ ମୁହଦିସ୍‌ର ଆଖ୍ୟା ସେହିମାନେ ହିଁ ଲାଭ କରିଥାନ୍ତି, ଯେଉଁମାନେ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ପ୍ରାପ୍ତ କରିଥାନ୍ତି ଏବଂ ସେମାନଙ୍କ ଯୋଗ୍ୟତାସମ୍ପନ୍ନ ସମସ୍ତ ଅବତାରମାନଙ୍କ ମହାନ ପ୍ରତିଭା ସହିତ ସମାନତା ରକ୍ଷା କରିଥାନ୍ତି । ଯଦ୍ୱାରା ଦିବ୍ୟବାଣୀ ଅବତୀର୍ଣ୍ଣ ହେବାର ଅଭୁତ ସୂକ୍ଷ୍ମ ରହସ୍ୟ ଜନକ ଅବତାରତ୍ୱ ପ୍ରାପ୍ତି ଏକ ଅମ୍ଳାନ ଚିହ୍ନ ହୋଇ ରହିଯିବ । ଯେପରି କି ଏହା କୌଣସି ଯୁଗରେ ପ୍ରମାଣଶୂନ୍ୟ ହୋଇ କାଳ୍ପନିକ କଥାବସ୍ତୁ ପରି ରହି ନଯାଉ । ଏପରି ବିଚାର କଦାପି ସ୍ୱୀକାର ଯୋଗ୍ୟ ନୁହେଁ ଯେ

اے نیچر شوخ اِین چہ ایذاست — از دستِ تو فتنہ ہر طرف خاست
آن کس کہ رہِ کجت پسندید — دیگر نہ گزید جانبِ راست
لیکن چو زِ غور و فکر بینیم — از ماست مصیبتے کہ بر ما است
متروک شد است درسِ فرقان — زان روز ہجوم اِین بلاہا است
نیچر نہ باصلِ خویش بَد بُود — دینِ گم شُد و نُورِ عقل ہا کاست
برقطرہ نگون شُدند یک بار — رو تافتہ زان طرف کہ دریا است
برجنت و حَشر و نَشر خندند — کین قصۂ بعید از خِرَدہا است
چوں ذِکرِ فرشتگان بیائد — گوید خلافِ عقلِ دانا است
اے سیِّدِ سرگروہ اِین قوم — ہُشدار کہ پائے تو نہ بر جا است
پیرانہ سَر ایں چہ در سر افتاد — رو توبہ کُن ایں نہ راہِ تقواست
تَرسم کہ بدینِ قیاس یک روز — گوئی کہ خدا خیال بیجا است
اے خواجہ برو کہ فکرِ انسان — درکارِ خدا ز نوعِ سودا است
آخر ز قیاس ہا چہ خیزد — بنشین کہ نہ جائے شور و غوغا است
اے بندۂ بصیرت از خدا خواہ — اسرار خدا نہ خوان یغما است

ଅବତାରଗଣ ଏହି ଇହଧାମରୁ ନିଃସନ୍ତାନ ଓ ବଂଶଶୂନ୍ୟ ହୋଇ ଚାଲିଯିବେ । ତେଣୁ ସେମାନଙ୍କ ସମ୍ବନ୍ଧରେ କୌଣସି ବ୍ୟକ୍ତିଗତ ରାୟ ପ୍ରକାଶ କରିବା କେବଳ ଏକ କାହାଣୀ ଶୁଣାଇବା ବ୍ୟତୀତ ଅନ୍ୟ କୌଣସି ମହତ୍ୱ ରଖି ନଥାଏ । ବରଂ ପ୍ରତ୍ୟେକ ଶତାବ୍ଦୀରେ ଆବଶ୍ୟକ ସମୟରେ ତାଙ୍କର ଉତ୍ତରାଧିକାରୀ ଏହି ଧରାପୃଷ୍ଠରେ ଜନ୍ମଗ୍ରହଣ କରି ଆସିଛନ୍ତି ଏବଂ ଚଳିତ ଶତାବ୍ଦୀର ଅବତାର ବଂଶଜ ହେଉଛି ଏହି ବିନୀତ । ଈଶ୍ୱର ମୋତେ ଏହି ଯୁଗର ସୁଧାର ସକାଶେ ପ୍ରେରଣ କରିଛନ୍ତି, ଯଦ୍ୱାରା ସେସବୁ ଦୋଷତ୍ରୁଟି ଯାହାକି ସେହି ପରମାତ୍ମାଙ୍କ ବିଶେଷ ସମର୍ଥନ ବ୍ୟତୀତ ଉତ୍ପନ୍ନ ହୋଇ ନଥାଏ, ତାହା ମୁସଲମାନମାନଙ୍କ ମନମସ୍ତିଷ୍କରୁ ବାହାର କରିଦିଆଯିବ ଏବଂ ଅମାନ୍ୟକାରୀଙ୍କୁ ସତ୍ୟ ଓ ଜୀବିତ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଦିଆଯିବ । ତତ୍‌ସହିତ ଇସଲାମର ପ୍ରତିଷ୍ଠା ଓ ବାସ୍ତବିକତା ସଦ୍ୟ ନିର୍ଦ୍ଦେଶନ ମାଧ୍ୟମରେ ପ୍ରମାଣିତ କରାଯିବ । ସୁତରାଂ ଏହା ହିଁ ଆଜି ଅନୁଭୂତ ହେଉଛି । କୁରଆନର ଭକ୍ତି ରସାତ୍ମକ ଜ୍ଞାନ ପ୍ରକାଶ ପାଉଛି । ଈଶ୍ୱରଙ୍କ ପ୍ରଦତ୍ତ ଶିକ୍ଷାର ରହସ୍ୟ ଓ ସୂକ୍ଷ୍ମ ଭେଦ ଉନ୍ମୋଚିତ ହେଉଛି । ଆକାଶରୁ ସ୍ୱର୍ଗୀୟ ଚିହ୍ନ ଓ ଅଲୌକିକ ତଥ୍ୟ ପ୍ରକଟିତ ହେଉଛି ଏବଂ ଇସଲାମର ଐଶ୍ୱର୍ଯ୍ୟ, ଜ୍ୟୋତି ତଥା କଲ୍ୟାଣ ଈଶ୍ୱରଙ୍କ ନିକଟରୁ ଅଭିନବ ରୂପରେ ନିଜର ଚମତ୍କାରୀତା ଦେଖାଉଛି । ଯାହାର ଦୃଷ୍ଟିଶକ୍ତି ଅଛି ସେ ଦେଖିନେଉ ଓ ଯାହାର ନିଷ୍ଠାପୂର୍ଣ୍ଣ ଆଗ୍ରହ ଅଛି ସେ ତାହାର କାମନା କରୁ ଏବଂ ଯାହାର ଅନ୍ତରରେ ନିମିତ୍ତ ମାତ୍ର ଅଲ୍ଲାଃ ଓ ରସୁଲଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ରହିଛି, ସେ ଜାଗ୍ରତ ହୁଅନ୍ତୁ ଏବଂ ପରୀକ୍ଷା କରିନିଅନ୍ତୁ । ଏବଂ ପରମେଶ୍ୱରଙ୍କ ଏହି ପ୍ରିୟ ଜମାଅତରେ ଅନ୍ତର୍ଭୁକ୍ତ ହୋଇଯା'ନ୍ତୁ, ଯାହାର ଭିତ୍ତିପ୍ରସ୍ତର ସ୍ୱୟଂ ସେ ନିଜ ପବିତ୍ର ହସ୍ତରେ ରଖିଛନ୍ତି । ବର୍ତ୍ତମାନ ଏପରି କହିବା ଯେ ଦୈବିବାଣୀ ଅବତୀର୍ଣ୍ଣ ହେବା ପ୍ରକ୍ରୀୟାର ମାର୍ଗ ଅବରୋଧ କରାଯାଇଛି ଏବଂ ଏଣିକି କୌଣସି ପ୍ରକାରର ନିଦର୍ଶନ ପ୍ରକଟିତ ହେବା ସମ୍ଭବ ନୁହେଁ ତଥା ଭକ୍ତର କୌଣସି ପ୍ରାର୍ଥନା ଗ୍ରହୀତ ହେବ ନାହିଁ ଇତ୍ୟାଦି ବାକ୍ୟ ହେଉଛି ବିନାଶର ମାର୍ଗ ନା ନିରାପତ୍ତା ଓ ଶାନ୍ତିର ମାର୍ଗ ଆଡ଼କୁ ତାହା ଟାଣି ନେଉଛି । ତେଣୁ ପରମେଶ୍ୱରଙ୍କ କୃପାକୁ ଅନ୍ୱେଷଣ କର ଓ ଏହାକୁ ପ୍ରତ୍ୟାଖ୍ୟାନ କରନାହିଁ, **ଉଠ ଓ ଏହି ସତ୍ୟକୁ ପରୀକ୍ଷା ନିରୀକ୍ଷା କରିନିଅ** । ତା'ପରେ ଯଦି ମୋତେ ସାଧାରଣ ବୁଝାମଣା ଓ ସାମାନ୍ୟ ବୁଦ୍ଧିସମ୍ପନ୍ନ ବ୍ୟକ୍ତି ବୋଲି ବିବେଚନା କରୁଛ, ତେବେ ସ୍ୱୀକାର କର ନାହିଁ । କିନ୍ତୁ ଯଦି ଏହାକୁ ଅଧିଭୌତିକ ଚମତ୍କାରୀତାର ନିଦର୍ଶନ ଏବଂ ସେଥିରେ **ସେହି ଦୈବୀ ହସ୍ତର ଚମକ ଦେଖିବାକୁ ପାଉଛ,** ଯାହା ଐଶ୍ୱରିକ ବାର୍ତ୍ତାଳାପ ଦ୍ୱାରା ପ୍ରକାଶମାନ ହୋଇଥାଏ, ତେବେ ତାହାକୁ ସ୍ୱୀକାର କରିନିଅ । ଏହା ବିଶ୍ୱାସ ରଖ ଯେ ଈଶ୍ୱରଙ୍କ ନିଜ ଭକ୍ତମାନଙ୍କ ଉପରେ ସବୁଠାରୁ ବଡ଼ ଦୟା ହେଉଛି ଯେ ସେ

ଇସଲାମକୁ ମୃତତୁଲ୍ୟ ଧର୍ମ ରୂପେ ଛାଡ଼ି ଦେବାକୁ ପ୍ରସ୍ତୁତ ନୁହନ୍ତି । ବରଂ ସର୍ବଦା ଅଖଣ୍ଡ ବିଶ୍ୱାସ, ପ୍ରବୁଦ୍ଧ ଜ୍ଞାନ ତଥା ଆରୋପ ପ୍ରତ୍ୟାରୋପର ପ୍ରତିଦ୍ୱନ୍ଦୀତା ମୂଳକ ମାର୍ଗକୁ ଉନ୍ମୁକ୍ତ ରଖିବାକୁ ଚାହାନ୍ତି । ଭଲା ତୁମେ ନିଜେ ଟିକେ ଚିନ୍ତା କର ! ଯଦି କୌଣସି ବ୍ୟକ୍ତି ଅବତାରଙ୍କ ପ୍ରତି ଦୈବୀବାଣୀ ହେବାକୁ ଅସ୍ୱୀକାର କରେ ଏବଂ କୁହେ ଯେ ତୁମର ଏହି ଧାରଣା ସମ୍ପୂର୍ଣ୍ଣ ରୂପେ ଶଙ୍କାଜନକ ଓ ଭ୍ରମାତ୍ମକ, ତେବେ ତାହାର ମୁହଁ ବନ୍ଦ କରିବା ନିମନ୍ତେ କୌଣସି ଦୃଷ୍ଟାନ୍ତ ଉପସ୍ଥାପନ କରିବା ବ୍ୟତୀତ ଅନ୍ୟ କେଉଁ ପ୍ରମାଣ ବା ପନ୍ଥା ହୋଇପାରେ ? କ'ଣ ଏହା ଶୁଭଙ୍କର ସୂଚନା ନା ଅଶୁଭ ସଙ୍କେତ ଯେ ଐଶ୍ୱରିକ କଲ୍ୟାଣ କେବଳ ଏକ ସୀମିତ ସମୟ ପାଇଁ ଇସଲାମ ସହିତ ରହିଥିଲା । ତା'ପରେ ତାହା ଶୁଷ୍କ ଓ ମୃତ ଧର୍ମରେ ପରିଣତ ହୋଇଗଲା ? କ'ଣ ଏକ ସତ୍ୟ ଧର୍ମ ସକାଶେ ଏହି ଲକ୍ଷଣମାନ ପ୍ରକାଶିତ ହେବା ଉଚିତ୍ ?

ସୁତରାଂ ଏହା ହିଁ ସଠିକ୍ ବ୍ୟାଖ୍ୟାର ସ୍ତର ରୂପେ ନିର୍ଦ୍ଧାରଣ କରାଯାଇଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସୟଦ ସାହେବଙ୍କ ବ୍ୟାଖ୍ୟାମୂଳକ ବର୍ଣ୍ଣନା ମୋର ଏହି ସାତଗୋଟି ମାନଦଣ୍ଡ ଠାରୁ ଅଧିକାଂଶ ସ୍ଥଳ ବିଶେଷରେ ବଞ୍ଚିତ ହୋଇ ଏକ ହତଭାଗା ସ୍ଥିତିରେ ରହିଛି । ବର୍ତ୍ତମାନ ସେଥିରେ ହସ୍ତକ୍ଷେପ କରିବାର ଆମର କୌଣସି ଉଦ୍ଦେଶ୍ୟ ନାହିଁ । ସୟଦ ସାହେବଙ୍କର ପ୍ରକୃତିର ନିୟମ ଉପରେ ବହୁତ ଗର୍ବ ଥିଲା । କିନ୍ତୁ ନିଜ ବ୍ୟାଖ୍ୟାରେ ପ୍ରକୃତିର ନିୟମ ପାଳନ କରିବାକୁ ସେ ଭୁଲିଗଲେ । ଉଦାହରଣ ସ୍ୱରୂପ, ତାଙ୍କର ବିଶ୍ୱାସ ରହିଛି ଯେ ନବୀଙ୍କୁ ଐଶ୍ୱରିକ ବାଣୀ ହେବା କେବଳ ତାଙ୍କ ବ୍ୟକ୍ତିଗତ ଯୋଗ୍ୟତା ବ୍ୟତୀତ ଅନ୍ୟ କିଛି ନୁହେଁ ଏବଂ ଏଥିରେ ସେହି ନବୀ ଓ ଈଶ୍ୱରଙ୍କ ମଧ୍ୟରେ ଦେବଦୂତମାନଙ୍କର କୌଣସି ଦଖଲ ନାହିଁ । ତେବେ ଦେଖନ୍ତୁ ଯେ ଏହା କିପରି ଈଶ୍ୱରଙ୍କ ବିଧାନର ବିପରୀତ ଧାରଣାକୁ ଦର୍ଶାଉଛି । ଆମେ ସ୍ପଷ୍ଟ ରୂପେ ଏହା ଦେଖିପାରୁଛୁ ଯେ ଆମେ ନିଜ ଶାରୀରିକ ଶକ୍ତିରେ ପୂର୍ଣ୍ଣତା ଆଣିବା ସକାଶେ ଏକ ଐଶ୍ୱରିକ ମାଧ୍ୟମ ଆବଶ୍ୟକ କରୁଛୁ । ଆମର ଏହି ଶାରୀରିକ ବ୍ୟବସ୍ଥାର ପ୍ରତିଷ୍ଠା ଓ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଈଶ୍ୱର ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର ଓ ପଞ୍ଚଭୂତକୁ କାର୍ଯ୍ୟରେ ଲଗାଇ ଦେଇଛନ୍ତି । ସାଧନର ବିଭିନ୍ନ ମାଧ୍ୟମ ଦେଇ ଆମେ ଏହି ସମସ୍ତ ବ୍ୟବସ୍ଥିତ ପ୍ରଣାଳୀ ଦ୍ୱାରା ଉପକୃତ ହେଉଛେ, ଯେଉଁ ଐଶୀ ଅନୁଗ୍ରହ କୌଣସି ସଂସାଧନର ମାଧ୍ୟମ ବ୍ୟତୀତ ଆମ ନିକଟରେ କଦାପି ପହଞ୍ଚି ନଥାଏ । ଉଦାହରଣ ସ୍ୱରୂପ, ଯଦିଓ ଆମ ଚକ୍ଷୁରେ ଈଶ୍ୱର ଦେଖିପାରିବା ଶକ୍ତି ଓ ଜ୍ୟୋତି ସଂଚାର କରିଛନ୍ତି, କାରଣ ସେ ହିଁ ଏହାର କେନ୍ଦ୍ରବିନ୍ଦୁ ଓ ସକଳ ଶକ୍ତିର ଆଧାର । କିନ୍ତୁ ତାହା ସୂର୍ଯ୍ୟର ଆଲୋକ ମାଧ୍ୟମରେ ଆମ ଚକ୍ଷୁ ପର୍ଯ୍ୟନ୍ତ ପହଞ୍ଚିଥାଏ ।

ଆମେ ଏହି ସାଂସାରର ପ୍ରକାଶ୍ୟ ବ୍ୟବସ୍ଥା ମଧ୍ୟରେ କୌଣସି ଗୋଟିଏ ବସ୍ତୁ ମଧ୍ୟ ଏପରି ଦେଖି ନଥାଉ, ଯାହାକୁ ବିଧାତା କୌଣସି ମାଧ୍ୟମ ବିନା ସ୍ୱୟଂ ନିଜ ପବିତ୍ର ହସ୍ତ ପ୍ରସାରଣ ପୂର୍ବକ ଆମକୁ ଅର୍ପଣ କରି ଦେଇଥାନ୍ତି । ବରଂ ପ୍ରତ୍ୟେକ ବସ୍ତୁ କୌଣସି ନା କୌଣସି ମାଧ୍ୟମ ଦ୍ୱାରା ହିଁ ଆମକୁ ପ୍ରାପ୍ତ ହୋଇଥାଏ । ପୁନଶ୍ଚ ଆମେ ଏହା ମଧ୍ୟ ଅବଲୋକନ କରିଥାଉ ଯେ ଆମର ବାହ୍ୟ ଶକ୍ତି ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇ ନାହିଁ । ଉଦାହରଣ ସ୍ୱରୂପ, ଚିରସ୍ଥାୟୀ ଆଲୋକ ରୂପେ ତାହା ଉଦ୍‌ଭାସିତ ହୁଏ ନାହିଁ । ଏପରି ନୁହେଁ ଯେ ସେହି ସ୍ୱର୍ଗୀୟ ପ୍ରକାଶମାନ ଜ୍ୟୋତି ତୁମର ଆତ୍ମଘୋଷିତ ଦୈବୀବାଣୀ ମଧ୍ୟରେ ଏପରି ପ୍ରତିଭା ରହିଥିବ, ଯାହା ସୂର୍ଯ୍ୟ ପ୍ରଭା ମାଧ୍ୟମରେ ଆମକୁ ଆଲୋକିତ କରିଦେବ । ପୁଣି ଏହି ବ୍ୟବସ୍ଥାର ବିରୁଦ୍ଧାଚରଣ କରି ଆପଣଙ୍କ ଅବାସ୍ତବ ତଥ୍ୟ କିପରି ସଠିକ୍ ବୋଲି ସ୍ୱୀକାର୍ଯ୍ୟ ହୋଇପାରିବ ? ଏତତ୍‌ବ୍ୟତୀତ ଏହାର ବ୍ୟକ୍ତିଗତ ଅଭିଜ୍ଞତାର ସାକ୍ଷ୍ୟ ସମସ୍ତ ସାକ୍ଷ୍ୟ ଅପେକ୍ଷା ଶ୍ରେୟସ୍କର, ତାହା ଆପଣଙ୍କ ମତାମତକୁ ଦୃଢ ଖଣ୍ଡନ କରୁଛି । କାରଣ ଏହି ବିନୀତ ପ୍ରାୟତଃ ଏଗାର ବର୍ଷ ହେଲା ଈଶ୍ୱରଙ୍କ ସହ ବାର୍ତ୍ତାଳାପ କରିବାର ସୌଭାଗ୍ୟ ଲାଭ କରି ଏକଥା ବେଶ୍ ଭଲ ରୂପେ ଜାଣିଛି ଯେ ଦୈବୀବାଣୀ ଆକାଶରୁ ହିଁ ଅବତୀର୍ଣ୍ଣ ହୋଇଥାଏ । ଯଦି ଦୈବୀବାଣୀ ସହିତ ସାଂସାରିକ ବସ୍ତୁମାନଙ୍କୁ ତୁଳନା କରି କୌଣସି ଦୃଷ୍ଟାନ୍ତ ଦିଆଯାଏ, ତେବେ ଧରିନିଅ ଯେ ଏହା ସାମାନ୍ୟ ଟେଲିଗ୍ରାଫ ସଦୃଶ, ଯାହା ନିଜର ପ୍ରତ୍ୟେକ ପରିବର୍ତ୍ତନର ଆପଣା ଛାଏଁ ସୂଚନା ଦେଇଥାଏ । ମୁଁ ଦେଖିଛି ଯେ ଐଶ୍ୱୀ ପୁରୁଷଙ୍କ ପ୍ରତି ପ୍ରକଟିତ ହେଉଥିବା ଐଶ୍ୱରିକ ବାଣୀ ସଦୃଶ ତାହା ମୋ ଉପରେ ଯେଉଁ ଐଶ୍ୱୀବାଣୀ ଅବତୀର୍ଣ୍ଣ ହୋଇଥାଏ, ତାହା ବାହ୍ୟ ରୂପେ ଶରୀରରେ ଅପାଦମସ୍ତକ ଶିହରଣ ସୃଷ୍ଟି କରିଥାଏ ଏବଂ ତାହା ଅତ୍ୟନ୍ତ ପ୍ରଭାବଶାଳୀ ଥିବାର ଅନୁଭବ କରିଥାଏ । ତାହା ଏପରି ଶକ୍ତିଶାଳୀ ହୋଇଥାଏ ଯେ ମୋତେ ନିଜ ଦିବ୍ୟ ଜ୍ୟୋତିର ପ୍ରକାଶରେ ଚାପି ଦେଇଥାଏ, ଯଦ୍ୱାରା ମୋର ଅସ୍ତିତ୍ୱ ସମ୍ପୂର୍ଣ୍ଣ ରୂପେ ଦୋହଲି ଯାଇଥାଏ । ଏବଂ ମୁଁ ଏହା ଅନୁଭବ କରିଥାଏ ଯେପରିକି ମୁଁ ତାଙ୍କରି ଆଡ଼କୁ ଏପରି ଆକର୍ଷିତ ହେଉଛି ଯେ ମୋର ସମସ୍ତ ଅନ୍ତର୍ନିହିତ ଶକ୍ତି ଠୁଳ କରିଦେଲେ ମଧ୍ୟ ମୁଁ ତାହାର କୌଣସି ପ୍ରକାରେ ମୁକାବିଲା କରିପାରିବି ନାହିଁ । ସେହି ଦିବ୍ୟଶକ୍ତି ଦ୍ୱାରା ବଶୀଭୂତ ହୋଇ ମୁଁ ଏକ ସ୍ପଷ୍ଟ ଗୁରୁଗମ୍ଭୀର ସ୍ୱର ଓ ଉଜ୍ଜ୍ୱଳ ଦୀପ୍ତିମୟ ବାଣୀ ଶୁଣିଥାଏ । ଅନେକ ସମୟରେ ଦେବଦୂତମାନଙ୍କୁ✶ ମୁଁ ସାକ୍ଷାତ ଦର୍ଶନ କରିଥାଏ । ସତ୍ୟରେ ଯେଉଁ ପ୍ରଭାବ ଓ ଭୟ

✶ **ନୋଟ୍ –** କେବଳ ଏତିକି ନୁହେଁ ଯେ ଦେବଦୂତମାନେ ମୋତେ ଦେଖା ଯାଇଥାନ୍ତି, ବରଂ କେତେକ ସମୟରେ ଦେବଦୂତମାନେ ମୋ ସହିତ ବାର୍ତ୍ତାଳାପ କରିବାର ମାଧ୍ୟମ ସାଜି

ରହିଥାଏ, ତାହା ମୁଁ ସ୍ୱୟଂ ହୃଦୟଙ୍ଗମ କରିଥାଏ । ସେହି ବାଣୀ କେତେକ ସମୟରେ ଭବିଷ୍ୟତରେ ଘଟିବାକୁ ଥିବା ଘଟଣାବଳୀ ଉପରେ ଆଧାରିତ ସୂଚନା ହୋଇଥାଏ । ତାହା ଏପରି ବାହ୍ୟଶକ୍ତି ଅଧୀନରେ କବଳିତ ହୋଇଥାଏ ଯେ ସେଥିରୁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ମିଳିଥାଏ । ବର୍ତ୍ତମାନ ଏହି ସତ୍ୟକୁ ଅସ୍ୱୀକାର କରିବା ହେଉଛି ଖୋଲାଖୋଲି ଭାବରେ ସତ୍ୟର ହତ୍ୟା କରିବା ।

ସୁତରାଂ ଏହା ସମୀଚିନ ହେବ ଯଦି ସୟଦ ସାହେବ ମୃତ୍ୟୁ ପୂର୍ବରୁ ଏହି ସତ୍ୟକୁ ସ୍ୱୀକାର କରିନେବେ ଏବଂ ଐଶ୍ୱରିକ ବାଣୀର ଅବମାନନା କରିବେ ନାହିଁ ।

ଆଶ୍ଚର୍ଯ୍ୟ ଲାଗୁଛି ଯେ ସେ ଏକପକ୍ଷେ ପ୍ରତ୍ୟକ୍ଷ ବିଧି ବ୍ୟବସ୍ଥାକୁ ତ ସ୍ୱୀକାର କରୁଛନ୍ତି, ଅପରପକ୍ଷେ ଅଭ୍ୟନ୍ତରୀଣ ବ୍ୟବସ୍ଥାକୁ ସେହି ଆଧାରରେ ଅନୁମାନ ଲଗାଉ ନାହାନ୍ତି । ଏକଥା ସେ ବୁଝୁନାହାନ୍ତି ଯେ ସେହି ପରମେଶ୍ୱର ଯେକି ଆମ ଶାରୀରିକ ବ୍ୟବସ୍ଥାକୁ ଏପରି ଗଢିଛନ୍ତି । ଆକାଶରୁ ସୂର୍ଯ୍ୟାଲୋକର ପ୍ରକାଶ ଆମମାନଙ୍କ ଉପରେ ଏପରି ପଡ଼ିଥାଏ ଯେ ଆକାଶର ପ୍ରଭାବଶାଳୀ ରଶ୍ମି ମାଧ୍ୟମରେ ଆମ ଶାରୀରିକ ଶକ୍ତି ଉପରେ ଐଶୀ ଅନୁଗ୍ରହ ଆହ୍ଲାଦିତ ହୋଇ ରହିଥାଏ । ଏପରି କହିବା ଯେ ଅଯଥାରେ କୌଣସି କୃପା ପ୍ରଦାନ କରିବା ଈଶ୍ୱରଙ୍କ ସ୍ୱଭାବରେ ନାହିଁ, ତେବେ ଏହା କିପରି ହୋଇପାରେ ଯେ ଈଶ୍ୱର ଆମ ଆଧାତ୍ମିକ ବ୍ୟବସ୍ଥା ମଧ୍ୟରେ ସଂସାଧାନର ମାଧ୍ୟମର ଅନବରତ ପ୍ରକ୍ରୀୟାରୁ ସମ୍ପୂର୍ଣ୍ଣ ରୂପେ ଆମକୁ ବିଚ୍ଛିନ୍ନ କରିଦେବେ ? କ'ଣ ଶାରୀରିକ ରୂପେ ଆମେ ସେହି ଅବସ୍ଥାରୁ ପୃଥକ ହୋଇରହିଛୁ ଅଥବା ବାସ୍ତବରେ କୌଣସି ବ୍ୟବସ୍ଥିତ ପ୍ରକ୍ରୀୟା ସହିତ ବନ୍ଧା ହୋଇଛୁ, ଯାହାକି ଅଲ୍ଲାଃଙ୍କ ଠାରୁ ଆରମ୍ଭ ହୋଇ ଆମ ନିକଟରେ ପହଞ୍ଚିଥାଏ ? ଏହି ତର୍କ ଉପରେ ଅଧ୍ୟୟନ କରିବାକୁ ହେଲେ ଆମ ପୁସ୍ତକ 'ତୌଜି ମରାମ୍' ଓ 'ଆଇନା କମାଲାତେ ଇସଲାମ୍' ଦେଖିବା ଉଚିତ । ବିଶେଷତଃ ଦେବଦୂତମାନଙ୍କ ଆବଶ୍ୟକତା ପରିପ୍ରେକ୍ଷୀରେ ବିସ୍ତାର ରୂପେ 'ଆଇନା କମାଲାତେ ଇସଲାମ୍' ପୁସ୍ତକରେ ବର୍ଣ୍ଣନା ରହିଛି । ତାହାର ଉଦାହରଣ ଅନ୍ୟ କୌଣସି ପୁସ୍ତକରେ ଦେଖିବାକୁ ପାଇବ ନାହିଁ । ସୟଦ ସାହେବଙ୍କର ଈଶ୍ୱରଙ୍କୁ ଚିହ୍ନିବାର ପରିକଳ୍ପନା ଜାଣିବା ପାଇଁ ତାଙ୍କର ଏତିକି କହିବା ଯଥେଷ୍ଟ ଯେ ସେ ସୃଷ୍ଟିଜଗତର ସ୍ରଷ୍ଟାଙ୍କ ଅଧିନସ୍ଥ ହେବା ତଥା ପ୍ରଶାସନ ଠାରୁ ସୃଷ୍ଟିଜଗତକୁ ପୃଥକ କରି ବସିଛନ୍ତି । ସେ ଏତିକି ଜାଣିନାହାନ୍ତି ଯେ ସେହି ପରମସ୍ରଷ୍ଟା ଈଶ୍ୱର ହେବା ତାଙ୍କର ସର୍ବଶକ୍ତିମାନ ହେବା ପ୍ରସଙ୍ଗ ସହିତ ଜଡ଼ିତ । ଏହା ହିଁ ତାଙ୍କର ସର୍ବଶକ୍ତିମାନ

ଥିବାର ପ୍ରକାଶ କରିଥାନ୍ତି ।

ହୋଇଥିବାର ପରିଚୟ । ଯେପରିକି ସମସ୍ତ ସୃଷ୍ଟିଜଗତ ଉପରେ ତାଙ୍କ ଅଧିକାର ଓ ତାଙ୍କ ନିୟନ୍ତ୍ରଣାଧୀନରେ ରହିବା କ୍ଷମତାର କୌଣସି ସୀମା ନାହିଁ । ନିଃସନ୍ଦେହରେ ଏହା ସତ୍ୟ ଯେ **ଯଦି ଏହି ଜଗତକୁ ସେ ସୃଷ୍ଟି କରିଛନ୍ତି, ତେବେ ନିଜର ଅସୀମ ସତ୍ତା ମଧ୍ୟରେ ସେ ଅପାର କ୍ଷମତାଶାଳୀ ହୋଇଥିବାର ସାମର୍ଥ୍ୟ ମଧ୍ୟ ରଖିଥିବେ,** ଯଦ୍ୱାରା କୌଣସିମତେ ତାଙ୍କ ଈଶ୍ୱରତ୍ୱ ନିରର୍ଥକ ସାବ୍ୟସ୍ତ ହୋଇଯିବ ନାହିଁ ।★ ଏବଂ ଯଦି ଅଲ୍ଲାଃ ନକରନ୍ତୁ ଆର୍ଯ୍ୟ ସମାଜୀ ଓ ହିନ୍ଦୁମାନଙ୍କ ଏହା କହିବା ସ୍ପୃହଣୀୟ ବୋଲି ଧରିନେବା ଯେ ପରମେଶ୍ୱର ଆତ୍ମା ଓ ସୂକ୍ଷ୍ମ ଉପାଦାନଗୁଡ଼ିକର ସୃଷ୍ଟିକର୍ତ୍ତା ନୁହନ୍ତି, ତେବେ ଏପରି ଅବସ୍ଥାରେ ନିଃସନ୍ଦେହରେ ଏହା କୁହାଯିବ ଯେ ଏତାଦୃଶ କ୍ଷୀଣଭଙ୍ଗୁର ତଥା ଜରାଜୀର୍ଣ୍ଣ ଈଶ୍ୱର ଏକ ସୀମାତୀତ ଭାବେ ଦୁର୍ବଳ ଶାସନତନ୍ତ୍ର ଚଳାଇ ବସିପଡ଼ିବ, ଯଦ୍ୱାରା ସେ ଏକ ଅପମାନଜନକ ନିନ୍ଦାର ଶିକାର ହେବେ । କିନ୍ତୁ ଆମ ସର୍ବଶକ୍ତିମାନ ଈଶ୍ୱର ଏପରି ନୁହନ୍ତି । ସେ ସଂସାରର ସକଳ ଅଣୁପରମାଣୁ, ଆତ୍ମା ତଥା ସମଗ୍ର ସୃଷ୍ଟିର ସୃଷ୍ଟିକର୍ତ୍ତା ହୋଇଥିବା ଯୋଗୁଁ ତାଙ୍କ ପରାକ୍ରମ ଶକ୍ତି ସମ୍ବନ୍ଧରେ ଯଦି କୌଣସି ପ୍ରଶ୍ନ ଉଠେ, ତେବେ ତାହାଙ୍କ ସର୍ବଗୁଣ ସମ୍ପନ୍ନ ବୈଶିଷ୍ଟ୍ୟ ଏବଂ ସତ୍ୟର ଅଙ୍ଗୀକାର ବଦ୍ଧତାର ବିପରୀତମୁଖୀ କେତୋଟି ସବିଶେଷ ତଥ୍ୟକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଷୟ ସମ୍ପାଦନ କରିବାକୁ ସେ ସମ୍ପୂର୍ଣ୍ଣ ରୂପେ

★**ପାଦଟୀକା-** ଯଦି ଅଭିଯୋଗ କରାଯାଏ ଏହି କଥା ସ୍ୱୀକାର କରିବାକୁ ହେବ ଯେ ଈଶ୍ୱରଙ୍କ ଅନନ୍ତ, ଅସୀମିତ ହେବା ସ୍ଥିତି ପରିବର୍ତ୍ତନର ଅପରିମିତ ଜ୍ଞାନ ଅପେକ୍ଷା ଅଧିକ ପ୍ରଭାବଶାଳୀ, ତେବେ ବସ୍ତୁଜଗତର ବାସ୍ତବିକ ସ୍ଥିତି ଠାରୁ ମନୁଷ୍ୟର ବିଶ୍ୱାସ ଉଠିଯିବ । ଉଦାହରଣ ସ୍ୱରୂପ, ଈଶ୍ୱର ଏହି ବିଷୟରେ ପୂର୍ଣ୍ଣ ସାମର୍ଥ୍ୟବାନ ବୋଲି ଭାବିବା ଯେ ଜଳର ମୌଳିକ ଗୁଣ ଓ ଆକୃତିକୁ ସମାପ୍ତ କରି ବାୟୁର ମୌଳିକ ଗୁଣ ଓ ଆକୃତିକୁ ସେହି ସ୍ଥାନରେ ରଖି ଦିଆଯାଏ ଅଥବା ବାୟୁର ମୂଳ ରୂପ ଓ ଗୁଣକୁ ସମାପ୍ତ କରି ଅଗ୍ନିର ମୂଳ ରୂପ ଓ ଗୁଣ ସେହି ସ୍ଥାନରେ ରଖି ଦିଆଯାଏ । ସେହିପରି ଯେବେ ଅଗ୍ନିର ଗୁପ୍ତ ସାଧନ ଯାହାର ଜ୍ଞାନ ତାଙ୍କୁ ପ୍ରାପ୍ତ ଅଛି, ସେ ତାକୁ ଜଳ ରୂପରେ ନେଇ ଆସିଲେ ଅବା ସେ କେବେ ମୃତ୍ତିକାକୁ ଭୂପୃଷ୍ଠର ନିମ୍ନ ଦେଶରେ ନିଜ ସୂକ୍ଷ୍ମ ଶକ୍ତିର ପ୍ରଭାବରେ ସ୍ୱର୍ଣ୍ଣରେ ପରିଣତ କରିଦେଲେ ଅଥବା ସ୍ୱର୍ଣ୍ଣକୁ ମୃତ୍ତିକାରେ ପରିଣତ କରିଦେଲେ, ତେବେ ଏପରି ହେଲେ ତାଙ୍କ ନିକଟରୁ ବିଶ୍ୱାସ ଉଠିଯିବ ଏବଂ ତାଙ୍କ ସ୍ୱଜନଶୀଳ ଜ୍ଞାନ ଓ କଳାକୌଶଳ ନଷ୍ଟ ହୋଇଯିବ ।

ତେବେ ଉପରୋକ୍ତ ପ୍ରଶ୍ନର ଉତ୍ତରରେ ଏତିକି କୁହାଯାଇ ପାରିବ ଯେ ଏହି ଧାରଣା ସମ୍ପୂର୍ଣ୍ଣ ଅବାନ୍ତର ଓ ଅଯୌକ୍ତିକ । କାରଣ ଆମେ ଦେଖୁଛୁ ଯେ ପରମେଶ୍ୱର ନିଜ ଗୁପ୍ତ କ୍ଷମତାର ପ୍ରଭାବରେ ପ୍ରାଣୀମାନଙ୍କୁ ସହସ୍ର ପ୍ରକାରର ପରିସ୍ଥିତିର ସମ୍ମୁଖୀନ କରାଇଥାନ୍ତି । ଗୋଟିଏ ପୃଥିବୀକୁ ହିଁ ଦେଖିନିଅ, ତାହା କିଭଳି ବିଭିନ୍ନ ପ୍ରକାରର ସ୍ଥିତି ପରିବର୍ତ୍ତନ କରି ଚାଲିଛି ।

ସକ୍ଷମ । କିନ୍ତୁ ଏପରି କହିବା ଯେ ସେ ସର୍ବଶକ୍ତିମାନ ତ ନିଶ୍ଚୟ କିନ୍ତୁ ନିଜ ଶକ୍ତିର ପ୍ରଦର୍ଶନ କରିବାକୁ ଚାହୁଁନାହାନ୍ତି । ତେବେ ଏପରି ଅଭିଯୋଗ କରିବା ଅତି ବିଚିତ୍ର ଓ ହାସ୍ୟାସ୍ପଦ ମନେହୁଏ କାରଣ ତାଙ୍କ ଗୁଣାବଳୀରେ كُلَّ يَوْمٍ هُوَ فِي شَأْنٍ **କୁଲ୍ଲା ୟୋମିନ୍ ହୁଓ୍ୱା ଫୀଶାନ୍** (ଅର୍ ରହମାନ୍ 55:30) ମଧ୍ୟ ଅନ୍ତର୍ଭୁକ୍ତ । ତାଙ୍କର ଏପରି କ୍ଷମତା ଯେ ଜଳରୁ ଶୀତଳତା ଦୂର କରିଦେବା ଅବା ଅଗ୍ନିରୁ ତାହାର ଉଷ୍ଣତା ସମାପ୍ତ କରିଦେବା ଇତ୍ୟାଦି ତାଙ୍କର ସର୍ବଗୁଣସମ୍ପନ୍ନ ବୈଶିଷ୍ଟ୍ୟ ତଥା ସତ୍ୟ ପ୍ରତିଶ୍ରୁତିର ବିରୁଦ୍ଧାଚରଣ କରୁ ନାହିଁ । ତେବେ କାହିଁକି ଆଦେଶାତ୍ମକ ଦୃଷ୍ଟିଭଙ୍ଗୀରୁ କୁହାଯିବ ଯେ ସଦାସର୍ବଦା ପାଇଁ ତାଙ୍କ ପକ୍ଷେ ଏହା ଅନିବାର୍ଯ୍ୟ ହୋଇଯାଇଛି କି ସେହି ବସ୍ତୁଗୁଡ଼ିକର ବିଶେଷତ୍ୱରେ ସେ କଦାପି ହସ୍ତକ୍ଷେପ କରିବେ ନାହିଁ ! ଏହି ବାଧ୍ୟତାମୂଳକ କାର୍ଯ୍ୟ ପାଇଁ ପ୍ରମାଣ କ'ଣ ରହିଛି ଏବଂ ଏହାର କେଉଁ ସବୁ କାରଣ

---

ସେହି ମାଟିରେ ରହିଥିବା ଖଣିଜ ପଦାର୍ଥମାନଙ୍କରୁ ଶଙ୍ଖୁଆ ବିଷ ଉତ୍ପନ୍ନ ହୋଇଥାଏ ତ ସେହି ଭୂମିରୁ ହଳାହଳ ଜହର ଆଦି ଅନିଷ୍ଟକାରୀ ବସ୍ତୁ ମଧ୍ୟ । ସେହିଥିରୁ ପୁଣି ସୁନା ଓ ରୂପା ଜାତୀୟ ଧାତବ ପଦାର୍ଥ, ସେହିପରି ବିଭିନ୍ନ କିସମର ମୋତିମାଣିକ ଆଦି ରତ୍ନ ମଧ୍ୟ ବାହାରି ଥାଏ । ଏହିପରି ବାଷ୍ପ ଆକାରରେ କ'ଣ କ'ଣ ବସ୍ତୁ ଉର୍ଦ୍ଧ୍ୱପାତନ ହୋଇଛନ୍ତି, ଯାହାକି ଆକାଶରେ ସୃଷ୍ଟି ହୋଇଥାଏ । ସେହି ବାଷ୍ପୀଭୂତ ପଦାର୍ଥ ଘନିଭୂତ ହେଲେ ମେଘମାଳାରୁ କୁଆପଥର ପଡ଼େ । ପୁଣି ସେହିଥିରୁ ଶିଶିରପାତ ହୁଏ ଏବଂ ତାହା ମଧ୍ୟରୁ ବିଜୁଳି ମାରେ ଓ ବଜ୍ରପାତ ହୁଏ । ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ କେବେ କେବେ ଆକାଶରୁ ପାଉଁଶ ମଧ୍ୟ ପଡ଼ିଥାଏ । ତେବେ କ'ଣ ଏପରି ଅବସ୍ଥାର ପରିବର୍ତ୍ତନ ଦ୍ୱାରା ଜ୍ଞାନ ଅସିଦ୍ଧ ହୋଇଯିବ  ଅଥବା ପୃଥିବୀ ପୃଷ୍ଠରୁ ଶାନ୍ତି ଉଠିଯିବ ?

ଯଦି ଏହା କହିବା ଯେ ଈଶ୍ୱର ତ ପ୍ରାରମ୍ଭରୁ ପାର୍ଥିବ ଉପାଦାନଗୁଡ଼ିକର ସ୍ୱଭାବରେ ଏହି ପରିବର୍ତ୍ତନଶୀଳ କ୍ଷମତା ରଖି ଦେଇଛନ୍ତି ତେବେ ଆମର ଉତ୍ତର ହେବ ଯେ ଆମେ କେବେ ଓ କେଉଁ ସମୟରେ କହିଥିଲୁ ଯେ ବିବାଦାସ୍ପଦ ବସ୍ତୁଗୁଡ଼ିକ ମଧ୍ୟରେ ଏପରି ସାମଞ୍ଜସ୍ୟ ରଖାଯାଇ ନାହିଁ । ବରଂ ସତ୍ୟ ଓ ପବିତ୍ର ଧର୍ମର ପରିଚୟ ହେଉଛି ଈଶ୍ୱରଙ୍କ ଅସ୍ତିତ୍ୱ ଯେ କି ନିଜ ବ୍ୟକ୍ତିତ୍ୱରେ ଏକାକୀ ଏବଂ ସମଗ୍ର ସୃଷ୍ଟିଜଗତକୁ ଗୋଟିଏ ବସ୍ତୁ ପରି ସୃଷ୍ଟି କରିଛନ୍ତି । ଏତତ୍‌ଦ୍ୱାରା ସେସବୁ ଭୌତିକ ବସ୍ତୁ ଜଣେ ଏକକ ସ୍ରଷ୍ଟାଙ୍କ ସୃଜନ ଶକ୍ତିକୁ ପ୍ରମାଣସିଦ୍ଧ କରିବ । ସୁତରାଂ ପରମେଶ୍ୱର ନିଜର ଏକତ୍ୱ ଓ ଅଦ୍ୱିତୀୟ ସତ୍ତା ହେବା କାରଣରୁ ସ୍ୱୟଂ ଅପାର କରୁଣା ଓ ଅସୀମ ଶକ୍ତି ତଥା ପରାକ୍ରମ ବଶତଃ ସୃଷ୍ଟିଚକ୍ରରେ ପରିବର୍ତ୍ତନ ଘଟାଇବାର ଭୌତିକ ଗୁଣ ସେମାନଙ୍କ ମଧ୍ୟରେ ରଖିଛନ୍ତି । ସେହି ଆତ୍ମାଗୁଡ଼ିକ ବ୍ୟତୀରେକେ ଯେ ନିଜ ସୌଭାଗ୍ୟ ଓ ଦୁର୍ଭାଗ୍ୟକୁ ନେଇ **ଖାଲିଦିନା ଫିହା ଅବଦାର** ଯଥାର୍ଥତାକୁ ଦର୍ଶାଉଛି ଏବଂ ଐଶ୍ୱରିକ ପ୍ରତିଶ୍ରୁତି ସଦାସର୍ବଦା ପାଇଁ ଏକ ଅପରିବର୍ତ୍ତନୀୟ ସଂରଚନା ସେମାନଙ୍କ ପାଇଁ ନିର୍ଦ୍ଧାରିତ କରିଦେଇଛି । ସୃଷ୍ଟିର ଅବଶିଷ୍ଟ କୌଣସି ବସ୍ତୁ ପରିବର୍ତ୍ତନଶୀଳ ସୃଷ୍ଟିଚକ୍ରରୁ ବଞ୍ଚିତ ହୋଇ ରହୁଥିବାର ଦେଖାଯାଉ ନାହିଁ । ବରଂ ଯଦି ଚିନ୍ତା କର ତେବେ ଦେଖିବାକୁ ପାଇବ ଯେ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରତ୍ୟେକ ଶରୀରରେ ସ୍ଥିତି ପରିବର୍ତ୍ତନ ନିଜ କାର୍ଯ୍ୟ

ରହିଛି ? ପରମେଶ୍ୱରଙ୍କୁ ପକ୍ଷେ ଏପରି ଅଯଥା ହସ୍ତକ୍ଷେପ ଯାହା ତାଙ୍କ ଈଶ୍ୱରତ୍ୱ ପ୍ରତି କାଳିମା ଲଗାଉଛି, ତାହାର ଆବଶ୍ୟକତା କ'ଣ ବା ଅଛି ? ଜଣାଯାଉଛି ଯେପରି ଭାବେ ଏହି ପତ୍ରିକାରେ ସୟଦ ସାହେବ ମଧ୍ୟ ଏହି ଦୁର୍ବଳ ଚିନ୍ତାଧାରର ତୀବ୍ରତାକୁ ବୁଝିପାରିଛନ୍ତି । ସେଥିପାଇଁ ନିଜର ଲଘୁ କଥନ ସ୍ଥଗିତ ରଖିବା ପାଇଁ ଅନ୍ୟ ଏକ ହୀନ ଛଳନାର ଆଶ୍ରୟ ନେଇଛନ୍ତି । ତାହା ହେଉଛି ପରମେଶ୍ୱର ପବିତ୍ର କୁରଆନରେ ଅଗ୍ନି ଉତ୍ତପ୍ତ ହେବା ପ୍ରତି ଇଙ୍ଗିତ କରିଛନ୍ତି ତ ଅନ୍ୟ କେଉଁ ସ୍ଥାନରେ ଜଳ ଶୀତଳ ହେବା ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି । ସେହିପରି କେଉଁ ସ୍ଥାନରେ କହିଛନ୍ତି ଯେ ସୂର୍ଯ୍ୟ ପୂର୍ବରୁ ପଶ୍ଚିମ ଦିଗ ଆଡ଼କୁ ଗତି କରିଥାଏ । ତେବେ ଏ ସମସ୍ତ ବିଷୟରେ

---

କରି ଚାଲିଛି । ଏପରିକି ବୈଜ୍ଞାନିକ ଗବେଷଣା ଏହା ପ୍ରମାଣିତ କରିଦେଇଛି ଯେ ତିନି ବର୍ଷରେ ଥରେ ମନୁଷ୍ୟର ଶାରୀରିକ ଗଠନରେ ପରିବର୍ତ୍ତନ ଘଟିଥାଏ ଏବଂ ପୂର୍ବ ଶରୀର ଅଣୁରେ ପରିଣତ ହୋଇ ଉଡ଼ିଯାଇଥାଏ । ଉଦାହରଣ ସ୍ୱରୂପ, ଯଦି ଜଳ କିମ୍ବା ଅଗ୍ନି ରହିଛି ତେବେ ତାହା ମଧ୍ୟ ପରିବର୍ତ୍ତନର ଏହି ଚକ୍ରରୁ ଅଲଗା ହୋଇ ରହି ନାହିଁ । ଦୁଇ ପ୍ରକାରର ପରିବର୍ତ୍ତନ ସେମାନଙ୍କ ଉପରେ ଆଧିପତ୍ୟ ଲାଭ କରୁଛି । ଗୋଟିଏ ହେଉଛି ଯେ କେତେକ ଅଂଶ ବାହାରି ବିଲୀନ ଯାଇଥାଏ ଓ ଅନ୍ୟ କିଛି ନୂତନ ଅଂଶ ସେଥିରେ ଆସି ମିଶି ଯାଇଥାଏ । ଦ୍ୱିତୀୟତଃ, ଯେଉଁ ଅଂଶ ବିଲୀନ ହୋଇଯାଏ, ତାହା ନିଜ ସମାର୍ଥ୍ୟ ଅନୁରୂପ ଦ୍ୱିତୀୟ ଜନ୍ମ ନେଇଥାଏ । ସୁତରାଂ ଏହି ବିନାଶଶୀଳ ସଂସାରକୁ ପରିବର୍ତ୍ତନର ଚରଖାରେ ପରିଚାଳିତ କରି ରଖିବା ହେଉଛି ଈଶ୍ୱରଙ୍କର ଏକ ପ୍ରଚଳିତ ବିଧାନ (ସୁନ୍ନତ) । ସୂକ୍ଷ୍ମ ଦୃଷ୍ଟିରୁ ବିଚାର କଲେ ଜଣାପଡ଼ିଥାଏ ଯେ ଏସମସ୍ତ ବସ୍ତୁ ସ୍ରଷ୍ଟାଙ୍କ ଅନୁଗ୍ରହଶୀଳ ସୃଜନାତ୍ମକ ଶକ୍ତି ତଥା ଏକତ୍ୱରେ ପ୍ରତିଷ୍ଠିତ ରହିଥିବା କାରଣରୁ ନିଜର ବାସ୍ତବ ସ୍ୱରୂପରେ ସେ ଗୋଟିଏ ସତ୍ତା ଓ ଅନନ୍ୟ । ଯଦିଓ ମନୁଷ୍ୟ ଦ୍ୱାରା ସେହି ବସ୍ତୁଗୁଡ଼ିକର ସଂପୂର୍ଣ୍ଣ ନିର୍ମାଣ କୌଶଳ ସମ୍ଭବ ନୁହେଁ ଏବଂ ସେ କିପରି ବା ନିର୍ମାତା ହୋଇପାରିବ ? ସଠିକ୍ ନିର୍ମାଣ କୌଶଳର ଗୋପନୀୟ ତତ୍ତ୍ୱ ତଥା ନିଖୁଣ ଗଠନର ଦକ୍ଷତା କ୍ଷେତ୍ରରେ ସେ ଅନ୍ୟ କାହାରିକୁ ସାମିଲ କରିନାହାନ୍ତି । କିନ୍ତୁ ଯଦି ଏହା କୁହାଯିବ ଯେ ନଭୋମଣ୍ଡଳୀୟ ଗ୍ରହ ନକ୍ଷତ୍ରମାନଙ୍କ ମଧ୍ୟରେ ପରିବର୍ତ୍ତନ କେଉଁଠାରେ ପରିଲକ୍ଷିତ ହେଉଛି, ତେବେ ମୁଁ କହିବି ଯେ ନିଃସନ୍ଦେହରେ ସେଗୁଡ଼ିକରେ ମଧ୍ୟ ପରିବର୍ତ୍ତନ ଓ ବିଲୟ ହେବାର ବୈଶିଷ୍ଟ୍ୟ ରହିଛି । ଯଦିଓ ଆମର ସେଥି ସମ୍ବନ୍ଧରେ କୌଣସି ଜ୍ଞାନ ନାହିଁ, ତଥାପି ଆମକୁ ସ୍ୱୀକାର କରିବାକୁ ହେବ ଯେ ଦିନେ ନା ଦିନେ ସେସବୁ ଧ୍ୱଂସ ହୋଇଯିବେ । ଏତତ୍‌ବ୍ୟତୀତ ଶତସହସ୍ର ବସ୍ତୁ ମଧ୍ୟରେ ପରିବର୍ତ୍ତନ ଘଟୁଥିବାର ଲକ୍ଷ୍ୟ କରାଯାଏ । ଯଦ୍ୱାରା ଏହା ପ୍ରମାଣିତ ହୋଇଥାଏ ଯେ କୌଣସି ବସ୍ତୁ ପରିବର୍ତ୍ତନ ଚକ୍ରରୁ ବଞ୍ଚିତ ହୋଇ ରହି ନାହିଁ । ସୁତରାଂ ପ୍ରଥମେ ତୁମେ ପୃଥିବୀର ପରିବର୍ତ୍ତନକୁ ଅସ୍ୱୀକାର କରିନିଅ, ତା'ପରେ ଯାଇ ଆକାଶ ସମ୍ବନ୍ଧରେ ଯୁକ୍ତିତର୍କ କରିବ ।

تو کار زمین را نکو ساختی     کہ با آسماں نیز پرداختی

ତୁ କାର ଜମୀନ୍ ରାନକୁ ସାଖତୀ     କେ ବା ଆସ୍‌ମାଁ ନିଜ୍ ପରଦାଖ୍‌ତୀ

ଆଲୋଚନାର ଉଦ୍ଦେଶ୍ୟ ବର୍ତ୍ତମାନ ଅବସ୍ଥାକୁ ପରିପ୍ରକାଶ କରିବା । ସୟଦ ସାହେବଙ୍କ ଦୃଷ୍ଟିରେ ଏହା ଏକ ପ୍ରତିଶ୍ରୁତି ସ୍ୱରୂପ, ଯେଉଁଥିରେ ଅଦଳ ବଦଳ କରିବା ସମ୍ଭବପର ନୁହେଁ । ଯଦି ପ୍ରମାଣ ବାହାର କରିବାର ଏହା ହିଁ ଏକମାତ୍ର ପଦ୍ଧତି, ତେବେ ସୟଦ ସାହେବଙ୍କୁ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ । ଏବଂ ତାଙ୍କୁ ଏହା ସ୍ୱୀକାର କରିବାକୁ ହେବ ଯେ ସମସ୍ତ ବର୍ଣ୍ଣନା ପବିତ୍ର କୁରଆନର ଅଙ୍ଗୀକାରଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ଉଦାହରଣ ସ୍ୱରୂପ, ଈଶ୍ୱର ହଜରତ ଜକରିୟା[ଅସ]ଙ୍କୁ ସୁସମ୍ବାଦ ପ୍ରଦାନ କରିଥିଲେ إِنَّا نُبَشِّرُكَ بِغُلَٰمٍ (ମରିୟମ୍ 19:8)**ଇନ୍ନା ନୁବଶ୍ଶିରୁକା**

ସୁତରାଂ ଯେତେବେଳେ ବିଭିନ୍ନ ପ୍ରକାରର ପରିବର୍ତ୍ତନକୁ ଆମେ ପ୍ରତିଦିନ ଅବଲୋକନ କରୁଅଛେ । ତତ୍ସହିତ ଈଶ୍ୱରଙ୍କ ଐକ୍ୟବାଦ ଓ ଅଦ୍ୱିତୀୟ ସତ୍ତା ଧାରଣ ଏହା ଆବଶ୍ୟକ କରୁଛି ଯେ ଏହି ସମସ୍ତ ବସ୍ତୁର ଆଧାର ଓ ମୂଳ ଉତ୍ସ ଗୋଟିଏ ହେବା ଉଚିତ । ତାଙ୍କର ଏକମାତ୍ର ଉପାସ୍ୟ ରୂପେ ବିବେଚିତ ହେବା ବିଷୟ ସେତେବେଳେ ଯାଇ ପ୍ରତିଷ୍ଠିତ ହୋଇ ରହିପାରିବ, ଯେତେବେଳେ ପ୍ରତ୍ୟେକ କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ଉପରେ ତାଙ୍କର ସଂପୂର୍ଣ୍ଣ ଆଧିପତ୍ୟ ରହିଥିବ । ଏଥୁଅନ୍ତେ ମଧ୍ୟ ଏହି ତତ୍ତ୍ୱ ପ୍ରତି ବିମୁଖ ଓ ବିରୋଧାଭାସ ଦେଖାଇ ଅଭିଯୋଗ କରିବା ଯେ ଏହି ପରିବର୍ତ୍ତନ ଦ୍ୱାରା ଶାନ୍ତିଭଙ୍ଗ ହୋଇଥାଏ ଏବଂ ଏହି ତତ୍ତ୍ୱକୁ ଆପଣାଇଲେ ଜ୍ଞାନ ନଷ୍ଟ ହୋଇଯିବ । ସେପରି ସ୍ଥଳେ ଏହା ଏକ ବଡ଼ ଭୁଲ ନୁହେଁ ତ ଆଉ କ'ଣ ହୋଇପାରେ ? ଆମେ ଯାହା କହୁଛୁ ଯେ ଅଲ୍ଲାଃ ପରମବ୍ରହ୍ମ ସମସ୍ତ ଶକ୍ତିର ଅଧିକାରୀ ଏବଂ ପୂର୍ଣ୍ଣକର୍ତ୍ତୃକ ଈଶ୍ୱର, ତାଙ୍କର ଯେତେବେଳେ ଆଦେଶ ହେଉଛି ଯେ ଜଳରୁ ଅଗ୍ନିର କାମ ନିଅନ୍ତୁ ଅବା ଅଗ୍ନିରୁ ଜଳର ଆବଶ୍ୟକତା ପୂରଣ କରନ୍ତୁ । ତେବେ ଏହାର ଅର୍ଥ ନୁହେଁ ଯେ ଈଶ୍ୱର ନିଜର ବିବେକାନୁମୋଦିତ ସ୍ୱଭାବର ସୀମା ଠାରୁ ଦୂରେଇଯିବ ନା ମନମୁଖୀ ଶାସନ ଚଳାଇ କୌଣସି କାର୍ଯ୍ୟ ନିଷ୍ପାଦନ କରିବେ । କାରଣ ପରମେଶ୍ୱରଙ୍କ କୌଣସି କାର୍ଯ୍ୟ ବୌଦ୍ଧିକ ଜ୍ଞାନ କୌଶଳରୁ ଖାଲି ନଥାଏ ଏବଂ ତାହା ନହେବା ଉଚିତ୍ । ବରଂ ଆମର ଅଭିପ୍ରାୟ ହେଉଛି ଯେ ଯେତେବେଳେ ସେ ଜଳରୁ ଅଗ୍ନି ଓ ଅଗ୍ନିରୁ ଜଳର କାମ ନେବାକୁ ଇଚ୍ଛା କରନ୍ତି, ସେତେବେଳେ ସେ ନିଜ ବିଜ୍ଞତାପୂର୍ଣ୍ଣ କଳାଚାତୁରୀକୁ ପ୍ରୟୋଗ କରିଥାନ୍ତି, ଯାହାକି ଏହି ବ୍ରହ୍ମାଣ୍ଡର କ୍ଷୁଦ୍ରରୁ କ୍ଷୁଦ୍ରତର କଣିକା ଉପରେ ଆଧିପତ୍ୟ ବିସ୍ତାର କରିଥାଏ । ଯଦିଚ ଆମେ ସେହି ଜ୍ଞାନ ସମ୍ବନ୍ଧରେ ପୂର୍ବରୁ ସୂଚନା ପାଇଥାଉ ଅବା ନପାଇଥାଉ, ତେବେ ଏହା ସୁସ୍ପଷ୍ଟ ଯେ ଯେଉଁ କାର୍ଯ୍ୟ ବିବେକାନୁମୋଦିତ ପନ୍ଥାରେ କରାଯାଏ, ତାହା ଜ୍ଞାନବିଜ୍ଞାନକୁ ନଷ୍ଟ କରି ନଥାଏ ବରଂ ଏତତ୍ଦ୍ୱାରା ଜ୍ଞାନର ଅଭିବୃଦ୍ଧି ଘଟିଥାଏ । ଦେଖ, ଆମେ କୃତ୍ରିମ ଉପାୟରେ ଜଳକୁ ବରଫରେ ପରିଣତ କରିଦେଇଥାଉ କିମ୍ବା ବିଦ୍ୟୁତ ଶକ୍ତିର ଆଲୋକ ଉତ୍ପନ୍ନ କରିଦେଇଥାଉ, ତେବେ କ'ଣ ଏତତ୍ଦ୍ୱାରା ଶାନ୍ତିଭଙ୍ଗ ହୋଇଯାଏ ଅଥବା ଜ୍ଞାନ ନଷ୍ଟ ହୋଇଯାଏ ? ଏହି ପରିପ୍ରେକ୍ଷୀରେ ଏକ ଅନ୍ୟ ଗୂଢ଼ ଭେଦ ମନେ ରଖିବା ଉଚିତ ଯେ ମୁନିଋଷିଙ୍କ ଦ୍ୱାରା ଅଦ୍ଭୂତ କାଣ୍ଡମାନ ଘଟିଥାଏ, ଯେପରିକି ପାଣି ତାଙ୍କୁ ବୁଡ଼ାଇ ନଥାଏ ଓ ଅଗ୍ନି ତାଙ୍କୁ କୌଣସି କ୍ଷତି ପହଞ୍ଚାଇପାରି ନଥାଏ । ତେବେ ଏଥିରେ ମଧ୍ୟ ଏହି ସୂକ୍ଷ୍ମ ରହସ୍ୟ ଲୁଚି ରହିଛି ଯେ ସେହି ଅଭେଦ୍ୟ, ରହସ୍ୟମୟ ଈଶ୍ୱର ଯାହାଙ୍କ ଅପାର ଭେଦକୁ

**ବିଗୁଲାମିନ୍** ତେବେ ସିଦ୍ଧାନ୍ତ ଅନୁଯାୟୀ ସୟଦ ସାହେବଙ୍କ ଦୃଷ୍ଟିରେ ଏହା ଆବଶ୍ୟକ ଥିଲା ଯେ ହଜରତ ୟହ୍‌ୟା[ଅସ] ଚିରକାଳ ପାଇଁ ଗୁଲାମ୍ ଅର୍ଥାତ ବାଳକ ହିଁ ରହି ଯାଇଥାନ୍ତେ । କାରଣ ଈଶ୍ୱର ହଜରତ ୟହ୍‌ୟାଙ୍କୁ ଗୁଲାମ୍ ନାମରେ ସମ୍ବୋଧନ କରିଛନ୍ତି ଯାହାକି ପ୍ରତିଶ୍ରୁତିର ଗାର ହୋଇଯାଇଛି । ଏହିପରି ଶହ ଶହ ଉଦାହରଣ ରହିଛି, ଯାହାକୁ ବର୍ଣ୍ଣନା କରିବା ଅର୍ଥ ଅଯଥା ସମୟ ନଷ୍ଟ କରିବା । ଯଦି ସୟଦ ସାହେବଙ୍କ ଦୃଷ୍ଟିରେ ସାମ୍ପ୍ରତିକ ଘଟଣାବଳୀ ବର୍ଣ୍ଣନା କରିବା ଦ୍ୱାରା ଆଗାମୀ ଦିନରେ

---

ବୁଝିବା ମନୁଷ୍ୟପକ୍ଷେ ସମ୍ଭବ ନୁହେଁ, ନିଜର ବନ୍ଧୁ ଓ ସହୋଦରଙ୍କ ପ୍ରତି ଧ୍ୟାନ ଦେବା ସମୟରେ ଏପରି ଅଲୌକିକ ମହିମା ପ୍ରଦର୍ଶନ କରିଥାନ୍ତି, ଯେପରି ସେ ବିଶ୍ୱବ୍ରହ୍ମାଣ୍ଡର ସମ୍ରାଟ ତଥା ଅଧିପତି ହୋଇଥିବାର ଦୃଷ୍ଟି ଆକର୍ଷଣ କରାଯାଇ ପାରିବ ଏବଂ ଏପରି ଯେଉଁସବୁ ଗୁପ୍ତ ସାମଗ୍ରୀ ଏକତ୍ରିତ ହେବା ଦ୍ୱାରା ଉଦାହରଣ ସ୍ୱରୂପ, ଅଗ୍ନିର ଉତ୍ତାପ ନିଜ ପ୍ରଭାବ ଦେଖାଇବାରୁ ବଞ୍ଚିତ ରହିପାରେ । ଯଦିଓ ସେହି ପ୍ରତିକ୍ରୀୟା ସାଧନ ଆକାଶର ନକ୍ଷତ୍ରମାନଙ୍କ ପ୍ରଭାବ ହେତୁ ଅଥବା ସ୍ୱୟଂ ଅଗ୍ନିର କୌଣସି ଲୁକ୍‌କାୟୀତ ଗୁଣ ବଶତଃ ଅଥବା ନିଜ ଶରୀରର କୌଣସି ଅଦୃଶ୍ୟ ଗୁଣ ଏପରିକି ସେହି ସମସ୍ତ ଗୁଣର ସମାହାର ହୋଇଥିବା କାରଣରୁ ଘଟିଥାଏ । ସେହିସବୁ ଆବଶ୍ୟକତା ମେଣ୍ଟାଇବାର ସାଧନ ଧ୍ୟାନ ଓ ପ୍ରାର୍ଥନା ଯୋଗୁଁ ଗତିଶୀଳ ହୋଇଥାଏ । ସେତେବେଳେ ଏକ ଆଲୌକିକ ଘଟଣା ପ୍ରକାଶ ପାଇଥାଏ । କିନ୍ତୁ ଏହା ଫଳରେ କୌଣସି ଭୌତିକ ଉପାଦାନର ବାସ୍ତବିକତାରୁ ଭରସା ଉଠିଯାଏ ନାହିଁ ଏବଂ କାହାର ଜ୍ଞାନ ନଷ୍ଟ ହୋଇଯାଏ ନାହିଁ, ବରଂ ଏହା ଐଶ୍ୱରିକ ଜ୍ଞାନ ମଧ୍ୟରୁ ଗୋଟିଏ ଜ୍ଞାନ, ଯାହା ନିଜର ଏକ ସ୍ଥାନ ବଜାୟ ରଖିଛି ।

ଯେପରିକି ଅଗ୍ନିର ଦହନୀୟ ଗୁଣ ଅପରିବର୍ତ୍ତିତ ରହିବା । ବରଂ ଏପରି ବୁଝିନିଅନ୍ତୁ ଯେ ଏହା ଏକ ଆଧ୍ୟାତ୍ମିକ କଞ୍ଚାମାଲ ସଦୃଶ । ଯାହା ଅଗ୍ନି ଉପରେ ପ୍ରଭୁତ୍ୱ ଲାଭ କରି ନିଜର ପ୍ରଭାବ ଦେଖାଇଥାଏ ଏବଂ ନିଜ ଅବସ୍ଥିତି ଓ ସମୟ ଠାରୁ ସ୍ୱତନ୍ତ୍ର ହୋଇଥାଏ । ଏହି ରହସ୍ୟକୁ ସାଂସାରିକ ବୋଧଶକ୍ତି ବୁଝିବାକୁ ସକ୍ଷମ ହୋଇପାରେ ନାହିଁ ଯେ ଯଥାର୍ଥ ମନୁଷ୍ୟ ଈଶ୍ୱରୀୟ ଆତ୍ମାର ପ୍ରକଟ ହେବା ପାଇଁ ପ୍ରକୃଷ୍ଟ ସ୍ଥାନ । ଯେତେବେଳେ ମଧ୍ୟ ସେହି ଶ୍ରେଷ୍ଠ ମାନବ ପାଇଁ ଏପରି ଏକ ଅଲୌକିକ ପ୍ରତିଭା ଦେଖାଇବାର ସଠିକ୍ ସମୟ ଆସିଯାଇଛି, ସେତେବେଳେ ପ୍ରତ୍ୟେକ ବସ୍ତୁ ତାଙ୍କୁ ଏପରି ଭୟ କରିଥାଏ ଯେପରି ଈଶ୍ୱରଙ୍କୁ । ସେହି ସମୟରେ ସେହି ମନୁଷ୍ୟକୁ ହିଂସ୍ରଜନ୍ତୁ ସମ୍ମୁଖରେ ଛାଡ଼ିଦିଅ କିମ୍ବା ଅଗ୍ନିରେ ନିକ୍ଷେପ କରିଦିଅ, ସେଥିରୁ ତାହାର ତିଳେମାତ୍ର କ୍ଷତି ହେବ ନାହିଁ । କାରଣ ସେତେବେଳେ ଈଶ୍ୱରପ୍ରବଣ ଆତ୍ମା ତାହାର ଅନ୍ତଃସ୍ଥଳରେ ରହିଥାଏ । ପ୍ରତ୍ୟେକ ବସ୍ତୁର ଏକ ପ୍ରଣ ରହିଛି ଯେ ତାଙ୍କୁ ଭୟ କରନ୍ତୁ । ଏହା ଆଧ୍ୟାତ୍ମିକ ଜ୍ଞାନର ଏକ ଅନ୍ତିମ ପର୍ଯ୍ୟାୟ ଯାହା ପୁଣ୍ୟ ବ୍ୟକ୍ତିଙ୍କ ସଙ୍ଗତରେ ରହିବା ବ୍ୟତିରେକେ ହୃଦୟଙ୍ଗମ କରାଯାଇ ପାରିବ ନାହିଁ । କାରଣ ଏହା ଅତ୍ୟନ୍ତ ସୂକ୍ଷ୍ମ ରହସ୍ୟ ଓ ଗୁରୁତ୍ୱପୂର୍ଣ୍ଣ ବିଷୟ । ତେଣୁ ପ୍ରତ୍ୟେକ ବୌଦ୍ଧିକ ଶକ୍ତିକୁ ଏହି ଦର୍ଶନତତ୍ତ୍ୱ ସମ୍ବନ୍ଧରେ ସୂଚିତ କରାଯାଇ ନାହିଁ । କିନ୍ତୁ ମନେ ରଖିବାକୁ ହେବ ଯେ ପ୍ରତ୍ୟେକ ବସ୍ତୁ ଈଶ୍ୱରଙ୍କ ସ୍ୱର ଶୁଣିଥାଏ ଏବଂ ପ୍ରତ୍ୟେକ ବସ୍ତୁ ଈଶ୍ୱରଙ୍କ ଅଧିନସ୍ଥ ଓ ନିୟନ୍ତ୍ରଣାଧୀନରେ

ଓ ସଦାସର୍ବଦା ପାଇଁ ଏହି ପ୍ରତିଶ୍ରୁତି ଅନିବାର୍ଯ୍ୟ ହୋଇଯାଏ, ତେବେ ସେଗୁଡ଼ିକ ପ୍ରତି ଭୟ କରିବା ଉଚିତ ହେବ । ଯେପରିକି ସେ କଥା କଥାରେ ମନୁଷ୍ୟ ଉପରେ ଆରୋପ ଲଗାଇବେ । ବର୍ତ୍ତମାନର ଏକ ଘଟଣା ବର୍ଣ୍ଣନା କରିବା ବିଷୟକୁ ସେ ଏକ ଚିରସ୍ଥାୟୀ ଅଙ୍ଗୀକାର ରୂପେ ବୁଝିନେବେ । ମୋ ମତରେ ଏହା ଶ୍ରେୟସ୍କର ହେବ ଯେ ସୟଦ ସାହେବ ନିଜର ଶେଷ ଦିନଗୁଡ଼ିକୁ ମନେପକାଇ କିଛି ଦିନ ପାଇଁ ଏହି ବିନୀତର ସଙ୍ଗତରେ ରୁହନ୍ତୁ । ଯେହେତୁ ମୁଁ ଯୁଗାବତାର ଓ ସୁସମ୍ବାଦ ପ୍ରଦାନକାରୀ ହୋଇଆସିଛି, ତେଣୁ ମୁଁ ସଂକଳ୍ପ କରୁଛି ସୟଦ ସାହେବଙ୍କ ମାନସିକ ଶାନ୍ତି ପ୍ରାପ୍ତ କରିବା ପ୍ରତି ଗୁରୁତ୍ୱ ଦେବି । ଆଶା କରୁଛି ଯେ ଈଶ୍ୱର କୌଣସି ଏପରି ନିଦର୍ଶନ ପ୍ରକଟ କରିବେ, ଯାହା ଫଳରେ ସୟଦ ସାହେବଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରାକୃତିକ ବିଧାନକୁ କ୍ଷଣିକ ମଧ୍ୟରେ ମାଟିରେ ମିଶାଇଦେବେ । ବର୍ତ୍ତମାନ ସୁଦ୍ଧା ଏପରି ଅଗଣିତ ଘଟଣା ପ୍ରକଟିତ ହୋଇସାରିଲାଣି, ଯାହା ସୟଦ ସାହେବଙ୍କ ଦୃଷ୍ଟିରେ ପ୍ରାକୃତିକ ବିଧାନର ପରିପନ୍ଥୀ । କିନ୍ତୁ ସେଗୁଡ଼ିକୁ ବର୍ଣ୍ଣନା କରିବା ବୃଥା ହେବ, ଯାହାକୁ ସୟଦ ସାହେବ ଏକ କାହାଣୀ ବୋଲି ମନେ କରିବେ । ସେ ଦୈବୀବାଣୀ ଦ୍ୱାରା ହେଉଥିବା ଭବିଷ୍ୟତ ବାଣୀକୁ ମଧ୍ୟ ଅସ୍ୱୀକାର କରୁଛନ୍ତି ଯାହା ମହାତ୍ମାମାନଙ୍କୁ ଐଶ୍ୱୀବାଣୀ ଦ୍ୱାରା ଜ୍ଞାତ ହୋଇଥାଏ । ତାଙ୍କ ଦୃଷ୍ଟିରେ ତାହା ସେହି ପ୍ରାକୃତିକ ନିୟମର ବିରୁଦ୍ଧାଚରଣ କରୁଛି, ଯେପରି ଅଗ୍ନି ନିଜର ଦହନୀୟ ଗୁଣକୁ ତ୍ୟାଗ କରିବା । ତଦନୁରୂପ ପ୍ରାର୍ଥନାର ଏକ ପ୍ରଭାବ ମଧ୍ୟ ରହିଛି, ଯାହାଦ୍ୱାରା ସେହି ଉଦ୍ଦେଶ୍ୟ ପ୍ରାପ୍ତ ହୋଇଥାଏ ଯେଉଁଥି ପାଇଁ ପ୍ରାର୍ଥନା କରାଯାଇଥାଏ । ସୟଦ ସାହେବଙ୍କ ମତରେ ଏହା ପ୍ରାକୃତିକ ବିଧାନର ବିପରୀତ । ସୁତରାଂ ଯଦି ସୟଦ ସାହେବ ମୋ ନିକଟକୁ ଆସିପାରିବେ ନାହିଁ,

---

ରହିଥାଏ । ପ୍ରତ୍ୟେକ ବସ୍ତୁର ଡ଼ୋରି ଈଶ୍ୱରଙ୍କ କରାଗତ ହୋଇ ରହିଛି । ତାଙ୍କ ପରିଚୟ ପାଇବାର ଜ୍ଞତବ୍ୟ ତଥ୍ୟ ଅନନ୍ତ ରହସ୍ୟମୟ ହୋଇ ରହିଛି । ଯାହାକି ପ୍ରତ୍ୟେକ କ୍ଷୁଦ୍ରତମ କଣିକାର ମୂଳ ପର୍ଯ୍ୟନ୍ତ ଲମ୍ବି ରହିଛି ଏବଂ ପ୍ରତ୍ୟେକ ବସ୍ତୁ ମଧ୍ୟରେ ସେତିକି ବିଶେଷତ୍ୱ ରହିଛି, ଯେତିକି ତାହାର ପ୍ରାକୃତିକ ସାମର୍ଥ୍ୟ । ଯେଉଁ ବ୍ୟକ୍ତି ଏହି ତଥ୍ୟ ଉପରେ ବିଶ୍ୱାସ ସ୍ଥାପନ କରେ ନାହିଁ, ସେ ସେହି ଦଳ ମଧ୍ୟରେ ଅନ୍ତର୍ଭୁକ୍ତ, ଯେପରିକି مَاقَدَرُوا اللّٰهَ حَقَّ قَدْرِہٖ

**ମା କଦରୁଲ୍ଲାହା ହକ୍କା କଦ୍‌ରିହ୍** (ଅଲ୍ ଅନ୍‌ଆମ୍ 6:92) ପଙ୍କ୍ତିରେ ଦୃଷ୍ଟାନ୍ତ ଦିଆଯାଇଛି । ଯେହେତୁ ମନୁଷ୍ୟ ସମ୍ପୂର୍ଣ୍ଣ ବିଶ୍ୱର ପ୍ରତିରୂପ, ତେଣୁ ସମଗ୍ର ବିଶ୍ୱ ତାହା ଆଡ଼କୁ ସମୟ ସମୟରେ ଆକର୍ଷିତ ହୋଇଥାଏ । ସେ ଆଧ୍ୟାତ୍ମିକ ବ୍ରହ୍ମାଣ୍ଡର ଏକ ବୁଢିଆଣି ହୋଇଥାଏ ଏବଂ ସମଗ୍ର ବ୍ରହ୍ମାଣ୍ଡ ତାହାର ଗୋଟିଏ ସୂତାଖିଅ । ଏହା ହିଁ ଅନନ୍ତ ରହସ୍ୟର ଏକ ନିଦର୍ଶନ ।

بر کاروبار ہستی اثری ست عارفان را     زجہان چہ دید آن کس کہ ندید این جہان را

ତେବେ ଉପରୋକ୍ତ ଦୁଇଗୋଟି ବିଷୟ ମଧ୍ୟରୁ ହିଁ ସତ୍ୟକୁ ସ୍ୱୀକାର କରିବାର ପ୍ରତିଶ୍ରୁତି ଦେଇସାରି ମୋତେ ବିଦାୟ ଦିଅନ୍ତୁ । ଯଦ୍ୱାରା ମୁଁ ତାଙ୍କ ସମ୍ବନ୍ଧରେ ଧ୍ୟାନ ଆକର୍ଷିତ କରିବା ପାଇଁ ଈଶ୍ୱରଙ୍କ ଶରଣାଗତ ହେବି ଏବଂ ଯାହାକିଛି ପ୍ରଭୁ ପ୍ରତିକ୍ରୀୟା ପ୍ରକାଶ କରିବେ ତାହାକୁ ମୁଁ ପ୍ରକାଶିତ କରିଦେବି । ଏହାର ଫଳସ୍ୱରୂପ ଜନସାଧାରଣ ଉପକୃତ ହେବେ । ଯଦି ସୟଦ ସାହେବଙ୍କର ଏହି ରାୟ ବାସ୍ତବରେ ସଠିକ୍ ଓ ଯଥାର୍ଥ, ତେବେ ମୁଁ କେବେହେଲେ ନିଜ ଉଦ୍ଦେଶ୍ୟରେ ସଫଳ ହେବି ନାହିଁ । ନଚେତ୍ ବିଜ୍ଞ ଲୋକମାନଙ୍କୁ ସୟଦ ସାହେବଙ୍କର ଏତାଦୃଶ ମନ୍ଦ ସିଦ୍ଧାନ୍ତରୁ ନିସ୍ତାର ମିଳିଯିବ, ଯଦ୍ୱାରା ସେମାନେ ନିଜ ସର୍ବଶକ୍ତିମାନ ପାଳନକର୍ତ୍ତାଙ୍କୁ ଚିହ୍ନି ନେବେ ଏବଂ ଶ୍ରଦ୍ଧାପ୍ଲୁତ ପ୍ରେମର ସହିତ ତାଙ୍କ ନିକଟରେ ନତମସ୍ତକ ହେବେ । ପ୍ରାର୍ଥନା କରିବା ସମୟରେ ତାଙ୍କ ଦୟାର ପାତ୍ର ହେବାରୁ ନିରାଶ ହେବେ ନାହିଁ ତଥା ଶ୍ରୀଛାମୁରେ ଅଳି କଲାବେଳେ ନିଜ ହାତ ଉଠାଇବା ବେଳେ ଆନନ୍ଦ ଲାଭ କରିବେ । ଈଶ୍ୱରଙ୍କ ଅସ୍ତିତ୍ୱ ବିଦ୍ୟମାନ ଥିବା ଦ୍ୱାରା ଏହି ଲାଭ ମଧ୍ୟ ମିଳିଥାଏ ଯେ ଆମ ପ୍ରାର୍ଥନା ସ୍ୱୀକାର କରି ସେ ସ୍ୱୟଂ ନିଜ ଅଦୃଶ୍ୟ ସତ୍ତାର ପ୍ରମାଣ ଦେଇଥାନ୍ତି । ନା କି ଆମେ ସହସ୍ର ପ୍ରକାର କଷ୍ଟ ସ୍ୱୀକାର କରି ଏକ ପ୍ରତିମା ସଦୃଶ ନକଲି ଉପାସ୍ୟକୁ ନିଜ ହୃଦୟରେ ସ୍ଥାନ ଦେବା, ଯାହାର ସ୍ୱରଶବ୍ଦ ମଧ୍ୟ ଆମକୁ ଶୁଣାଯାଏ ନାହିଁ ଏବଂ ତାଙ୍କର ଶକ୍ତି ପ୍ରଦର୍ଶନର ସ୍ପଷ୍ଟ ନିଦର୍ଶନ ଆମକୁ କେବେ ଦେଖାଯାଏ ନାହିଁ । ତେଣୁ ନିଶ୍ଚିତ ରୂପେ ବିଶ୍ୱାସ ରଖ, ସେହି ସର୍ବଶକ୍ତିମାନ ପ୍ରଭୁ ସର୍ବତ୍ର ବିଦ୍ୟମାନ ଯେ କି ପ୍ରତ୍ୟେକ ବସ୍ତୁ ଉପରେ ପୂର୍ଣ୍ଣ ଆଧିପତ୍ୟ ରଖିଥାନ୍ତି ।

**وما غلت ایدیه بل یداہ مبسوطتان ینفق کیف یشاء و یفعل مایرید۔ و هو علی کل شیء قدیر۔ واٰخر دعوانا ان الحمد للّٰه رب العالمین ۔**

**ୱମା ଗୁଲ୍ଲତ୍ ଅଈଦିହିମ୍ ବଲ୍ ୟଦାହୁ ମବ୍ସୁତତାନି ୟୁନ୍‌ଫିକୁ କୈଫା ୟଶାଉ ୱୟଫ୍‌ଅଲୁ ମାୟୁରିଦ୍ ୱହୁୱା ଅଲାକୁଲ୍ଲେ ଶୈଇନ୍ କଦିର୍ । ୱଅଖରି ଦାୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ।**

رُوئے دلبر از طلبگاراں نمی دارد حجاب　　می درخشَد در خورو می تابد اندر ماہتاب
لیکن آن روئے حَسِین از غافلاں ماند نہاں　　عاشقی باید کہ بردارند از بہرش نقاب
دامنِ پاکش زِنَخُوت ہا نمی آید بَدَست　　ہیچ راہی نیست غَیر از عجز و دردو اِضطراب
بس خطرناک است راہِ کُوچۂ یارِ قدیم　　جاں سلامت بایدت از خودروی ہا سر بتاب
تا کلامش فہم و عقلِ ناسزایاں کم رَسَد　　ہر کہ از خود گم شود او یا بداں راہِ صواب
مشکلِ قرآن نہ از ابناء دُنیا حل شود　　ذوق آں می داند آں مستی کہ نوشد آں شراب
اَیکہ آگاہی ندادندت ز انوارِ دروں　　درحقِ ماہر چہ گوئی نیستی جائے عتاب
از سرِ وعظ و نصیحت این سخن ہا گفتہ ایم　　تا مگر زین مرہمی بہ گردد آں زخمی خراب
از دعا کن چارۂ آزارِ انکارِ دُعا　　چون علاج می زمی وقتِ خُمارو اِلتہاب
اَیکہ گوئی گر دُعاہا را اثر بودے کجاست　　سوئی من بشتاب بنمایم ترا چون آفتاب
ہان مکن انکار زین اسرار قدرت ہائے حق　　قِصہ کوتہ کن بہ بیں از ما دُعائے مستجاب

---

دیکھو صفحہ ۲-۳-۴ سرورق ☆

ଏହାକୁ ମନଧ୍ୟାନ ଦେଇ ପଢନ୍ତୁ, ଏଥିରେ ଆପଣମାନଙ୍କ ପାଇଁ ସୁସମାଚାର ରହିଛି

# ଅମିର, ଅଧ୍ୟକ୍ଷ, ମାନ୍ୟଗଣ ସଜ୍ଜନ ବ୍ୟକ୍ତିସମୂହ ତଥା ପ୍ରଶାସନିକ ଉଚ୍ଚ ପଦାଧିକାରୀଙ୍କ ସେବାରେ

بسم اللّٰہ الرحمٰن الرحیم

نَحْمَدُہٗ وَ نُصَلِّیْ عَلٰی رَسُوْلِہِ الْکَرِیْمِ

ହେ ଇସଲାମର ସଦାତ୍ମା ଗୁରୁଜନଗଣ ! ପରମେଶ୍ୱର ଆପଣମାନଙ୍କ ହୃଦୟରେ ସମସ୍ତ ସାମ୍ପ୍ରଦାୟିକ ଚିନ୍ତାଧାରାରୁ ଉର୍ଦ୍ଧ୍ୱରେ ରଖି ପବିତ୍ର ଭାବନା ସୃଷ୍ଟି କରନ୍ତୁ ଏବଂ ଏହି କରାଳ ପରିସ୍ଥିତିରେ ନିଜର ପ୍ରିୟଧର୍ମ ଇସଲାମର ନିଷ୍ଠାପର ସେବକ କରିଦିଅନ୍ତୁ । ବର୍ତ୍ତମାନ ମୁଁ କେବଳ ପରମେଶ୍ୱରଙ୍କ ସକାଶେ ଏହି ବିଶେଷ କାର୍ଯ୍ୟ ସମ୍ବନ୍ଧରେ ଅବଗତ କରାଇ ଦେଉଛି ଯେ

ପରମେଶ୍ୱର ମୋତେ ଏହି ଚତୁର୍ଦ୍ଦଶ ଶତାବ୍ଦୀ ହିଜ୍ରିର ପ୍ରାରମ୍ଭରେ ଯୁଗ ପ୍ରବର୍ତ୍ତକ କରି ଇସଲାମ ଧର୍ମର ନବଉନ୍ମେଷ ତଥା ଏହାର ସତ୍ୟତାର ଦୃଢ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ପଠାଇଛନ୍ତି । ଯଦ୍ୱାରା କି ମୁଁ ଅଧର୍ମତାର ଏହି ଘୋର ଅନ୍ଧକାରମୟ ଯୁଗରେ ପବିତ୍ର କୁରଆନର ସୌନ୍ଦର୍ଯ୍ୟ ଓ ହଜରତ ମୁହମ୍ମଦ[ସଅ]ଙ୍କର ଉତ୍କର୍ଷ ମହିମାକୁ ଉଦ୍‌ଭାସିତ କରିବି । ଏବଂ ସେହି ସମସ୍ତ ଶତ୍ରୁମାନଙ୍କୁ ଯେଉଁମାନେ ଇସଲାମ ଉପରେ ଆକ୍ରମଣ ଚଳାଇଛନ୍ତି, ସେହି ଦିବ୍ୟଜ୍ୟୋତି, କଲ୍ୟାଣମୟ ସମୃଦ୍ଧି, ଅଲୌକିକ ନିଦର୍ଶନ ତଥା ଧାର୍ମିକ ଓ ଆଧ୍ୟାତ୍ମିକ ତତ୍ତ୍ୱଜ୍ଞାନ ସାହାଯ୍ୟରେ ସମୁଚିତ ଉତ୍ତର ଦେବି, ଯାହାକୁ ଈଶ୍ୱର ମୋତେ ଅର୍ପଣ କରିଛନ୍ତି । ସୁତରାଂ ଏହି କାର୍ଯ୍ୟ ଦୀର୍ଘ ଦଶବର୍ଷ ହେବ କ୍ରମାଗତ ଭାବରେ ଅବ୍ୟାହତ ରହିଛି । କିନ୍ତୁ ଯେହେତୁ ସେ ସମସ୍ତ ଆବଶ୍ୟକତା ପୂରଣ ନିମନ୍ତେ ଅର୍ଥାତ ଇସଲାମର ପ୍ରଚାର ପ୍ରସାରରେ ଆମକୁ ବହୁତ ଆର୍ଥିକ ସାହାଯ୍ୟ ଆବଶ୍ୟକ ପଡୁଛି, ତେଣୁ ମୁଁ ଏହା କହିବା ଅତି ଜରୁରୀ ମନେ କରୁଛି ଯେ ଧର୍ମପ୍ରଚାର ନିମନ୍ତେ ଆପଣମାନଙ୍କୁ ଅବଗତ କରାଏ । ସୁତରାଂ ହେ ସଜ୍ଜନଗଣ ଶୁଣନ୍ତୁ ! ଆମ ପାଇଁ ସର୍ବଶକ୍ତିମାନ ଈଶ୍ୱର ଓ ହଜରତ ମୁହମ୍ମଦ[ସଅ]ଙ୍କ ମାର୍ଗରେ ଅର୍ଥ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି । ଏପରି ଅନେକ

ରଚନାବଳୀ ଲକ୍ଷାଧିକ ଲୋକମାନଙ୍କ ନିକଟରେ ପହଁଞ୍ଚାଇବା ପାଇଁ ବିପୁଳ ଅର୍ଥର ଆବଶ୍ୟକତା ରହିଛି । ବର୍ତ୍ତମାନ ପରିସ୍ଥିତିରେ ପ୍ରଥମତଃ ଏପରି ବଡ଼ ଧରଣର ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ କୌଣସି ଅର୍ଥର ବ୍ୟବସ୍ଥା ନାହିଁ । ଯଦି କୌଣସି ଧର୍ମ କ୍ଷେତ୍ରରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ରଖୁଥିବା ଜଣେ ଉତ୍ସର୍ଗୀ ପୁରୁଷଙ୍କ★ ରଚିତ ପୁସ୍ତକଗୁଡ଼ିକ ଯାହା ଲୋକଲୋଚନକୁ ଆସିବା ଦରକାର ହେଉଛି, ମାତ୍ର ସେସବୁ ପୁସ୍ତକ ପ୍ରତି ଅନାଗ୍ରହ ଓ ଉଦାସୀନତା ଦେଖା ଦେଉଛି । ଫଳରେ ତାହା ପ୍ରକାଶିତ ହେବାର ସାହସ ଓ ମନୋବଳ କମିଯାଉଛି । ସେଥିଯୋଗୁଁ ସେସବୁ ପୁସ୍ତକ ଖୁବ୍ କମ୍ ପରିମାଣରେ ବିକ୍ରି ହେଉଛି ଏବଂ ଅଧିକାଂଶ ବହି ବର୍ଷବର୍ଷ ଧରି ସେମାନଙ୍କ ସିନ୍ଦୁକରେ ପଡ଼ିରହୁଛି ଅଥବା ଈଶ୍ୱରଙ୍କ ପାଇଁ ମାଗଣାରେ ବିତରଣ କରାଯାଉଛି । ଏହା ଦ୍ୱାରା ଧର୍ମର ଆବଶ୍ୟକତା ଦିଗରେ ପ୍ରଚାର ଓ ପ୍ରସାରରେ ଅନେକ ବିଘ୍ନ ଘଟୁଛି । ଯଦିଓ ଈଶ୍ୱର ଏହି ଜମାଅତକୁ ପ୍ରତିଦିନ ଉନ୍ନତି ପଥରେ ଅଗ୍ରସର କରାଇ ଚାଲିଛନ୍ତି, ତଥାପି ଏପର୍ଯ୍ୟନ୍ତ ସେହି ଧନଶାଳୀ ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଏପରି ନାହାନ୍ତି ଯେ ଏହି ଧର୍ମକାର୍ଯ୍ୟରେ ନିଜ ରାଶିର ଏକ ବଡ଼ ଅଂଶ ପ୍ରଦାନ କରିଛନ୍ତି । ଯେହେତୁ ଏହି ବିନୀତ ଈଶ୍ୱରଙ୍କର ବାର୍ତ୍ତାବହ ରୂପେ ଧର୍ମର ପୁନଃପ୍ରତିଷ୍ଠା ସକାଶେ ଆବିର୍ଭୁତ ହୋଇଛି ଏବଂ ସେହି ସର୍ବଶକ୍ତିମାନ ଈଶ୍ୱର ମୋତେ ସୁସମ୍ବାଦ ପ୍ରଦାନ କରିଛନ୍ତି ଯେ ସେ କେତେକ ମହତ୍ୱପୂର୍ଣ୍ଣ ପ୍ରସଙ୍ଗରେ ତଥା ଅନେକ ରାଷ୍ଟ୍ରକୁ ଆମ ସମ୍ପ୍ରଦାୟଭୁକ୍ତ କରିବେ । ଏବଂ ସେହି ପରମସ୍ରଷ୍ଟା ମୋତେ ଆହୁରି କହିଛନ୍ତି, ଯେ ସେ ମୋ ପ୍ରତି ଅଧିକରୁ ଅଧିକ କଲ୍ୟାଣ ତଥା ସମୃଦ୍ଧି ପ୍ରଦାନ କରିବେ, ଏପରିକି ସୁରବୀର ସମ୍ରାଟମାନେ ତୁମ ବସ୍ତ୍ରରୁ ଆଶିଷ ଅନ୍ୱେଷଣ କରିବେ । ଏହି ଦୃଷ୍ଟିକୋଣରୁ ଆଜି ମୋର ମନରେ ଧାରଣା ସୃଷ୍ଟି ହେଲା ଯେ ମୁଁ ଧନୀକ ଶ୍ରେଣୀ ତଥା କ୍ଷମତାଶାଳୀଙ୍କୁ ନିଜ କାର୍ଯ୍ୟରେ ସାହାଯତା ନିମନ୍ତେ ସମ୍ବୋଧନ କରିବି ।

ଯେହେତୁ ଏହି ଧର୍ମ କ୍ଷେତ୍ରରେ ସାହାଯତା କରିବା ଏକ ମହାନ କାର୍ଯ୍ୟ ଏବଂ ମନୁଷ୍ୟ ନିଜର ସନ୍ଦେହ, ନକାରାତ୍ମକ ଚିନ୍ତାଧାରା ଓ ମାନସିକ ଦ୍ୱନ୍ଦ୍ୱରୁ ନିଜକୁ ନିବୃତ୍ତ ରଖିପାରେ ନାହିଁ । ସେହିପରି ତାହାକୁ ଚିହ୍ନି ନପାରିଲେ ସଙ୍କୋଚ ମନୋଭାବ

★**ପାଦଟୀକା–** ଉତ୍ସାହପୂର୍ଣ୍ଣ ଧର୍ମସେବା ପୁରୁଷ ଏହି ସ୍ଥାନରେ ହେଉଛନ୍ତି, ହଜରତ ମୌଲବି ହକିମ୍ ନୁରୁଦ୍ଦିନ ସାହେବ ଭେରୱୀ । ସେ ନିଜ ସମସ୍ତ ଧନସମ୍ପତ୍ତି ଏହି ମାର୍ଗରେ ଉତ୍ସର୍ଗ କରିଦେଲେ ଏବଂ ତାଙ୍କ ଅନ୍ତେ ମୋର ଜଣେ ପ୍ରିୟ ବନ୍ଧୁ ହକିମ୍ ଫଜଲ୍ଦିନ ସାହେବ ତଥା ନୱାବ ମୁହମ୍ମଦ ଅଲି ସାହେବ କୋଟଲା ମାଲିୟର ଇତ୍ୟାଦି ଏହିପରି ଜଣକ ପରେ ଜଣେ ସେ ସମସ୍ତ ନିଷ୍ପାପର ବନ୍ଧୁଗଣ ରହିଛନ୍ତି ଯେ ଏହି ମାର୍ଗରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଛନ୍ତି ।

ଜାତ ହୋଇ ନଥାଏ, ଯଦ୍ୱାରା ସେ ଏପରି ବଡ଼ ଧରଣର ସାହାଯ୍ୟ କରିବା ପାଇଁ ମନରେ ସାହସ ବାନ୍ଧିବ । ସେଥିପାଇଁ ମୁଁ ସମସ୍ତ ଅମିରମାନଙ୍କ ସେବାରେ ଏହି ଘୋଷଣାପତ୍ର ଲେଖୁଛି ଯେ ଅଧିକ ପରୀକ୍ଷା ନିରୀକ୍ଷା ନକରି ଯଦି ସେମାନେ ଏପରି ସାହାଯ୍ୟ କରିବାକୁ ପଛଘୁଞ୍ଚା ଦିଅନ୍ତି, ତେବେ ସେମାନେ ନିଜର ସକାରତ୍ମକ ଆଭିମୁଖ୍ୟ, ଯୋଜନା ଓ ଅସୁବିଧା ସମ୍ବନ୍ଧରେ ମୋ ନିକଟକୁ ଲେଖିଦିଅନ୍ତୁ, ଯଦ୍ୱାରା ମୁଁ ସେମାନଙ୍କର ସେହି ଉଦ୍ଦେଶ୍ୟ ଓ ମନବାଞ୍ଛା ପୂରଣ ହେବା ସକାଶେ ପ୍ରାର୍ଥନା କରିବି । କିନ୍ତୁ ଏହି ତଥ୍ୟକୁ ବିସ୍ତାରପୂର୍ବକ ଲେଖି ପ୍ରେରଣ କରନ୍ତୁ ଯେ ସେମାନେ ଏହି ଉଦ୍ଦେଶ୍ୟ ପୂରଣ ଦିଗରେ କେତେଦୂର ଆମକୁ ଅର୍ଥ ସାହାଯ୍ୟ କରିପାରିବେ । ଏବଂ ସେମାନେ କିପରି ନିଜ ହୃଦୟରେ ଦୃଢ ସଙ୍କଳ୍ପ କରିଛନ୍ତି ଯେ ନିଶ୍ଚିତ ରୂପେ ଏପରି ସହାୟତା କରିବେ ? ଯଦି ଏପରି ପତ୍ର★ କୌଣସି ବନ୍ଧୁଙ୍କ ନିକଟରୁ ମୋତେ ପ୍ରାପ୍ତ ହୁଏ, ତେବେ ମୁଁ ତାଙ୍କ ପାଇଁ ଅବଶ୍ୟ ପ୍ରାର୍ଥନା କରିବି । ମୁଁ ବିଶ୍ୱାସ ରଖୁଛି ଯଦି ଈଶ୍ୱରଙ୍କ ଅଟଳ ବିଧାନ ଅନ୍ତର୍ଭୁକ୍ତ କୌଣସି ସର୍ତ୍ତ ନଥିବ, ତେବେ ପରମେଶ୍ୱର ନିଶ୍ଚିତ ରୂପେ ମୋ ପ୍ରାର୍ଥନା ସ୍ୱୀକାର କରିବେ ଏବଂ ମୋତେ ଦିବ୍ୟବାଣୀ ଦ୍ୱାରା ସୂଚୀତ କରିଦେବେ । ଏଥିରେ ନିରାଶ ହୁଅ ନାହିଁ ଯେ ଆମର ଉଦ୍ଦେଶ୍ୟ ବେଶ୍ ଜଟିଳ । ମନେରଖ ! ସେ ପ୍ରଭୁ ସମସ୍ତ ସମସ୍ୟା ସମାଧାନ କରିବାର ସମାର୍ଥ୍ୟ ରଖୁଛନ୍ତି କିନ୍ତୁ ସର୍ତ୍ତ ହେଉଛି ଯେ ତାଙ୍କ ବିଧାନ ଏହାର ବିପରୀତ ନହେଉ । ଯଦି ଏପରି ବନ୍ଧୁମାନଙ୍କ ତରଫରୁ କେତେକ ପତ୍ର ମୋର ହସ୍ତଗତ ହେବ, ତେବେ ସର୍ବଶକ୍ତିମାନ ଈଶ୍ୱର ଯେଉଁମାନଙ୍କ ମନସ୍କାମନା ପୂରଣ ହେବାର ସୁସମ୍ବାଦ ଦିଅନ୍ତି, ସେମାନଙ୍କୁ ପ୍ରଭୁଙ୍କ ଛାମୁରୁ ସୂଚୀତ କରି ଦିଆଯିବ । ଏହି ପ୍ରସଙ୍ଗ ଅମାନ୍ୟକାରୀଙ୍କ ସକାଶେ ନିଦର୍ଶନ ସାବ୍ୟସ୍ତ ହେବ । ଏବଂ ସମ୍ଭବତଃ ଏହି ନିଦର୍ଶନ ଏପରି ପ୍ରବଳ ମାତ୍ରାରେ ପ୍ରକଟିତ ହେବ, ଯେପରି ବହିଯାଉଥିବା ନଦୀର ଜଳଧାରା । ଶେଷରେ ମୁଁ ପ୍ରତ୍ୟେକ ମୁସଲମାନଙ୍କୁ ଉପଦେଶପୂର୍ବକ କହୁଛି ଯେ ଇସଲାମ ପାଇଁ ଜାଗ୍ରତ ହୋଇଯାଅ ଯାହା ଏବେ ଉତ୍କଟ ବିଶୃଙ୍ଖଳାର ସମ୍ମୁଖୀନ ହୋଇଛି, ତାହାର ସହାୟତା କର । ବର୍ତ୍ତମାନ ତାହା ଏକ ଦୀନହୀନ ଓ ବିପଦଶଙ୍କୁଳ ଅବସ୍ଥାରେ ରହିଛି ।

★ **ପାଦଟୀକା–** ନିଜର ଲିଖିତ ପତ୍ର ଅତ୍ୟନ୍ତ ସାବଧାନତାର ସହିତ ରେଜେଷ୍ଟ୍ରି ମୋହର ଲଗାଇ ଆସିବା ଆବଶ୍ୟକ । ସେହି ଗୋପନ ତଥ୍ୟକୁ ସମୟ ପୂର୍ବରୁ ପ୍ରକାଶ ନକରନ୍ତୁ ଏବଂ ସଂପୂର୍ଣ୍ଣ ନିଶ୍ଚିନ୍ତ ରୁହନ୍ତୁ ଯେ ଏଠାରେ ମଧ୍ୟ ତାହା ଗୋପନ ରଖାଯିବ । ପତ୍ର ପ୍ରେରଣ ନକରି ଯଦି ନିଜର କୌଣସି ବିଶ୍ୱସ୍ତ ପ୍ରତିନିଧିଙ୍କୁ ପଠାଇଦିଅନ୍ତି, ତେବେ ଏହା ଆହୁରି ସ୍ୱାଗତଯୋଗ୍ୟ ବିଷୟ ।

ମୁଁ ଏଥିପାଇଁ ଆସିଛି, ଦେଖ ଈଶ୍ୱର ମୋତେ କୁରଆନର ତତ୍ତ୍ୱଜ୍ଞାନ ପ୍ରଦାନ କରିଛନ୍ତି ଏବଂ ସେ ମୋ ପ୍ରତି ନିଜ ପୁସ୍ତକ କୁରଆନର ଗୂଢ଼ ରହସ୍ୟ ଓ ସତ୍ୟାସତ୍ୟ ଉନ୍ମୁକ୍ତ କରିଛନ୍ତି । ମୋତେ ଶକ୍ତିର ଆହାର ପ୍ରଦାନ କରିଛନ୍ତି । ସୁତରାଂ ତୁମେ ମୋ ନିକଟକୁ ଆସ, ଯଦ୍ୱାରା ତୁମେ ସେହି ପୁରସ୍କାରରୁ ଭାଗ ନେବ । ମୁଁ ସେହି ଈଶ୍ୱରଙ୍କ ନାମରେ ଶପଥ କରି କହୁଛି ଯାହାଙ୍କ ହସ୍ତରେ ମୋ ଜୀବନ ନାଟିକା ରହିଛି ଯେ ମୁଁ ତାଙ୍କରି ନିକଟରୁ ପ୍ରେରିତ । କ'ଣ ଏହା ଆବଶ୍ୟକ ନଥିଲା ଯେ ଏଭଳି ଭୟଙ୍କର ଓ ସୁସ୍ପଷ୍ଟ ଦୈବୀ ଦୁର୍ବିପାକ ସମୟରେ ଜଣେ ସୁଧାରକ ଏହି ବିଭୀଷିକା ସମ୍ବନ୍ଧରେ ସତର୍କ କରାଇବାର ମୁକ୍ତକଣ୍ଠରେ ଘୋଷଣା କରିଥାନ୍ତା । ସୁତରାଂ ଖୁବ୍ ଶୀଘ୍ର ତୁମେ ମୋର କାର୍ଯ୍ୟ ସହିତ ପରିଚିତ ହୋଇ ମୋତେ ଚିହ୍ନି ନେବ । ଈଶ୍ୱରଙ୍କ ନିକଟରୁ ଆସିଥିବା ପ୍ରତ୍ୟେକ ଅବତାରଙ୍କୁ ସେହି ସମୟର ଧର୍ମଜାଯକମାନେ ତାଙ୍କ ମାର୍ଗରେ ପ୍ରତିବନ୍ଧକ ସୃଷ୍ଟି କରିଛନ୍ତି । କିନ୍ତୁ ପରିଶେଷରେ ସେହି ମହାପୁରୁଷ ନିଜର କାର୍ଯ୍ୟ ଦ୍ୱାରା ହିଁ ନିଜର ପରିଚୟ ହାସଲ କରିଥାନ୍ତି । ଦେଖ, ଏକ ତିକ୍ତମୟ ଗଛରୁ କଦାପି ସ୍ୱାଦିଷ୍ଟ ଫଳ ଉତ୍ପନ୍ନ ହୋଇ ନଥାଏ । ଈଶ୍ୱର ଅପରିଚିତଙ୍କୁ ସମୃଦ୍ଧି ପ୍ରଦାନ କରି ନଥାନ୍ତି, ଯାହା ସେ ଆପଣା ପ୍ରିୟଗଣଙ୍କୁ ଅର୍ପଣ କରିଥାନ୍ତି । ହେ ଲୋକମାନେ ! ଇସଲାମ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ଏବଂ ଚର୍ତୁପାର୍ଶ୍ୱରୁ ଶତ୍ରୁ ତାହାକୁ ଘେରି ରହିଛନ୍ତି । ବର୍ତ୍ତମାନ ସୁଦ୍ଧା ତିନି ହଜାରରୁ ଅଧିକ ଅଭିଯୋଗମାନ ଆସି ମୋ ନିକଟରେ ଠୁଳ ହୋଇ ସାରିଲାଣି । ଏପରି ଅବସ୍ଥାରେ ସହାନୁଭୂତି ପୂର୍ବକ ନିଜର ଆସ୍ଥା ପ୍ରଦର୍ଶନ କର ଏବଂ ଈଶ୍ୱରଙ୍କ ଅଭିଳାଷୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯାଅ ।

**ଓ୍ୱସଲାମ୍ ଅଲା ମନିତ୍ ତବାଅଲ୍ ହୁଦା** **والسلام علٰی من اتبع الھدٰی**

بیکسے شد دین احمدؐ ہیچ خویش و یار نیست ہر کسے درکار خود بادین احمدؐ کار نیست
ہر طرف سیلِ ضلالت صد ہزاران تن ربود حیف بر چشمے کہ اکنون نیز ہم ہشیار نیست
اے خداوندانِ نعمت ایں چنیں غفلت چراست بیخود از خوابید یا خود بختِ دین بیدار نیست
اے مسلمانان خدا را یک نظر برحالِ دین آنچہ می بینم بلاہا حاجتِ اظہار نیست
آتش افتاد است در رختش بخیزید اے یلان دیدنش از دور کارِ مردمِ دیندار نیست
ہر زمان از بہرِ دین درخون دلِ من می تپد محرمِ این درد ماجز عالمِ اسرار نیست
آنچہ برما می رود از غم کہ داند جُز خدا زہر می نوشیم لیکن زہرۂ گفتار نیست
ہر کسے غمخواری اہل و اقارب می کند اے دریغ این بیکسی را ہیچ کس غمخوار نیست

خونِ دین بینم روان چون کشتگانِ کربلا — اے عجب ایں مرد مان رامہرآن دلدار نیست
حیرتم آید چو بینم بذل شان درکار نفس — کاین ہمہ جود و سخاوت در رہِ دا دار نیست
اے کہ داری مقدرت ہم عزم تائیداتِ دیں — لُطف کن مارا نظر براندک و بسیار نیست
بین کہ چون درخاک می غلطد ز جورِ ناکساں — آنکہ مثل او بزیر گنبدِ دوّار نیست
اندرین وقتِ مصیبت چارۂ ما بیکساں — جُز دُعاء بامداد و گریۂ اسحار نیست
اے خدا ہرگز مکن شادآن دلِ تاریک را — آنکہ او را فکرِ دینِ احمدِؐ مختار نیست
اے برادر پنج روز ایّام عشرت ہا بود — دائمًا عیش و بہار گلشن و گلزار نیست

راقـــم مرزا غلام احمدؐ از قادیان ضلع گورداسپورہ پنجاب

ବିନୀତ ଲେଖକ: **ମିର୍ଜା ଗୁଲାମ ଅହମଦ କାଦିୟାନୀ**
ଜିଲା- ଗୁରୁଦାସପୁର, ପଞ୍ଜାବ

## ପୁସ୍ତକ: 'ଆଇନା କମାଲାତେ ଇସଲାମ୍'ର ପାଠକମାନଙ୍କ ନିମନ୍ତେ ସୂଚନା

ବର୍ତ୍ତମାନ ମୁଁ ଏକ ପୁସ୍ତକ "ଆଇନା କମାଲାତେ ଇସଲାମ୍"ରଚନା କରିଛି । ଏହି ପୁସ୍ତକକୁ ଗଭୀର ଅନୁସନ୍ଧାନ ଓ ବିଶ୍ଳେଷଣ ପୂର୍ବକ ପବିତ୍ର କୁରଆନ ଓ ଇସଲାମ୍ ଧର୍ମର ସୌନ୍ଦର୍ଯ୍ୟ ତଥା ବୈଶିଷ୍ଟ୍ୟ ବର୍ଣ୍ଣନା କରାଯାଇଛି । ଏତତ୍‌ବ୍ୟତୀତ ଏହାର ପ୍ରତିପକ୍ଷ ଧର୍ମଗୁଡ଼ିକର ଭ୍ରାନ୍ତ ସିଦ୍ଧାନ୍ତଗୁଡ଼ିକୁ ଖଣ୍ଡନ କରାଯାଇଛି ଏବଂ ସାଂସାରିକ ଗୋଷ୍ଠୀ ସମୁହର ମିଥ୍ୟା ବିଶ୍ୱାସ ଆଦିକୁ ଅତି ଉତ୍ତମ ରୂପେ ମୂଳୋତ୍ପାଟନ କରି ଦିଆଯାଇଛି । ଏହି ପୁସ୍ତକ ୬୫୦ରୁ ଉର୍ଦ୍ଧ୍ୱ ପୃଷ୍ଠା ବିଶିଷ୍ଟ ଏବଂ ଏହାର ମୂଲ୍ୟ ଦୁଇଶତ ଟଙ୍କା ଧାର୍ଯ୍ୟ କରାଯାଇଛି । ଟିକସ ଏହା ଅତିରିକ୍ତ । ଏଥିସହିତ ନିମ୍ନଲିଖିତ କେତୋଟି ପୁସ୍ତକ ମଧ୍ୟ ପ୍ରକାଶିତ କରାଯାଇଛି ।

'ଫତାହ୍ ଇସଲାମ୍', 'ତୌଜି ମରାମ୍', 'ଇଜାଲାଃ ଅଓ୍ୱହାମ୍' ମୂଲ୍ୟ ଠାରୁ ଟିକସ ଅତିରିକ୍ତ ରହିଛି । ଫତହା ଇସଲାମ୍ ଓ ତୌଜି ମରାମ୍‌ର ମୂଲ୍ୟ ଖଣ୍ଡ ପ୍ରତି ଆଠ ଅଣା ଥିଲା, କିନ୍ତୁ ବର୍ତ୍ତମାନ ଆମେ ତାହାର ମୂଲ୍ୟ ହ୍ରାସ କରି କେବଳ ଚାରି ଅଣା କରି ଦେଇଛୁ ।

ପ୍ରକାଶକ
**ମିର୍ଜା ଗୁଲାମ ଅହମଦ**
କାଦିୟାନ, ଜିଲା ଗୁରଦାସପୁର, ପଞ୍ଜାବ

بسم الله الرحمن الرحيم

اللهم صل على محمد و آل محمد افضل الرسل و خاتم النبيين

# ବିଜ୍ଞାପନ

ପୁସ୍ତକ 'ବରାହିନେ ଅହମଦିୟା' ଯାହାକୁ ଈଶ୍ୱରଙ୍କ ତରଫରୁ ପ୍ରେରିତ ଏହି ବିନୀତ ଲେଖକ ଐଶ୍ୱରିକ ବାଣୀ ତଥା ଐଶୀ ନିର୍ଦ୍ଦେଶ ପ୍ରାପ୍ତ କରି ଇସଲାମ୍‌ର ସଂସ୍କାର ଓ ନବୀକରଣ ଲକ୍ଷ୍ୟରେ ରଚନା କରିଅଛି । ଏହି ପୁସ୍ତକ ସହିତ ୧୦,୦୦୦ଟଙ୍କା ପୁରସ୍କାର ରଖାଯାଇଛି । ଏହି ଗ୍ରନ୍ଥର ସାରକଥା ହେଉଛି, ଯେଉଁ ଧର୍ମ ସଂସାରରେ ଅଲ୍ଲାଃଙ୍କ ନିକଟରୁ ଅବତୀର୍ଣ୍ଣ ହୋଇଥିବା ବାଣୀ ତଥା ସେହି ସତ୍ୟଧର୍ମ ଯାହା ମାଧ୍ୟମରେ ମନୁଷ୍ୟ ଈଶ୍ୱରଙ୍କୁ ପ୍ରତ୍ୟେକ ଦୋଷତ୍ରୁଟି ଓ ଦୁର୍ବଳତାରୁ ପବିତ୍ର ମନେକରି ତାଙ୍କୁ ବିଶୁଦ୍ଧ, ଆବିଳତାରୁ ମୁକ୍ତ ତଥା ସର୍ବଗୁଣସମ୍ପନ୍ନ ହେବାର ଦୃଢ ବିଶ୍ୱାସ ରଖିଥାଏ, ତାହା ହେଉଛି କେବଳ ଇସଲାମ ଧର୍ମ । ଏଥି ମଧ୍ୟରେ ସତ୍ୟର କଲ୍ୟାଣ ସୂର୍ଯ୍ୟ ପରି ଝଟକୁଛି ଓ ସତ୍ୟର ପ୍ରକାଶ ଦିବାଲୋକ ପରି ବିଦ୍ୟମାନ । ଅନ୍ୟ ସମସ୍ତ ଧର୍ମ ଏପରି ଭିତ୍ତିହୀନ ତତ୍ତ୍ୱ ଦ୍ୱାରା କଳୁଷିତ ହୋଇଯାଇଛି, ଯାହା ନା କେବେ ବୌଦ୍ଧିକ ଜ୍ଞାନର ପରୀକ୍ଷାରେ ତାହାର ନିୟମ ସଠିକ୍ ଓ ନିର୍ଭୁଲ ପ୍ରମାଣିତ ହେଉଛି ଏବଂ ନା ତାହାକୁ ଅନୁସରଣ କରିବା ଦ୍ୱାରା କିଞ୍ଚିତ ମାତ୍ର ଆଧ୍ୟାତ୍ମିକତାରୁ କଲ୍ୟାଣ ଓ ପ୍ରଭୁଙ୍କର ସ୍ୱୀକୃତି ପ୍ରାପ୍ତ ହେବ । ବରଂ ତାହା ପାଳନ କରିବା ଦ୍ୱାରା ମନୁଷ୍ୟ ଅତ୍ୟନ୍ତ ନିମ୍ନ ସ୍ତରର ପ୍ରାଣୀ, ଧର୍ମାନ୍ଧତାରେ ପରିପୂର୍ଣ୍ଣ ତଥା ବୁଦ୍ଧି ବିବେକହୀନ ହୋଇଯାଇଥାଏ । ତା'ର ନିର୍ବୋଧତା ଏହି ସଂସାରରେ ଦୃଶ୍ୟମାନ ହୋଇଥାଏ ।

ସେହି ପୁସ୍ତକରେ ଇସଲାମ୍ ଧର୍ମର ଦୁଇ ପ୍ରକାର ସତ୍ୟତା ପ୍ରମାଣିତ କରାଯାଇଛି । ପ୍ରଥମତଃ ତିନିଶହ ସୁଦୃଢ ବୌଦ୍ଧିକ ପ୍ରମାଣ, ଯାହା ଦୃଢ ସତ୍ୟ ଉପରେ ପ୍ରତିଷ୍ଠିତ ହେବା ବିଷୟରେ ସେହିଥିରୁ ପ୍ରମାଣିତ ହେଉଛି ଯେ ଯଦି କୌଣସି ଇସଲାମ୍ ବିରୋଧି ସେହି ପ୍ରମାଣଗୁଡ଼ିକୁ ଖଣ୍ଡନ କରିଦିଏ, ତେବେ ତାକୁ ଦଶ ହଜାର ଟଙ୍କାର ନଗଦ ରାଶୀ ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବାର ବିଜ୍ଞାପନ ଦିଆଯାଇଛି । ଯଦି କେହି ଇଚ୍ଛା କରନ୍ତି, ତେବେ ନିଜର ଆଶ୍ୱସ୍ତି ସକାଶେ ଅଦାଲତରେ ରେଜେଷ୍ଟ୍ରି କରିପାରନ୍ତି । ଦ୍ୱିତୀୟତଃ ସେହି ଐଶ୍ୱରିକ ନିଦର୍ଶନ ଯାହା ସତ୍ୟଧର୍ମର ଯଥାର୍ଥ ପ୍ରତିପାଦନ କରିବା ନିମନ୍ତେ ଅତ୍ୟନ୍ତ ଜରୁରୀ । ଏହି ବିନୀତର ଉଦ୍ଦେଶ୍ୟ ହେଉଛି ଯେ ସତ୍ୟ ଧର୍ମ ଇସଲାମ୍ ଦିବାକର ସଦୃଶ ଉଜ୍ଜ୍ୱଳ ହୋଇଯାଉ । ଏହାକୁ

ତିନୋଟି କିସମର ନିଦର୍ଶନ ଦ୍ୱାରା ପ୍ରମାଣ କରି ଦେଖାଇଛି । **ପ୍ରଥମତଃ** ସେହି ନିଦର୍ଶନ ଯାହା ହଜରତ ମୁହମ୍ମଦସଅଙ୍କ ସମୟରେ ବିରୋଧିମାନେ ତାଙ୍କ ହସ୍ତରେ ଏବଂ ମହାଭାଗଙ୍କ ପ୍ରାର୍ଥନା, ଧ୍ୟାନ ଓ ଆଶୀଷ ବଳରେ ପ୍ରକଟିତ ହେବାର ସ୍ୱଚକ୍ଷୁରେ ଦେଖି ନେଇଥିଲେ । ଏହି ବିନୀତ ସେହି ବିଷୟକୁ ଐତିହାସିକ ଘଟଣା ରୂପେ ଏକ ସ୍ୱତନ୍ତ୍ର ଓ ଉଚ୍ଚ ସ୍ତରୀୟ ପ୍ରମାଣ ଏକତ୍ର କରି ଭିନ୍ନ ଶୈଳୀରେ ଉପସ୍ଥାପନ କରିଛି । **ଦ୍ୱିତୀୟତଃ** ନିଦର୍ଶନ ସ୍ୱୟଂ ପବିତ୍ର କୁରଆନର ଚିରସ୍ଥାୟୀ ଆଶୀଷ ଦ୍ୱାରା ଅତୁଳନୀୟ ଓ ଚିରନ୍ତନ ଶିକ୍ଷା ରୂପେ ମିଳୁଅଛି । ଏହି ବିନୀତର ଉପମା ସୂଚକ ବିସ୍ତୃତ ବର୍ଣ୍ଣନା ଦ୍ୱାରା ପ୍ରତ୍ୟେକ ସାଧାରଣ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପରେ ଉନ୍ମୁକ୍ତ ହେଉଛି, ଯାହାର କୌଣସି ଜୀବର ବାହାନା ଓ ସଂଶୟ କାହାରି ପାଇଁ ବାକି ରଖି ନାହିଁ । **ତୃତୀୟତଃ** ସେହି ନିଦର୍ଶନ, ଯାହାକୁ ବାପଅଜାମାନେ ପବିତ୍ର କୁରଆନ ଓ ହଜରତ ମୁହମ୍ମଦସଅଙ୍କୁ ଅନୁସରଣ କରିଥିବା ଯୋଗୁଁ ତାଙ୍କର ସନ୍ତାନ ସନ୍ତତିଗଣ ଈଶ୍ୱରଙ୍କ ନିକଟରୁ ବିଶେଷ କୃପା ଲାଭ କରିଥାନ୍ତି । ଏହାର ପ୍ରାମାଣିକ ନିଦର୍ଶନ ସ୍ୱରୂପ ଅନେକ ସତ୍ୟ ଐଶ୍ୱରିକ ବାଣୀ, ଦିବ୍ୟ ଚେତନା, ଐଶୀ ପରାକ୍ରମ ଏବଂ ଭବିଷ୍ୟତ ଘଟଣାବଳୀ ଗୁପ୍ତ ସମ୍ବାଦ, ଦୈବୀସ୍ୱପ୍ନ ତଥା ସ୍ୱୀକୃତି ଲାଭ କରିଥିବା ପ୍ରାର୍ଥନା ଯାହା ଏହି ଧର୍ମସେବକ ଦ୍ୱାରା ସମ୍ପାଦିତ ହୋଇଥାଏ । ସେସବୁର ସତ୍ୟତା ସିଦ୍ଧ ହୋଇଥିବାର ଅନେକ ଆର୍ଯ୍ୟ ସମାଜୀ ଜ୍ୱଳନ୍ତ ସାକ୍ଷ୍ୟ ସ୍ୱରୂପ ଉପସ୍ଥିତ ଅଛନ୍ତି । ଏହାକୁ ସ୍ୱରଚିତ ଗ୍ରନ୍ଥରେ ଏହି ବିନୀତ ଉଲ୍ଲେଖ କରିଅଛି । ଏହି ବିନୀତକୁ ଏହି ସୁସମାଚାର ମଧ୍ୟ ପ୍ରଦାନ କରାଯାଇଛି ଯେ ବିନୀତ ହେଉଛି ଯୁଗାବତାର । ଆଧ୍ୟାତ୍ମିକ ସ୍ଥଳେ ଏହି ବିନୀତ (ଯେ କି ନିଜକୁ ଦ୍ୱିତୀୟ ଯୀଶୁ ବୋଲି ଦାବି କରିଛି–ଅନୁବାଦକ) ମରିୟମ ନନ୍ଦନ ମସିହଙ୍କ ସହିତ ସାଦୃଶ୍ୟ ରକ୍ଷା କରୁଛି । ଉଭୟଙ୍କର ଗୁଣାବଳୀ ସମାନ ଓ ପରସ୍ପର ମଧ୍ୟରେ ଅପୂର୍ବ ସାମଞ୍ଜସ୍ୟ ରହିଛି । ଈଶ୍ୱରଙ୍କ ବିଶେଷ କୃପା ବଳରେ ଅବତାରମାନଙ୍କ ସଦୃଶ କେବଳ ନବୀ ଶିରୋମଣୀ ହଜରତ ମୁହମ୍ମଦସଅଙ୍କୁ ଅନୁସରଣ କରିବାର ଆଶୀର୍ବାଦ ଫଳରେ ଅନେକ ଧର୍ମାତ୍ମାମାନଙ୍କ ମଧ୍ୟରେ ଉଚ୍ଚପଦ ପ୍ରଦାନ କରାଯାଇଛି, ଯେଉଁମାନେ ମୋର ଆଗମନ ପୁର୍ବରୁ ଏହି ଇହଧାମରୁ ବିଦାୟ ନେଇଛନ୍ତି । ଈଶ୍ୱରଙ୍କ ନିର୍ଦ୍ଦେଶିତ ମାର୍ଗରେ ପରିଚାଳିତ ହେବା ଦ୍ୱାରା ସକଳ ମୋକ୍ଷ, କଲ୍ୟାଣ ଓ ସୌଭାଗ୍ୟ ଅର୍ଜନ କରାଯାଇଥାଏ । କିନ୍ତୁ ତାଙ୍କ ପ୍ରତି ବିମୁଖ ହେବା ଦ୍ୱାରା କେବଳ ଦୁର୍ଭାଗ୍ୟ ଓ ନିରାଶା ହିଁ ମିଳିଥାଏ । ଏ ସମସ୍ତର ପ୍ରମାଣ ପାଇବା ନିମନ୍ତେ ପୁସ୍ତକ 'ବରାହିନେ ଅହମଦିୟା'ର ଅଧ୍ୟୟନ କରିବା ଆବଶ୍ୟକ । ଫଳରେ ଯାହାର ତିନିଶହ ଭାଗ ମଧ୍ୟରୁ ୩୭ଟି ଭାଗ ପ୍ରକାଶିତ ହୋଇ ସାରିଲାଣି । ସତ୍ୟର ଅନୁସନ୍ଧିତ୍ସୁମାନଙ୍କ ସନ୍ଦେହ ଓ

ସଂପୂର୍ଣ୍ଣ ଆଶ୍ୱସ୍ତି ଲାଭ କରିବା ସକାଶେ ସ୍ୱୟଂ ଏହି ବିନୀତ ସଦାସର୍ବଦା ପ୍ରସ୍ତୁତ ଅଛି ଏବଂ ପ୍ରତିକ୍ଷଣ ଉପସ୍ଥିତ ଅଛି ।

وَ ذَالِکَ فَضْلُ اللّٰہِ یُؤْتِیۡہِ مَنۡ یَّشَآءُ وَلَا فَخْرَ ۔ وَالسَّلَامُ عَلٰی مَنِ اتَّبَعَ الْھُدٰی۔

**ୱ୍ଜାଲିକା ଫଜ୍‌ଲୁଲ୍ଲାହି ୟୁତିହି ମଇଁ ୟଶାଉ ୱ୍ଲା ଫଖ୍‌ରା ଓସ୍‌ସଲାମୁ ଅଲା ମନିତ୍ ତବାଅଲ୍ ହୁଦା** ଏବଂ ଯଦି ଏହି ବିଜ୍ଞାପନ ଶୁଣିବା ଉତ୍ତାରେ କୌଣସି ବ୍ୟକ୍ତି ସତ୍ୟର ସନ୍ଧାନରେ ଅଗ୍ରସର ହୋଇ ନିଜ ଭ୍ରାନ୍ତଧାରଣା ଦୂର କରିବାକୁ ଚେଷ୍ଟା ନକରେ ଏବଂ ନିଷ୍ପାପର ଭାବରେ ସ୍ୱଚ୍ଛ ହୃଦୟର ସହ ଉପସ୍ଥିତ ନହୁଏ, ତେବେ ଆମ ତରଫରୁ ମଧ୍ୟ ଅବଗତ କରାଇ ଆମେ ଆମର କର୍ତ୍ତବ୍ୟ ସମ୍ପାଦନ କରିଦେଇଛୁ, ଯେ ସେମାନେ ଏଥିପାଇଁ ଈଶ୍ୱରଙ୍କ ନିକଟରେ ଉତ୍ତରଦାୟୀ ହୋଇ ରହିବେ । ଅନ୍ତତଃ ସେହି ବିଜ୍ଞାପନକୁ ଏହି ପ୍ରାର୍ଥନା ସହିତ ଶେଷ କରୁଛି ଯେ ସେହି ସର୍ବଶକ୍ତିମାନ ଈଶ୍ୱର ସମ୍ବେଦନଶୀଳ ହୃଦୟଗୁଡ଼ିକୁ ସତ୍‌ପଥ ପ୍ରଦର୍ଶନ କରନ୍ତୁ, ଯଦ୍ୱାରା ସେମାନେ ତୁମ୍ଭ ପ୍ରିୟ ନବୀ ହଜରତ ମୁହମ୍ମଦ[ସଅ] ଓ ତୁମ୍ଭର ସଂପୂର୍ଣ୍ଣ ବାଣୀ ସମ୍ବଳିତ ପବିତ୍ର କୁରଆନକୁ ଗ୍ରହଣ କରନ୍ତୁ ଏବଂ ତାହାର ଆଦେଶ ଅନୁଯାୟୀ ପାଳନ କରନ୍ତୁ । ଯଦ୍ୱାରା ସେମାନେ ସେ ସମସ୍ତ କଲ୍ୟାଣ, ଗୌରବ ଓ ପ୍ରକୃତ ଆନନ୍ଦ ପ୍ରାପ୍ତି ଦ୍ୱାରା ଉପକୃତ ହୋଇପାରିବେ, ଯାହା ନିଷ୍ପାପର ମୁସଲମାନମାନଙ୍କୁ ଉଭୟ ଜଗତରେ ପ୍ରାପ୍ତ ହୋଇଥାଏ । ସେହି ମୁକ୍ତି ପଥରେ ଯାଇ ଚୀରସ୍ଥାୟୀ ଜୀବନ ଲାଭ କରନ୍ତୁ ଯାହା ପରକାଳରେ ହାସଲ ହୋଇଥାଏ । ବରଂ ସତ୍ୟବାଦୀ ଓ ସଦାଚାରୀମାନଙ୍କୁ ଏହି ଜଗତରେ ଲାଭ ହୋଇଥାଏ । ବିଶେଷତଃ ଇଂଗ୍ରେଜ ଲୋକଙ୍କ ଠାରେ ଆମେ ଚିର କୃତଜ୍ଞ, ଯେଉଁମାନେ ଏପର୍ଯ୍ୟନ୍ତ ଏହି ସତ୍ୟର ଉଜ୍ଜ୍ୱଳମୟ ସୂର୍ଯ୍ୟାଲୋକରୁ ନିମିତ୍ତ ମାତ୍ର ପ୍ରକାଶ ହାସଲ କରି ନଥାନ୍ତି । ସେମାନଙ୍କ ଶାସନରେ ଶୃଙ୍ଖଳିତ ବ୍ୟବସ୍ଥା, ସୁନ୍ଦର ଆଚରଣ ଓ ଉଦାର ମନୋଭାବପନ୍ନ ସରକାରଙ୍କ ଦ୍ୱାରା ଆମେ ଲାଭାନ୍ୱୀତ ହେଉଛେ । ଆମେ ସେମାନଙ୍କ ଅନୁଗ୍ରହ ଓ ସହଯୋଗ ଯୋଗୁଁ ମନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ଲାଭ କରୁଛୁ, ଯଦ୍ୱାରା ଆମେ ସେମାନଙ୍କର ଇହ ଓ ପରକାଳରେ ଉନ୍ନତି ଓ ନିରାପତ୍ତା କାମନା କରୁଛୁ । ଫଳସ୍ୱରୂପ ଶୁଭ୍ର ଚେହେରାଧାରୀ ଗୋରା ଲୋକ ଯେପରି ଏହି ଇହକାଳରେ ସୌମ୍ୟ ଦେଖା ଯାଉଛନ୍ତି, ପରକାଳରେ ମଧ୍ୟ ସେହିପରି ଉଜ୍ଜ୍ୱଳମୟ ହୋଇଯାଆନ୍ତୁ ।

ବିନୟାବନତ

**ମିର୍ଜା ଗୁଲାମ ଅହମଦ କାଦିୟାନୀ**

ଜିଲା ଗୁରଦାସପୁର, ପଞ୍ଜାବ